# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଅକ୍ଟୋବର ୩୧ /୨୦୧୮ (୧୬ ପୃଷ୍ଠା) (ସାହିତ୍ୟାୟନ ସହ) Rayagada, Wednesday, October 31 / 2018 ★

୮ମ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-






ଏନ୍‌ଡିଏ ସରକାର ପ୍ରଯୁକ୍ତିବିଦ୍ୟାକୁ ସାମାଜିକ ନ୍ୟାୟ, ସଶକ୍ତିକରଣ ଓ ସ୍ୱଚ୍ଛତାର ଏକ ମାଧ୍ୟମରେ ପରିଣତ କରିଛନ୍ତି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଭାରତରେ ଇଟାଲୀ ପ୍ରଧାନମନ୍ତ୍ରୀ
## ମୋଦି-କୋଣ୍ଟେ ଆଲୋଚନା



**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ଭାରତ ଗସ୍ତରେ ଆସିଥିବା ଇଟାଲୀ ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ମଙ୍ଗଳବାର ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ବାଣିଜ୍ୟ ଓ ପୁଞ୍ଜିନିବେଶରେ ସହଯୋଗ ବୃଦ୍ଧି ଆଦି କ୍ଷେତ୍ର ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କୋଣ୍ଟେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ (ଡିଏସ୍‌ଟି) ଏବଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଭାରତ-ଇଟାଲୀ ସମ୍ମିଳନୀର ୨୪ତମ ସଂସ୍କରଣରେ କୋଣ୍ଟେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୮୦୦ ଫୁଟ ଉପରୁ ଖସି
## କେରଳୀ ଦମ୍ପତିଙ୍କ ମୃତ୍ୟୁ



**ନ୍ୟୁୟର୍କ,୩୦।୧୦(ପି.ଟି.):** ଆମେରିକାସ୍ଥିତ କାଲିଫର୍ନିଆର ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଭାରତୀୟ ଦମ୍ପତି ୮୦୦ ଫୁଟ ଉଚ୍ଚରୁ ତଳକୁ ଖସିପଡ଼ିଛନ୍ତି। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। କେରଳର ବିଷ୍ଣୁ ବିଶ୍ୱନାଥ (୨୯) ଆମେରିକାର ସାନ୍ ଫ୍ରାନ୍‌ସିସ୍କୋରେ ସିଷ୍ଟମ୍ ଇଞ୍ଜିନିୟର ଭାବେ କାମ କରୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ମୂର୍ତ୍ତି (୩୦) ନିକଟରେ ୟୋସେମାଇଟ୍ ପାର୍କ ବୁଲିବାକୁ ଯାଇଥିବାବେଳେ ଟାଫ୍ଟ ପଏଣ୍ଟରୁ ୮୦୦ ଫୁଟ ତଳକୁ ଖସିପଡ଼ିଥିଲେ। ପୋଲିସ ପାହାଡ଼ ତଳୁ ଉଭୟଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଚଳିତବର୍ଷ ଏହି ସ୍ଥାନରୁ ଖସିପଡ଼ି ୧୦ ଜଣଙ୍କ ମୃତ୍ୟୁ ଘଟିସାରିଲାଣି।

### ମାଲେଗାଓଁ ବିସ୍ଫୋରଣ ମାମଲା
## ପୁରୋହିତ, ସାଧ୍ୱୀଙ୍କ ନାଁରେ ଚାର୍ଜଫ୍ରେମ୍

**ମୁମ୍ବାଇ,୩୦।୧୦(ପି.ଟି.):** ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ମଙ୍ଗଳବାର ଲ୍ୟୁଟ୍‌ନାଣ୍ଟ କଲୋନେଲ ପ୍ରସାଦ ପୁରୋହିତ, ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଏବଂ ଅନ୍ୟ ୫ ଜଣଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। ଏମାନଙ୍କ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା ଓ ଅନ୍ୟାନ୍ୟ ସଙ୍ଗିନ ଅଭିଯୋଗ ରହିଛି। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଏବଂ ଆଇପିସିର ବିଭିନ୍ନ ଦଫା ଅନୁଯାୟୀ ୭ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଛି। ଏମାନେ ଏବେ ବିଚାରର ସମ୍ମୁଖୀନ ହେବେ ବୋଲି ମୁମ୍ବାଇସ୍ଥିତ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟର ବିଚାରପତି ବିନୋଦ ପଦଲକର କହିଛନ୍ତି। ନଭେମ୍ବର ୨ରୁ ମାମଲାର ଶୁଣାଣି ଆରମ୍ଭ ହେବ।

### ଇତିହାସର ଆଇନାରେ
## ଅକ୍ଟୋବର ୩୧ର ପ୍ରମୁଖ ଘଟଣା

୧୯୮୪ ଅକ୍ଟୋବର ୩୧ରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କର ଦୁଇ ଅଙ୍ଗରକ୍ଷୀ ବେଅନ୍ତ ସିଂ ଏବଂ ସତୱନ୍ତ ସିଂ ଇନ୍ଦିରାଙ୍କୁ ତାଙ୍କ ବାସଭବନ ବାହାରେ ୩୦ ରାଉଣ୍ଡ ଗୁଳିକରି ହତ୍ୟା କରିଥିଲେ।

୨୦୧୫ ଅକ୍ଟୋବର ୩୧ରେ ଋଷିଆନ୍ ଏୟାରଲାଇନ୍ସର ମେଟ୍ରୋଜେଟ୍ ବିମାନ ୯୨୬୮ରେ ବିସ୍ଫୋରଣ ଘଟିଥିଲା। ଏଥିରେ ୨୨୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଉତ୍ତର ସିନାଇ ପେନିନ୍‌ସୁଲାରେ ଏହି ବିସ୍ଫୋରଣ ହୋଇଥିଲା।

### ■ ୧୮ ଆସନରେ ବିଧାନସଭା ନିର୍ବାଚନକୁ ୧୩ ଦିନ
# ଛତିଶଗଡ଼ରେ ଲାଲ ଆତଙ୍କ

ରାୟପୁର/ନୂଆଦିଲ୍ଲୀ,୩୦।୧୦



ଛତିଶଗଡ଼ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୩ ଦିନ ବାକି ଥିବାବେଳେ ପଡ଼ୋଶୀ ରାଜ୍ୟରେ ଦେଖାଦେଇଛି ଲାଲ ଆତଙ୍କ। ମାଓବାଦୀମାନେ କେତେବେଳେ ନିର୍ବାଚନ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରୁଛନ୍ତି ତ ଆଉ କେତେବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଟିମ୍‌କୁ ଆକ୍ରମଣ କରୁଛନ୍ତି। ଏହି କ୍ରମରେ ୪ ଦିନ ମଧ୍ୟରେ ମାଓବାଦୀଙ୍କ ଗୁଳିମାଡ଼ରେ ୨ ଓଡ଼ିଆଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଲାଣି। ପୋଲିସ ପ୍ରଶାସନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା କହୁଥିବାବେଳେ ମାଓବାଦୀଙ୍କ ସଂହାରଲୀଳା ରାଜ୍ୟର ଭାଜପା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ରମଣ ସିଂ କ୍ଷମତାରେ ରହିବାର ନୈତିକତା ହରାଇଥିବା ଦର୍ଶାଇ ତାଙ୍କର ଇସ୍ତଫା ଦାବି କରିଛି କଂଗ୍ରେସ। ମିଳିଥିବା ସୂଚନାନୁସାରେ, ସୁରକ୍ଷା ବଳକୁ ଘେରିବା ପାଇଁ ମାଓବାଦୀମାନେ ନାନା ଉପାୟ ଅବଲମ୍ବନ କରୁଛନ୍ତି। କେତେବେଳେ ଆଇଇଡି ତ ଆଉ କେତେବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ଯବାନଙ୍କ ମୁଣ୍ଡ ନେବା ପାଇଁ ସେମାନେ ରଚିଛନ୍ତି ସାଂଘାତିକ ଷଡ଼ଯନ୍ତ୍ର। ମଙ୍ଗଳବାର ଏହାର ଏକ ଝଲକ ଦେଖିବାକୁ ମିଳିଛି ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ। ଅରନ୍‌ପୁର ଥାନାରୁ ନିଲୱାୟା ଗ୍ରାମ ଅଭିମୁଖେ ଯାଉଥିବାବେଳେ ମାଓବାଦୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଦୂରଦର୍ଶନର ଏକ ଟିମ୍ ଓ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ। ଜଙ୍ଗଲରେ ଲୁଚିଥିବା ଶତାଧିକ ମାଓବାଦୀ ସେମାନଙ୍କ ବାଟ ଓଗାଳିଥିଲେ। ମାଓବାଦୀମାନେ ରାସ୍ତାରେ ସେମାନଙ୍କ ଗାଡ଼ିକୁ ଅଟକାଇ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ସହ ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀ ନିହତ ହୋଇଥିବା ଆଶଙ୍କା କରାଯାଉଛି। ମାଓବାଦୀମାନେ ସେହି ବାଟ ଦେଇ ଯିବାକୁ ଥିବା ସିଆର୍‌ପିଏଫ୍ ପାଟ୍ରୋଲିଂ ଟିମ୍‌କୁ ଟାର୍ଗେଟ କରିବାକୁ ଅପେକ୍ଷାରତ ଥିବାବେଳେ ଦିଲ୍ଲୀରୁ ଆସିଥିବା ଦୂରଦର୍ଶନ ଟିମ୍ ଦୁର୍ଭାଗ୍ୟବଶତଃ ଆକ୍ରମଣର ଶିକାର ହୋଇଥିବା ଛତିଶଗଡ଼ ପୋଲିସର ସ୍ପେଶାଲ ଡିଜି ଡି.ଏମ୍. ଅୱସ୍ଥି କହିଛନ୍ତି।

**ରକ୍ତମୁଖା ମାଓବାଦୀ**
- ■ ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀଙ୍କ ମୃତ୍ୟୁ
- ■ ଲାଲ ବାହିନୀ ଦେଇଛି ଭୋଟ ବର୍ଜନ ଆହ୍ୱାନ
- ■ ରମଣ ସିଂଙ୍କ ଇସ୍ତଫା ଦାବି କଲା କଂଗ୍ରେସ

## ପୋଲିସ ପ୍ରଶାସନକୁ ଚ୍ୟାଲେଞ୍ଜ

**ରାୟପୁର,୩୦।୧୦:** ୯୦ ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳର ୧୮ ଆସନରେ ନଭେମ୍ବର ୧୨ ଓ ଅନ୍ୟ ୭୨ ନିର୍ବାଚନମଣ୍ଡଳୀରେ ୨୦ ତାରିଖରେ ଭୋଟଗ୍ରହଣ କରାଯିବ ବୋଲି ପୂର୍ବରୁ ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ବସ୍ତର, କଙ୍କେର ସୁକ୍‌ମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋଣ୍ଡାଗାଓଁ ଓ ରାଜନନ୍ଦଗାଓଁ ଜିଲାର ୧୮ ଆସନରେ ସୁରୁଖୁରୁରେ ମତଦାନ କରାଇବା ଏବେ ପୋଲିସ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କାରଣ ଏହି ଜିଲାଗୁଡ଼ିକରେ ମାଓବାଦୀଙ୍କ ପ୍ରଭାବ ସର୍ବାଧିକ। ଏଥିଯୋଗୁ ଏଠାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ପୂର୍ବରୁ ଲୋକଙ୍କୁ ଆହ୍ୱାନ ଦେଇସାରିଛନ୍ତି। ଏହାକୁ ଅବଜ୍ଞା କଲେ ପରିଣତି ଭୋଗିବେ ବୋଲି ମଧ୍ୟ ମାଓବାଦୀମାନେ ଧମକ ଦେଇଛନ୍ତି। ମାଓବାଦୀଙ୍କ ଚେତାବନୀକୁ ବେଖାତିର କରି ୧୮ ଆସନରେ ନିର୍ବାଚନ କରାଯାଉଥିବାରୁ ଆଗକୁ ମତଦାନ ଯାଏ ୧୩ ଦିନ ମଧ୍ୟରେ ସେମାନେ ଆହୁରି ଏକାଧିକ ସଂହାରଲୀଳା ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଶନିବାର ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ବିଜାପୁର ଜିଲାରେ ଜଣେ ଓଡ଼ିଆଙ୍କ ସମେତ ୪ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ।





"ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ବାରମ୍ବାର ମାଓବାଦୀଙ୍କ ଆକ୍ରମଣ ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଅକ୍ଷମ ଓ ଅଯୋଗ୍ୟ ରମଣ ସିଂ ସରକାର କ୍ଷମତାରେ ରହିବାର ନୈତିକତା ହରାଇଛନ୍ତି।"
–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

### ■ ଦୀପାବଳିରେ ବାଣ ଫୁଟାଇବା ନେଇ କଟକଣା
## ନିର୍ଦ୍ଧାରିତ ସମୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୧୦(ପି.ଟି.)

**୨ ଘଣ୍ଟାରେ ସୀମିତ**



ପ୍ରଦୂଷଣ ପ୍ରାଣନାଶକାରୀ ସାଜିଥିବାରୁ ଦୀପାବଳି ଓ ଅନ୍ୟ ଉତ୍ସବରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଲଗାଇଥିବା କଟକଣାରେ ମଙ୍ଗଳବାର ପରିବର୍ତ୍ତନ ଆଣିଛନ୍ତି। ରାତି ୮ରୁ ୧୦ଟା ମଧ୍ୟରେ ବାଣ ଫୁଟାଯାଇପାରିବ ବୋଲି ଅଦାଲତ ସମୟ ନିର୍ଘଣ୍ଟ କରିଥିଲେ। କିନ୍ତୁ ଏବେ ନିର୍ଦ୍ଦିଷ୍ଟ ଭାବେ ସେହି ସମୟରେ କଟକଣା ଲାଗୁ ହେବ ନାହିଁ। ରାଜ୍ୟ ସରକାର ଚାହିଁଲେ ନିଜ ହିସାବରେ ସମୟ ନିର୍ଦ୍ଧାରଣ କରିପାରିବେ। ତେବେ ଯେତେବେଳେ ହେଉନା କାହିଁକି ୨ ଘଣ୍ଟା ଭିତରେ ବାଣ ଫୁଟାଯାଇପାରିବ ବୋଲି ସଦ୍ୟ ରାୟରେ ସୁପ୍ରିମକୋର୍ଟ କହିଛନ୍ତି। ଅକ୍ଟୋବର ୨୩ରେ ସର୍ବୋଚ୍ଚ ଅଦାଲତ ଦୀପାବଳି ଉତ୍ସବ ନେଇ ନିର୍ଦ୍ଦେଶନାମା ଜାରି କରିବା ପରେ ତାମିଲନାଡୁ ସରକାର ଏହାକୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଦୀପାବଳି ଦିନ ସକାଳେ ତାମିଲନାଡୁବାସୀ ବାଣ ଫୁଟାଇ ଆଲୋକର ପର୍ବ ପାଳନ କରିବାକୁ ଚାହୁଁଥିବାରୁ କୋର୍ଟ ଅନୁମତି ପ୍ରଦାନ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ଗ୍ରହଣ କରିବା ସହ ଉପରୋକ୍ତ ରାୟ ଦେଇଛନ୍ତି। ତେବେ 'ସବୁଜ ବାଣ' ଫୁଟାଇବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ କେବଳ ଦିଲ୍ଲୀ-ଏନ୍‌ସିଆର ପାଇଁ ପ୍ରଯୁଜ୍ୟ ବୋଲି ଅଦାଲତ କହିଛନ୍ତି। ପଣ୍ଡିଚେରିରେ ସକାଳେ ବାଣ ଫୁଟାଇବାକୁ ଜଣେ ଆଇନଜୀବୀ ଅନୁମତି ମାଗିଥିଲେ। ପ୍ରକାଶ ଯେ, ଖ୍ରୀଷ୍ଟମାସ ଏବଂ ନୂଆବର୍ଷରେ ରାତି ୧୧ଟା ୫୫ରୁ ୧୨ଟା ୩୦ ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇପାରିବେ ବୋଲି ଅକ୍ଟୋବର ୨୩ ରାୟରେ ସୁପ୍ରିମକୋର୍ଟ କହିଛନ୍ତି।

## ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କଲେ ଚୌହାନଙ୍କ ପୁଅ

ଭୋପାଳ/ଇନ୍ଦୋର,୩୦।୧୦(ପି.ଟି.)



ନଭେମ୍ବର ୨୮ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ୍ୟପ୍ରଦେଶରେ ଏବେ ବାତାବରଣ ଉଷ୍ମ ରହିଛି। ଭାଜପାକୁ ପୁନଃ କ୍ଷମତାସୀନ କରିବା ଲାଗି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉଦ୍ୟମ ଚଳାଇଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଘନ ଘନ ପ୍ରଚାର ଚଳାଇଛନ୍ତି। କଂଗ୍ରେସ ମୁଖ୍ୟ ରାଜ୍ୟ ସରକାରଙ୍କ ବିଫଳତା ବଖାଣିବା ସହ ପାନାମା ପେପର୍ସ ଦୁର୍ନୀତିରେ ଚୌହାନଙ୍କ ପୁଅ କାର୍ତ୍ତିକୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି। ଝାବୁଆରେ ସୋମବାର ରାହୁଲ ଏଭଳି ବିବାଦୀୟ ମନ୍ତବ୍ୟ ଦେବା ପରେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି କାର୍ତ୍ତିକୀ। ମଙ୍ଗଳବାର ସେ ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କରିଛନ୍ତି। ଅତିରିକ୍ତ ଜିଲା ଜଜ୍‌ଙ୍କ ସ୍ୱତନ୍ତ୍ର କୋର୍ଟରେ ଦାଏର କରିଥିବା ମକଦ୍ଦମାରେ କାର୍ତ୍ତିକୀ ଦର୍ଶାଇଛନ୍ତି ଯେ, ତାଙ୍କୁ ବଦନାମ କରିବା ପାଇଁ ରାହୁଲ ଜାଣିଶୁଣି ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ରାହୁଲ କହିଛନ୍ତି, ଭାଜପା ନେତାମାନେ ଏତେମାତ୍ରାରେ ଦୁର୍ନୀତିରେ ଲିପ୍ତ ଯେ ସେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

**ଫୁର୍‌ସତ**

## ପୃଥିବୀର ବାଦଲ ଉପଗ୍ରହ

**ଲଣ୍ଡନ:** ୧୯୬୧ରେ ପୃଥିବୀଠାରୁ ୪ଲକ୍ଷ କିଲୋମିଟର ଦୂରରେ ଠାବ କରାଯାଇଥିବା ଦୁଇଟି ଧୂସର-ବାଦଲଯୁକ୍ତ ଉପଗ୍ରହ ସମ୍ପର୍କରେ ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଏହି ଦୁଇଟି ଉପଗ୍ରହକୁ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ କାଜିମିର୍ଜ କୋର୍ଡିଲେୱିସ୍କିଙ୍କ ନାମାନୁସାରେ ନାମିତ କରାଯାଇଛି। ଅତି ଅସ୍ପଷ୍ଟ ଦେଖାଯାଉଥିବାରୁ ସେଗୁଡ଼ିକର ସ୍ଥିତି ବିବଦମାନ ହୋଇ ରହିଛି ବୋଲି ହଙ୍ଗେରିସ୍ଥିତ ଇୟଟଭସ୍ ଲୋରାଣ୍ଡ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି। ଏ ସଂପର୍କିତ ବିବରଣୀ ରୟାଲ ଆଷ୍ଟ୍ରୋନୋମିକାଲ୍ ସୋସାଇଟିର ମନ୍ଥଲି ନୋଟିସେସ୍ ଜର୍ନାଲ୍‌ରେ ପ୍ରକାଶ ପାଇଛି।

## ରେକର୍ଡ ଦୂରତାରେ ସୋଲାର ପ୍ରୋବ୍

**ୱାଶିଂଟନ୍:** ପାର୍କର ସୋଲାର ପ୍ରୋବ୍ ଅକ୍ଟୋବର ୨୯ ସୁଦ୍ଧା ସୂର୍ଯ୍ୟଙ୍କ ପୃଷ୍ଠଭୂମିଠାରୁ ରେକର୍ଡ ମାତ୍ରା ୨୬.୫୫ ନିୟୁତ ମାଇଲ୍ ଦୂରତାରେ ପହଞ୍ଚିପାରିଛି। ପୂର୍ବରୁ କୌଣସି ଅନୁସନ୍ଧାନକାରୀ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ଏତେ ନିକଟତର ହୋଇ ନ ଥିଲା ବୋଲି ନାସା ବୈଜ୍ଞାନିକ ଟିମ୍ ପ୍ରକାଶ କରିଛି। ନାସାର ଐତିହାସିକ ପାର୍କର ସୋଲାର ପ୍ରୋବ୍ ସୂର୍ଯ୍ୟ ଅଭିମୁଖେ ଗତିଶୀଳ। ଏହା ସୂର୍ଯ୍ୟର ତେଜୋଦ୍ଦୀପ୍ତ ମଣ୍ଡଳର ରହସ୍ୟ ଅନୁସନ୍ଧାନ କରିବ। ୧୯୭୬ ଏପ୍ରିଲରେ ଜର୍ମାନ-ଆମେରିକାନ୍ ହିଲିୟସ୍ ୨ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥିଲେ ହେଁ ବର୍ତ୍ତମାନ ସୋଲାର ପ୍ରୋବ୍ ପୂର୍ବ ରେକର୍ଡକୁ ଭଙ୍ଗ କରିପାରିଛି। ସୋଲାର ପ୍ରୋବ୍ ୨୦୨୪ରେ ସୂର୍ଯ୍ୟଙ୍କଠାରୁ ୩.୮୩ ନିୟୁତ ମାଇଲ୍ ଦୂରତାରେ ରହି ଅନୁସନ୍ଧାନ କାର୍ଯ୍ୟ ଚାଲୁରଖିବ ବୋଲି ବୈଜ୍ଞାନିକ ଆଣ୍ଡି ଡ୍ରାଏଜମ୍ୟାନ୍ ପ୍ରକାଶ କରିଛନ୍ତି।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୯.୧ |
| ଚାନ୍ଦବାଲି | ୨୫.୫ | ୨୨.୦ |
| କଟକ | ୨୭.୦ | ୧୯.୮ |
| ପାରାଦ୍ୱୀପ | ୨୬.୨ | ୨୨.୨ |
| ଭୁବନେଶ୍ୱର | ୨୮.୮ | ୨୧.୫ |
| ଗୋପାଳପୁର | ୩୧.୪ | ୨୧.୭ |
| ପୁରୀ | ୨୯.୪ | ୨୨.୬ |
| ଅନୁଗୋଳ | ୨୮.୯ | ୧୮.୦ |
| ବାରିପଦା | ୨୭.୬ | ୨୧.୬ |
| ଝାରସୁଗୁଡ଼ା | ୩୧.୦୧୯.୪ | |
| କେନ୍ଦୁଝର | ୨୫.୧ | ୧୭.୬ |
| ସମ୍ବଲପୁର | ୩୧.୬ | ୧୯.୮ |
| ସୁନ୍ଦରଗଡ଼ | ୩୨.୦ | --- |
| ହୀରାକୁଦ | ୩୨.୭ | ୨୧.୧ |
| ତାଳଚେର | ୩୩.୩ | ୧୯.୪ |
| ଭବାନୀପାଟଣା | ୨୯.୦ | ୧୭.୦ |
| ବଲାଙ୍ଗୀର | ୩୧.୬ | ୧୯.୫ |
| କୋରାପୁଟ | --- | ୧୪.୬ |
| ଫୁଲବାଣୀ | ୨୭.୫ | ୧୫.୦ |
| ଟିଟିଲାଗଡ଼ | ୩୦.୫ | ୧୭.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୧.୪ | ୧୮.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଲବଣ ଉତ୍ପାଦନର ପ୍ରାଚୀନ ସ୍ଥଳ



**ନ୍ୟୁୟର୍କ:** ନୃତତ୍ତ୍ୱବିତ୍‌ମାନେ ଏକ ଲବଣ ଉତ୍ପାଦନସ୍ଥଳ ଠାବ କରିଛନ୍ତି। ପ୍ରାଚୀନ ମାୟାନ୍ ସଭ୍ୟତାର ଅଧିବାସୀମାନେ ଏଠାରେ ଲୁଣ ଉତ୍ପାଦନ କରୁଥିଲେ ବୋଲି ବିଶ୍ୱାସ କରାଯାଏ। ୧୦୦୦ରୁ ଅଧିକ ବର୍ଷ ତଳେ ଏଠାରେ ଲୁଣ ଉତ୍ପାଦନ ସହିତ ବ୍ୟବସାୟ କରାଯାଉଥିବା ପ୍ରମାଣ ମିଳୁଛି।

କେନ୍ଦ୍ରୀୟ ଆମେରିକାର ବେଲିଜ୍‌ଠାରେ ଠାବ କରାଯାଇଥିବା ଉକ୍ତ କାର୍ଯ୍ୟସ୍ଥଳକୁ 'ପାଇନ୍ସ କ୍ରିକ୍ ସଲ୍ଟ ୱାର୍କସ' ନାମରେ ନାମିତ କରାଯାଇଛି। ଏଠାରେ କେତେକ ପଥର ଜିନିଷ ଦେଖିବାକୁ ମିଳିଛି। ପ୍ରାଚୀନ ମାୟା ସଭ୍ୟତାର ଲୋକେ ଏଠାରେ ପ୍ରଚୁର ପରିମାଣର ଲୁଣ ଉତ୍ପାଦନ କରୁଥିଲେ। ସେମାନେ ମଧ୍ୟ ମାଛ ଓ ମାଂସରେ ଲୁଣ ଦେଇ ଏହାକୁ ସାଇତି ରଖୁଥିଲେ। ଏଠାରୁ ମିଳିଥିବା କିଛି ପଥର ନିର୍ମିତ ଧାରୁଆ ଅସ୍ତ୍ର ମାଛମାଂସ କାଟିବା ପାଇଁ ବ୍ୟବହାର କରାଯାଉଥିଲା। ଆମେରିକାସ୍ଥିତ ଲୁଇଜିଆନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ତଥା ଏହି ଅଧ୍ୟୟନର ପ୍ରମୁଖ ଲେଖକ ହିଦର ମ୍ୟାକ୍‌କିଲପ୍ ଏହା ପ୍ରକାଶ କରିଛନ୍ତି।

ଲୁଣ ଉତ୍ପାଦନ ଅଞ୍ଚଳ ୩ ବର୍ଗମାଇଲ୍ ଅଞ୍ଚଳକୁ ବ୍ୟାପି ରହିଥିଲା। ଏହାର ଚାରିପାଖରେ ଥିଲା ଲୁଣା ଜଙ୍ଗଲ। ସମୁଦ୍ରପତନ ବୃଦ୍ଧିପାଇବା ଫଳରେ ଲବଣାକ୍ତ ହ୍ରଦ ପୋତିହୋଇ ପଡ଼ିଛି। ଲୁଣପାଣିକୁ ଶିଝାଇ ସେଥିରୁ ଲୁଣ ଉତ୍ପାଦନ କରାଯାଉଥିଲା। ଲୁଣକୁ ମାଟିପାତ୍ରରେ ଗଚ୍ଛିତ ରଖାଯିବା ସହିତ ସେଗୁଡ଼ିକ ପରିବହନ କରି ଅନ୍ୟତ୍ର ବିକ୍ରି କରାଯାଉଥିଲା। ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ପିଏନ୍‌ଏଏସ୍‌ରେ ପ୍ରକାଶ ପାଇଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ୍–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଅକ୍ଟୋବର ୩୧ /୨୦୧୮ | Rayagada, Wednesday, October 31 / 2018 | ପୃଷ୍ଠା-୧



## ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ୍‌ରେ ଗୁରୁତ୍ୱ ଦିଏ: କରିନା

ସ୍ୱାସ୍ଥ୍ୟ ସଚେତନ ହେବା ସହିତ ସବୁବେଳେ ଫିଟ୍ ରହିବା ଉପରେ ଗୁରୁତ୍ୱ ଦିଅନ୍ତି ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍।

୦୬

୧୧

## ଋଣ ଦେବାକୁ ରୋକି ନ ଥିଲା ଆର୍‌ବିଆଇ

ଉପା ସରକାରଙ୍କ ସମୟରେ ଆରବିଆଇ ନିର୍ବିଚାର ଭାବେ ଋଣ ଦେବାକୁ ରୋକି ନ ଥିଲା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି।






# ସେସୁକୁ ଏନ୍‌ଜିଟି ଛାଟ

## ■ ୧ କୋଟି ଟଙ୍କା ଜରିମାନା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ବିଦ୍ୟୁତ୍ ଆଘାତରେ ଏକ ସଙ୍ଗେ ୭ ହାତୀ ମୃତ୍ୟୁ ଘଟଣା କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ଆଲୋଚ୍ୟର ବିଷୟ ହୋଇଛି। ଉକ୍ତ ଘଟଣା ପ୍ରାଣୀପ୍ରେମୀ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ମର୍ମାହତ କରିଛି। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ବିଲୁପ୍ତପ୍ରାୟ ଏହି ବୃହତ୍ ପ୍ରାଣୀଗୁଡିକର ଜୀବନ ଗଲା। ଏହାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଭିତ୍ତିକରି ଏନ୍‌ଜିଟି ନିଜ ଆଡୁ ଏକ ମାମଲା ଦାଏର କରି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି(ସେସୁ)କୁ ୧ କୋଟି ଟଙ୍କାର ଜରିମାନା କରିଛନ୍ତି। ସେସୁର ଅବହେଳା ଯୋଗୁ ୭ ହାତୀଙ୍କର ଜୀବନ ଗଲା ବୋଲି ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଦର୍ଶାଇ ଏହି ଆର୍ଥିକ ଦଣ୍ଡ ଶୁଣାଇଛନ୍ତି।

### ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା



ଗତ ୨୬ ତାରିଖ ରାତିରେ ଢେଙ୍କାନାଳ ଜିଲା ସଦର ବନଖଣ୍ଡ ଅଧୀନ କମଳାଙ୍ଗ ଗ୍ରାମରେ ହାତୀଦଳ ବିଚରଣ କରୁଥିବାବେଳେ ଅଳ୍ପ ଉଚ୍ଚତାରେ ଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଛୁଆହାତୀ ସମେତ ☞ପୃଷ୍ଠା-୧୦

## ■ ଦାନ୍ତେୱାଡ଼ାରେ ମାଓବାଦୀ ଆକ୍ରମଣ: ୨ ପୋଲିସ ଶହୀଦ

# ଓଡ଼ିଆ କ୍ୟାମେରାମ୍ୟାନ୍ ନିହତ

ରାୟପୁର/ମାଲକାନଗିରି,୩୦।୧୦ (ଆଇଏଏନ୍‌ଏସ୍/ଡି.ଏନ୍.ଏ.)

ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ର ଦାନ୍ତେୱାଡ଼ାରେ ମଙ୍ଗଳବାର ମାଓବାଦୀମାନେ ରଚିଛନ୍ତି ସଂହାରଲୀଳା। ମାଓବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆ କ୍ୟାମେରାମ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିବାବେଳେ ୨ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ ୨ ପୋଲିସ କର୍ମୀ ଓ ଜଣେ ଖବରଦାତା ଆହତ ହୋଇଛନ୍ତି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୨ରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ସୁରୁଖୁରୁରେ ମତଦାନ କରାଇବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି। ନିର୍ବାଚନକୁ ୧୩ ଦିନ ବାକି ଥିବାବେଳେ ମଙ୍ଗଳବାର ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ ଖବର ସଂଗ୍ରହ ପାଇଁ ଦୂରଦର୍ଶନର ଏକ ୩ ଜଣିଆ ଟିମ୍ ଯାଉଥିଲା। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଆଶଙ୍କା କରି ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ସହ ଏକ ପାଟ୍ରୋଲିଂ ପାର୍ଟି ମଧ୍ୟ ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୨୦ରେ ଉକ୍ତ ଟିମ୍ ଅରନ୍‌ପୁର ଥାନାରୁ ଏକ ଗାଡ଼ିରେ ନିଲୱାୟା ଗ୍ରାମ ଅଭିମୁଖେ ଅଗ୍ରସର ହେଉଥିବାବେଳେ ରାସ୍ତାରେ ମାଓବାଦୀମାନେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ମାଓବାଦୀଙ୍କ ଆଖିବୁଜା ଗୁଳିମାଡ଼ରେ ଟଳିପଡ଼ିଥିଲେ



ଅଚ୍ୟୁତାନନ୍ଦ ସାହୁ

ଦୂରଦର୍ଶନର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ, କନ୍‌ଷ୍ଟେବଲ ମଙ୍ଗଳରାମ ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରୁଦ୍ରପ୍ରତାପ ସିଂ। ଏଥିରେ ପୋଲିସ କର୍ମଚାରୀ ବିଷ୍ଣୁ ନେତମ୍ ଓ ରାକେଶ କୌଶଲ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦାନ୍ତେୱାଡା ଏସ୍‌ପିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ଛାନବିନ୍ ଚଳାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚାଲିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଡିଆଇଜି (ନକ୍ସଲ ନିରୋଧୀ ଅପରେଶନ) ସୁନ୍ଦରରାଜ୍ ସୂଚନା ଦେଇଛନ୍ତି। ନିର୍ବାଚନ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି। କାରଣ ଏହି ୧୮ ନିର୍ବାଚନମଣ୍ଡଳୀରେ ଭୋଟ ବର୍ଜନ କରିବା ପାଇଁ ସେମାନେ ପୂର୍ବରୁ ଆହ୍ୱାନ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଥିବା ଏହି ୧୮ ଆସନ ମଧ୍ୟରେ ଦାନ୍ତେୱାଡ଼ା ମଧ୍ୟ ରହିଛି। ☞ପୃଷ୍ଠା-୧୦

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ‘ଅଗ୍ନି-୧’ର ରାତ୍ରିକାଳୀନ ପରୀକ୍ଷଣ



ବାଲେଶ୍ୱର ଅଫିସ, ୩୦।୧୦

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଆନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୧ର ସଫଳ ପରୀକ୍ଷଣ ମଙ୍ଗଳବାର ରାତି ୮ଟା ସମୟରେ ହୋଇଛି। ଭଦ୍ରକ ସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ନିକ୍ଷେପ କରାଯାଇ ପରୀକ୍ଷଣ କରାଯାଇଥିଲା। ପ୍ରଥମ କରି ରାତି ସମୟରେ ଭାରତୀୟ ସେନାର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ପକ୍ଷରୁ ଏହାର ବ୍ୟବହାରିକ ପରୀକ୍ଷା କରାଯାଇଥିବା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ପକ୍ଷରୁ ସୂଚନା ☞ପୃଷ୍ଠା-୧୦

# ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏ ନେଇ ମଙ୍ଗଳବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଦକ୍ଷକୁଶଳ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବର୍ତ୍ତମାନ ମଜୁରିର ୪୦% ବୃଦ୍ଧି କରାଯାଇଛି। ସରକାରୀ ଘୋଷଣା ମୁତାବକ ଅଣକୁଶଳ ଶ୍ରମିକମାନଙ୍କ ଦୈନିକ ମଜୁରି ୨୦୦ ଟଙ୍କାରୁ ୨୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଦ୍ଧକୁଶଳ ଶ୍ରମିକଙ୍କର ୪୫% ହିସାବରେ ୨୨୦ରୁ ୩୨୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ କୁଶଳ ଶ୍ରମିକଙ୍କର ୫୪% ହିସାବରେ ୨୪୦ରୁ ୩୭୦ ଟଙ୍କା ଏବଂ ଉଚ୍ଚ କୁଶଳ ଶ୍ରମିକମାନଙ୍କର ଦୈନିକ ମଜୁରି ୬୫% ହିସାବରେ ୨୬୦ ଟଙ୍କାରୁ ୪୩୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ୧୫ଟି ନିୟୋଜନ କାର୍ଯ୍ୟାଳୟରେ ଠିକାକାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ମଧ୍ୟ ମଜୁରି ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଏବଂ ରାଜ୍ୟ ସର୍ବନିମ୍ନ ମଜୁରି ଉପଦେଷ୍ଟା ପରିଷଦ ଦରବୃଦ୍ଧି, ଖାଉଟି ମୂଲ୍ୟସୂଚୀ, ବଜାର ଦର ଏବଂ ପଡୋଶୀ ରାଜ୍ୟଗୁଡିକର ସର୍ବନିମ୍ନ ମଜୁରିକୁ ଦୃଷ୍ଟିରେ ରଖି ୩ ବର୍ଷ ପରେ ସର୍ବନିମ୍ନ ମଜୁରିରେ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ସର୍ବନିମ୍ନ ମଜୁରୀ ପଡୋଶୀ ରାଜ୍ୟ ଦ୍ୱାରା ନିର୍ଦ୍ଧାରଣ ହେଉଥିବା ☞ପୃଷ୍ଠା-୧୦

### କାହାର କେତେ ବଢ଼ିଲା

- ■ ଅଣକୁଶଳ ୪୦%
- ■ ଅର୍ଦ୍ଧକୁଶଳ ୪୫%
- ■ କୁଶଳ ୫୪%
- ■ ଉଚ୍ଚକୁଶଳ ୬୫%



# ବିଧାୟକ ପଦରୁ ସଗରିଆଙ୍କ ଇସ୍ତଫା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

କୋରାପୁଟ କଂଗ୍ରେସ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ନିଜ ଇସ୍ତଫା ନେଇ ମଙ୍ଗଳବାର କୃଷ୍ଣ ବିଧାନସଭା କାର୍ଯ୍ୟାଳୟକୁ ଜଣାଇଛନ୍ତି। ବାଚସ୍ପତି ପ୍ରଦୀପ ଅମାତ ରାଜଧାନୀରେ ନ ଥିବାରୁ ତାଙ୍କ ଇସ୍ତଫାପତ୍ର ଆନୁଷ୍ଠାନିକ ଭାବେ ଗ୍ରହଣ ହୋଇନାହିଁ। ଆସନ୍ତା ନଭେମ୍ବର ୬ରେ ବାଚସ୍ପତି ଅମାତଙ୍କୁ ଭେଟି ଇସ୍ତଫାପତ୍ର ଦେବେ ବୋଲି ସେ ସୂଚନା ଦେଇଛନ୍ତି।

ନିଜ ଇସ୍ତଫା ସମ୍ପର୍କରେ କୃଷ୍ଣ କହିଛନ୍ତି, ଗତ ୧୦ତାରିଖରେ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟାର ବର୍ଷେ ପୂରଣ ହୋଇଛି। ପୀଡ଼ିତାଙ୍କ ସହ ବିତିଥିବା ସମସ୍ତ ଘଟଣା ହୃଦୟବିଦାରକ ଏବଂ ମର୍ମନ୍ତୁଦ। ବଳାତ୍କାରର ଶିକାର ହେବା ପରେ ତାଙ୍କୁ ନ୍ୟାୟ ଦିଆଗଲା ନାହିଁ। ଏମିତି କି ପୀଡ଼ିତାଙ୍କ ମୃତ୍ୟୁ ପରେ ମଧ୍ୟ ଜଣେ ବି ଦୋଷୀଙ୍କୁ ପ୍ରଶାସନ ଦଣ୍ଡ ଦେଇ ପାରିଲା ନାହିଁ। ପୀଡ଼ିତା ସମାଜର ମୁଁ ଜଣେ ନିର୍ବାଚିତ ପ୍ରତିନିଧି। ପାରୁ ପର୍ଯ୍ୟନ୍ତ ତାଙ୍କର ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଜାତୀୟ ଏସ୍‌ସି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ହେଲେ କୌଣସି ସୁଫଳ ପାଇନାହିଁ। ତେଣୁ ନୈତିକ ଦାୟିତ୍ୱ ନେବା ସହ ପ୍ରତୀକାତ୍ମକ ଭାବେ ବିଧାୟକ ପଦରୁ ଇସ୍ତଫା ଦେଉଥିବା କୃଷ୍ଣ କହିଛନ୍ତି। ଆସନ୍ତା ୧୦ତାରିଖରେ ଦଳିତ ସମାଜର ଅର୍ଥନୈତିକ-ରାଜନୈତିକ ସମସ୍ୟା ନେଇ ଆଲୋଚନାଚକ୍ର କରାଯିବ। ସେହିପରି ଡିସେମ୍ବର ୬ ତଥା ସମ୍ବିଧାନ ପ୍ରଣେତା ବାବାସାହେବ ବି.ଆର. ☞ପୃଷ୍ଠା-୧୦

### କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ପ୍ରସଙ୍ଗ

- ■ ୬ରେ ବାଚସ୍ପତିଙ୍କୁ ଭେଟିବେ
- ■ ୧୦ରେ ପରବର୍ତ୍ତୀ ପଦକ୍ଷେପ ନେଇ ରଣନୀତି
- ■ କଂଗ୍ରେସରେ ରହିବେ



କୃଷ୍ଣଚନ୍ଦ୍ର ସଗରିଆ

# ବିଚାରପତିଙ୍କ ତଦାରଖରେ ଚାଲିବ ତଦନ୍ତ

କଟକ ଅଫିସ, ୩୦।୧୦

କଟକରେ ଓକିଲଙ୍କ ବିବାଦକୁ ନେଇ ଉପୁଜିଥିବା ବିବାଦ ମଙ୍ଗଳବାର ଆଉ ଏକ ମୋଡ଼ ନେଇଛି। ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜନ ରାୟ ଆନ୍ଦୋଳନକାରୀ ଓକିଲଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ, ଆଇନଜୀବୀ ଏବଂ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମାମଲାର ତଦନ୍ତ ତୁରନ୍ତ ଶେଷ ହେବା ଆବଶ୍ୟକ। ତେଣୁ ତଦନ୍ତକାରୀ ଅଧିକାରୀ ୫ ଦିନ ମଧ୍ୟରେ ତଦନ୍ତ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ରାୟ ଯୁକ୍ତି ବାଢିଥିଲେ। ଏପରିକି ମାମଲାର ତଦନ୍ତ କାର୍ଯ୍ୟ ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଆଡଭୋକେଟ ରାୟ ପ୍ରସ୍ତାବ ଦେଇଥିଲେ। ଏହା ପରେ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଦେଶନାମା ଜାରି କରିଛନ୍ତି। ଏହି ଅନୁଯାୟୀ, ହାଇକୋର୍ଟ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯିବ। ତଦନ୍ତକାରୀ ଅଧିକାରୀ ପ୍ରତିଦିନ ତଦନ୍ତ ସମ୍ପର୍କିତ ରିପୋର୍ଟ ଜଷ୍ଟିସ ଦାସଙ୍କ ନିକଟରେ ଦାଖଲ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ଅର୍ଥାତ୍ ନଭେମ୍ବର ୯ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଖଣ୍ଡପୀଠ ତଦନ୍ତକାରୀ ସଂସ୍ଥା ☞ପୃଷ୍ଠା-୧୦

### ଓକିଲ ବିବାଦ





- ■ ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ
- ■ ଗୁରୁବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

## ■ ଆନ୍ଦୋଳନବେଳେ ମହିଳା ଆଇନଜୀବୀଙ୍କୁ ଅସଦାଚରଣ

# ବିଧାୟକଙ୍କ ପୁଅ ନାଁରେ ମାମଲା

କଟକ ଅଫିସ, ୩୦।୧୦

ଆନ୍ଦୋଳନ ସମୟରେ ଜଣେ ମହିଳା ଆଇନଜୀବୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କଟକ ଲାଲବାଗ ଥାନାରେ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଓରଫ ଟୁବୁଙ୍କ ସମେତ ବିଜୁ ଯୁବ ବାହିନୀର ଅନ୍ୟ ଦୁଇ ଜଣଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ମହିଳା ଆଇନଜୀବୀ ବିଷ୍ଣୁପ୍ରିୟା ବେହେରା। ଏନେଇ ଆଇପିସି ଦଫା ୨୯୪, ୩୫୪ ଓ ୩୪ରେ ଏକ ମାମଲା (ନଂ.୧୬୯/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି ଜଣାଇଛନ୍ତି।

ଆଇନଜୀବୀ ବିଷ୍ଣୁପ୍ରିୟା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇକୋର୍ଟ ବାର୍ ଆସୋସିଏଶନର ଆନ୍ଦୋଳନ ଚାଲୁଥିଲା। ଏହି ସମୟରେ ହାଇକୋର୍ଟ ମୁଖ୍ୟ ଫାଟକ ସାମ୍ନାରେ ସେ ତାଙ୍କର ବନ୍ଧୁ ଆଇନଜୀବୀମାନଙ୍କ ସହ ଛିଡା ହୋଇଥିଲେ। ହଠାତ୍ ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ ଦଳବଦ୍ଧ ଭାବେ ମାଡ଼ି ଆସିଥିଲେ। ଏହି ସମୟରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ବିଜୁ ଯୁବ ବାହିନୀ ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀ କେତେଜଣ ସହଯୋଗୀଙ୍କ ସହ ଆସି ଭିଡ ଭିତରେ ☞ପୃଷ୍ଠା-୧୦

### ଆଜିର ସମ୍ପାଦକୀୟ

ପ୍ରମାଣ ଲାଗି ସୁଯୋଗ

### ଆଜିର ମନ୍ତବ୍ୟ

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ସହ ପ୍ରତାରଣା କରିଛନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

୨୦୧୭-୧୮ରେ ଭାରତ ଆମେରିକାକୁ ପ୍ରାୟ ୪୭.୯ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଛି। ଏହି ସମୟରେ ସେଠାରୁ ଭାରତକୁ ୨୬.୭ ବିଲିୟନ ଡଲାରର ଆମଦାନୀ ହୋଇଛି।

–ବାଣିଜ୍ୟ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 30.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 75 | 126 | 136 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers




**ସଂକ୍ଷେପରେ**

## ଫସଲ ନଷ୍ଟ, ଋଣଭାର ଅସହ୍ୟ ଭାଗଚାଷୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୩୦।୧୦:** ଫସଲ ନଷ୍ଟ, ଋଣ ଭାର ସହି ନ ପାରି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମର ଜଣେ ଚାଷୀ ମଙ୍ଗଳବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୈଳାସ ନାୟକ (୫୫)। ପରିବାର ଲୋକଙ୍କ କହିବା ଅନୁଯାୟୀ, କୈଳାସ ୩ଏକର ଜମିରେ ଭାଗଚାଷ କରିଥିଲେ। ଏଥି ଲାଗି ସେ ହାତଉଧାରି କରଜ କରିଥିଲେ। ତିତ୍‌ଲି ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଗଲା। ଏ ନେଇ ସେ ପ୍ରଶାସନକୁ ଜଣାଇଥିଲେ। କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଭାଗଚାଷୀ ହୋଇଥିବାରୁ ସମବାୟ ସଂସ୍ଥାରୁ ଋଣ ମଧ ମିଳିଲାନି। ସବୁଆଡୁ ହତାଶ ହେବା ପରେ ସେ ସୋମବାର କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଚାଷୀ ଆତ୍ମହତ୍ୟା ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନ ଥିବା ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ସେ ଭାଗଚାଷୀ ଥିଲେ। ହାତ ଉଧାରି ଋଣ କରିଥିଲେ। କୀଟନାଶକ ପିଇ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

## ଜେଲ୍‌ରେ ସବ୍ୟସାଚୀଙ୍କ ଅନଶନ

**ବ୍ରହ୍ମପୁର ଅଫିସ୍,୩୦।୧୦:** ବ୍ରହ୍ମପୁର ମଣ୍ଡଳ କାରାଗାରରେ ମଙ୍ଗଳବାର ପୂର୍ବାହ୍ନରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଅନଶନ ଆରମ୍ଭ କରିଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କୁ ଦଶପଲ୍ଲା ପୋଲିସ ଏକ ମାମଲାରେ ନେବା ପାଇଁ ଆସିଥିବା ବେଳେ ସେ ଯିବା ପାଇଁ ମନା କରିଦେଇଥିଲେ। ବ୍ରହ୍ମପୁର କାରାଗାର କର୍ତ୍ତୃପକ୍ଷ ଦଶପଲ୍ଲା କୋର୍ଟରେ ହାଜର କରାଯିବା ପାଇଁ ନେବାକୁ ନିୟମ ରହିଥିବା ବେଳେ ସେଠାକାର ପୋଲିସ ହାତରେ ଦଶପଲ୍ଲା କୋର୍ଟରେ ହାଜର କରିବା ନିୟମ ବିରୋଧୀ ବୋଲି ସେ ଅଭିଯୋଗ ଉଠାଇଥିଲେ । ଦଶପଲ୍ଲା କୋର୍ଟରେ ହାଜର ପାଇଁ ସବ୍ୟସାଚୀଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାର କର୍ତ୍ତୃପକ୍ଷ ଯଦି ଦଶପଲ୍ଲା ପୋଲିସ ହାତରେ ଛାଡିଦିଆନ୍ତି ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଦଶପଲ୍ଲା ପୋଲିସ ବିରୋଧରେ ସବ୍ୟସାଚୀ ଏକ ମାମଲା ରୁଜୁ କରିଥିବା ହେତୁ ସେ ଭୟ କରୁଛନ୍ତି ବୋଲି ତାଙ୍କ ଓକିଲ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କ ଅନଶନ ହେତୁ ଦଶପଲ୍ଲା ପୋଲିସ ମଣ୍ଡଳ କାରାଗାରରେ ଦନ୍ତମାମ୍ ରହି ଫେରି ଯାଇଥିଲା । ଖବର ଲେଖିବା ସୁଦ୍ଧା ସବ୍ୟସାଚୀଙ୍କ ଅନଶନ ଜାରି ରହିଥିବା ସୂଚନା ମିଳିଛି ।




# ନିଷ୍କ୍ରିୟ ପୋଲିସ

**ଭୁବନେଶ୍ୱର,୨୯।୧୦(ସ୍ୱ.ପ୍ର.)**

ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ୨୮।୧୦।୨୦୧୮ରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ପଠାଇଥିଲେ। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଆଇନଜୀବୀଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ହାଇକୋର୍ଟ ପରିସର ଭିତର ଏବଂ ବାହାର ଚାରିପାର୍ଶ୍ୱରେ କଡ଼ାକଡ଼ି ନିରାପତ୍ତା ବ୍ୟବସ୍ଥା କରାଯାଉ। ଚିଠିରେ ଆହୁରି କୁହାଯାଇଛି ଯେ ବିଚାରପତିମାନଙ୍କର ବ୍ୟକ୍ତିଗତ ସୁରକ୍ଷା ସହିତ କୋର୍ଟକୁ ଆସୁଥିବା ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱ ପୋଲିସ ନେବା ଅତ୍ୟନ୍ତ ଆବଶ୍ୟକ। ପୋଲିସ ମହାନିର୍ଦ୍ଦେଶକଙ୍କୁ ଏଭଳି ପତ୍ର ଦିଆଯିବା ସତ୍ତ୍ୱେ ଓଡ଼ିଶା ହାଇକୋର୍ଟ ପରିସର ଭିତରେ ସୋମବାର ଗଣ୍ଡଗୋଳ ସମୟରେ ପୋଲିସର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ପର୍ଯ୍ୟବେକ୍ଷକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ପୋଲିସ ରାଜନୈତିକ ଖେଳରେ ସାମିଲ ହେଉଛି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏ ନେଇ ପୋଲିସ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେମାନେ ଉତ୍ତର ଦେଉଛନ୍ତି ଯେ, ସବୁ ପ୍ରସ୍ତୁତି କରିସାରିଥିବା ସତ୍ତ୍ୱେ ହାଇକୋର୍ଟଙ୍କ ତରଫରୁ ମୌଖିକ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପୋଲିସ ମୌଖିକ ନିର୍ଦ୍ଦେଶ ସମ୍ପର୍କରେ ଦେଉଥିବା ମତ ସମ୍ପୂର୍ଣ୍ଣ ଅସତ୍ୟ ବୋଲି ପର୍ଯ୍ୟବେକ୍ଷକ ମହଲରେ ମତ ପ୍ରକାଶ ପାଇଛି।


ORISSA HIGH COURT : CUTTACK

Letter No.10932 dated 28.10.2018

From:
Dr. A.K. Mishra,
Registrar General,
Orissa High Court, Cuttack.

To
The Director General of Police,
Odisha, Cuttack.

Sir,

I am directed to say that in view of the intensification of the lawyers stir, the law and order situation in and around the Orissa High Court premises is required to be maintained. Further, the access of Hon'ble Judges to the Court as well as the staff and litigant public should be secured from all corners of the Court's premises.

In the above circumstance, I am to request you to take all possible measures to meet the above contingency and also to provide safety and security to all concerned.

Yours sincerely,
(Dr. A.K. Mishra)

Memo. No. [illegible] Dated

Copy forwarded to the Commissioner of Police, Bhubaneswar-Cuttack, Police Commissionerate, Bhubaneswar for information and necessary action.

Registrar General

Memo. No. Dated

Copy forwarded to the Deputy Commissioner of Police, Cuttack, for information and necessary action.

28.X.18
Registrar General

ପୋଲିସ ମହାନିର୍ଦ୍ଦେଶକଙ୍କୁ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଦେଇଥିବା ଚିଠିର ନକଲ।

## ସୀମାନ୍ତ ଗାଁରେ ପଡ଼ିଛି ପୂର୍ବତନ ସରପଞ୍ଚଙ୍କ ମୃତଦେହ: ହତ୍ୟା ସନ୍ଦେହ

**ପଟ୍ଟାଙ୍ଗି, ୩୦।୧୦(ଡି.ଏନ.ଏ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ରାଲେଗଡା ପଞ୍ଚାୟତ ଅଧୀନ ଗୁଞ୍ଜେଇପାଡୁ ଗ୍ରାମ ନିକଟ ଏକ ଆମ୍ବଗଛ ମୂଳେ ଜଣେ ପୂର୍ବତନ ସରପଞ୍ଚଙ୍କ ମୃତଦେହ ପଡ଼ିରହିଛି। ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ହତ୍ୟା କଲେ ତାହା ପ୍ରଶ୍ନ ପାଲଟିଛି। ଏହି ଘଟଣା ଆଖପାଖ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଏ ସଂକ୍ରାନ୍ତରେ ଜିଲା ପୋଲିସ ପାଖରେ ଖବର ନ ଥିବା ଜଣାପଡ଼ିଛି। ମୃତଦେହକୁ କିଛି ଗ୍ରାମବାସୀ ଚିହ୍ନଟ କରିଛନ୍ତି। ମୃତକ ହେଲେ ଆନ୍ଧ୍ରର ସାଲୁର ପଞ୍ଚାୟତ ଅଧୀନ ଡେମସାରାଇଗୁଡା ଗ୍ରାମର ମାମାଡି କାନାୟା ଏବଂ ସେ ଜଣେ ପୂର୍ବତନ ସରପଞ୍ଚ ବୋଲି ସୂଚନା ମିଳିଛି। ତାଙ୍କର ମୃତଦେହ କିପରି ଏଠାରେ ପଡ଼ିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାନାୟାକୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା କେତେଜଣ ଗ୍ରାମବାସୀ କହିଛନ୍ତି। କାନାୟାଙ୍କ ପରିବାରବର୍ଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଓ ଆନ୍ଧ୍ର ଓ ସ୍ଥାନୀୟ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ ସେଠାରେ ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି। ଫଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ଆଇ କରୁଣାକର ଗୌଡଙ୍କୁ ପଚାରିବାରେ କହିଛନ୍ତି ଯେ, ଉକ୍ତ ଘଟଣା ନେଇ ଲିଖିତ ଅଭିଯୋଗ ପାଇଛି। ମୃତକଙ୍କ ପରିବାରବର୍ଗ ମଙ୍ଗଳବାର ସନ୍ଧ୍ୟାରେ ଏତଲା ଦେଇଛନ୍ତି। ତେବେ ଘଟଣାସ୍ଥଳଟି ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ହୋଇଥିବାରୁ ପୋଲିସ ସେଠାରେ ପହଞ୍ଚିବା ସମ୍ଭବ ହୋଇପାରିନାହିଁ। ମାତ୍ର ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି।

# ସୌର ଜଳନିଧି କାର୍ଯ୍ୟକ୍ରମ ଲୋକାର୍ପିତ

## ▪ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ଚାଷୀମାନଙ୍କ ଲାଗି ସୌର ଜଳନିଧି ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି। ଗାଁ ଏବଂ କୃଷିର ଉନ୍ନତି ହେଉଛି ଆମ ବିକାଶର ମୂଳ ଲକ୍ଷ୍ୟ। ଏଥିପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସୌର ଜଳନିଧି ଯୋଜନାରେ ଚାଷୀମାନଙ୍କୁ ପାଞ୍ଚ ହଜାର ସୋଲାର ପମ୍ପ ଯୋଗାଇ ଦିଆଯିବ। ଏହାସହ ୨୫ଶହ ଏକର ଜମିକୁ ପାଣି ମିଳିବ। ଏହି ଯୋଜନା ଦ୍ୱାରା ଚାଷୀଭାଇମାନଙ୍କ ଖର୍ଚ୍ଚ କମିଯିବ। ସେମାନଙ୍କ ଜମିକୁ ଅଧିକ ପାଣି ମିଳିବା ସହ ଅଧିକ ଫସଲ ହେବ ଏବଂ ରୋଜଗାର ମଧ ବୃଦ୍ଧି ପାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅଣଜଳସେଚିତ ଏବଂ ଜଳସେଚିତ ହେବାକୁ ଥିବା ଜମିର ଚାଷୀମାନେ ଏହି ଯୋଜନାର ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପରବର୍ତ୍ତୀ ସମୟରେ ରାଜ୍ୟର ବାକି ସବୁ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ରାଜ୍ୟ ସରକାର ଚାଷୀମାନଙ୍କୁ ୯୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦେବେ। ମୁଁ ଆଶା କରୁଛି, ଆମ ଚାଷୀ ଭାଇମାନେ ଏହି ଯୋଜନାର ସୁଯୋଗ ନେବେ ଏବଂ କୃଷିର ବିକାଶରେ ସଫଳ ଅବଦାନ ରଖିବେ ବୋଲି ସେ କହିଛନ୍ତି।

ରାଜ୍ୟ ସରକାରଙ୍କ ନିଜସ୍ୱ ସୌର ଜଳନିଧି ଯୋଜନାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାର ଚାରିଜଣ ଲେଖା ଚାଷୀଙ୍କୁ ସେଚକୂପରେ ସୌରପମ୍ପ ସ୍ଥାପନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ୩୦ଜିଲାର ୧ହଜାର ଚାଷୀ ଭିଡିଓ କନଫରେନ୍ସିଂ ଜରିଆରେ ଲୋକାର୍ପଣ ଉତ୍ସବରେ ଯୋଡି ହୋଇଛନ୍ତି। ଓଡିଶା ବର୍ଷକୁ ୩ଶହ ଦିନ ସ୍ୱଷ୍ଟ ସୂର୍ଯ୍ୟାଲୋକ ପାଇଥାଏ। ଯାହା ଦିନକୁ ୫ କିଲୋୱାଟ ସୌର ବିକିରଣ ଦେଇଥାଏ। ଭୂତଳ ଜଳ ବ୍ୟବହାର ପାଇଁ ରାଜ୍ୟରେ ବହୁତ ସୁଯୋଗ ରହିଛି। ରାଜ୍ୟରେ ୯୦ପ୍ରତିଶତରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଚାଷୀମାନେ ସେଚକୂପରେ ସୌରଚାଳିତ ପମ୍ପ ଲଗାଇ ଖରିଫ୍ ଓ ରବି ଋତୁରେ ୦.୩୦ରୁ ୦.୫୦ଏକର ଜମିରେ ପନିପରିବା ଚାଷ କରିପାରିବେ। ରାଜ୍ୟରେ ବିଦ୍ୟୁତ୍ ସଂଯୋଗ କରାଯାଇପାରୁ ନ ଥିବା ଚାଷ ଜମିରେ ଜଳସେଚନ ଓ ବହୁଳ ଚାଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସୌରଚାଳିତ ପମ୍ପ ପ୍ରଚାର ଓ ପ୍ରସାର ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଏହାଦ୍ୱାରା ୫ହଜାର କୃଷକ ପରିବାରର ୨୫ଶହ ଏକର ଚାଷଜମିକୁ ନିଶ୍ଚିତ ଜଳସେଚନ ସହିତ ରୋଜଗାର ଯୋଗାଯାଇ ପାରିବ। ଏହି ଯୋଜନାର ଖର୍ଚ୍ଚ କୃଷକଙ୍କ ଅଂଶଧନ ସହ କୃଷି ବିଭାଗ ଓ ବିଜ୍ଞାନ କାରିଗରି ବିଭାଗ ମିଳିତ ଆର୍ଥିକ ସହାୟତାରେ ହେବ। ଏଥିପାଇଁ ରାଜ୍ୟ ସରକାର ୨୭.୧୮କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନାରେ ସୌରପମ୍ପ ଲାଗି ଚାଷୀଙ୍କୁ ୫୪ହଜାର ଟଙ୍କାର ରିହାତି ଯୋଗାଇ ଦିଆଯିବ। ଭୂପୃଷ୍ଠ ପମ୍ପ ପାଇଁ ଏଥିରେ ଚାଷୀଙ୍କ ଅଂଶଧନ(ନିଜସ୍ୱ କିମ୍ବା ବ୍ୟାଙ୍କ ଋଣ) ୫,୪୫୪ଟଙ୍କା ଏବଂ ଭୂତଳ ପମ୍ପ ପାଇଁ ୨୨,୨୫୭ଟଙ୍କା ରହିବ। ଏହି ଯୋଜନା ଦ୍ୱାରା ବାର୍ଷିକ ୧.୫୨ଲକ୍ଷ ଶ୍ରମଦିବସ ସୃଷ୍ଟି ହେବାସହ ସର୍ବାଧିକ ୩ଟି ଫସଲ କରାଯାଇପାରିବ। ରାଜ୍ୟର ୩୦ଜିଲାର ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ଶକ୍ତି ଅଭାବ ପରିଲକ୍ଷିତ ହେଉଥିବା ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। କୃଷକ ପରିଚୟ ସଂଖ୍ୟା ଥିବା ହିତାଧିକାରୀ http:/odishasolarpump.nic.inରେ ଆବେଦନ କରିପାରିବେ। ଏଥିପାଇଁ ସର୍ବନିମ୍ନ ୦.୫ଏକର ଚାଷ ଉପଯୋଗୀ ଜମି ଏବଂ ଏକ ସେଚକୂପ ଥିବା ବିଧେୟ। ଏହି କାର୍ଯ୍ୟ ଓରିଡା ସଂସ୍ଥାର କାର୍ଯ୍ୟାବଳୀ ନିୟାମନୁଯାୟୀ କାର୍ଯ୍ୟକାରୀ ହେବ।


ସୌରଜଳନିଧି କାର୍ଯ୍ୟକ୍ରମ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।




XAVIER UNIVERSITY BHUBANESWAR

XUB Advantages
- Excellent Academic/ Learning Experience.
- Globally/Industry aligned Curriculum.
- Eminent and Committed Faculty.
- Top Ranked Programs.
- Excellent Infrastructure with Green Campuses.
- International Collaboration and Student Exchange.
- Career Advisory Services.
- Educational Loan Facility.

Eligibility and other details and Online Application Form at : www.xub.edu.in

EXCELLENCE & INTEGRITY ...the winning way

Invites applications for Admissions - 2019

Xavier Institute of Management (XIMB)
- MBA in Business Management (MBA-BM)
- International Master's Program in Management (MBA-Global)
- One-Year MBA in Business Management for Executives (EMBA-BM)
- One-Year MBA in Business Analytics (BA) for Executives (EMBA-BA)

Xavier School of Rural Management (XSRM)
- MBA in Rural Management (MBA-RM)
- One-Year MBA in Agri-Business Management for Executives (EMBA-ABM)

Xavier Centre for Urban Management & Governance (XUMG)
- MBA in Urban Management and Governance (MBA-UMG)
- Master of Urban and Regional Planning (MURP)

Xavier School of Economics (XSE)
- Master of Economics (MSc-Economics)
- Bachelor's Degree in Economics [BSc (Hons)-Economics]

Xavier School of Communications (XCOMM)
- Master of Mass Communication (MA-MC)
- Bachelor's Degree in Mass Communication (BSc-MC)

Xavier School of Human Resource Management (XAHR)
- MBA in Human Resource Management (MBA-HRM)

Xavier School of Sustainability (XSOS)
- MBA in Sustainability Management (MBA-SM)
- Bachelor's Degree in Sustainable Development [BSc (Hons) - SD]
- Bachelor's Degree in Environmental Science [BSc (Hons) - EVS]

Xavier School of Commerce (XSC)
- Master of Business Finance (MBF)
- Bachelor's Degree in Commerce [Accounting/Finance] (BCom)
- Bachelor's Degree in Business Management [HR/Marketing] (BBM)

Xavier School of Computer Science & Engineering (XCOMP)
- Master of Science in Data Science & Analytics (MS-DSA)
- Master of Technology in Artificial Intelligence (MTech-AI)
- Bachelor's Degree in Computer Science & Engineering (BTech-CSE)

Xavier Law School (XLS)
Five-Year Integrated Programs in
- BA-LLB (Hons) • BBA-LLB (Hons)

▪ For Doctoral Programs visit : www.xub.edu.in/doctoral-programs.html

CAT/XAT/GMAT/X-GMT scores are used for shortlisting candidates for our PG programs in Management. NMAT by GMAC scores are also accepted for MBA-HRM, MBA-RM, MBA-SM, MBA-UMG and MBF programs. XLRI or IIMs have no role either in the selection process or in the conduct of the programs.

LAST DATE PG programs-Dec 07, 2018; PhD program-Feb 28, 2019; UG programs-May 31, 2019

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-

ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।

(1) Food & Beverage Service (2) Food Production (3) Housekeeping Utility

Course Commences from 15.11.2018 onwards

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୭୫୬୦୯୭୬୩୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

STATE INSTITUTE OF HOTEL MANAGEMENT, BALANGIR
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

# ପ୍ରମାଣ ଲାଗି ସୁଯୋଗ

କେରଳର ସାବରିମାଲା ମନ୍ଦିରକୁ ମହିଳାଙ୍କ ପ୍ରବେଶ ନେଇ ସୁପ୍ରିମକୋର୍ଟଙ୍କ ରାୟ ଏବେ ବିତର୍କିତ ହୋଇପଡ଼ିଛି। କେତେକ ଗୋଷ୍ଠୀ ଏହାକୁ ବିରୋଧ କରୁଥିବା ବେଳେ ଆଉ କିଛି ସମର୍ଥନ କରିଚାଲିଛନ୍ତି। ମାଲା ଆର୍ଯ୍ୟମାନେ ଏବେ ପୁନର୍ବାର ମନ୍ଦିରରେ ନୀତିକାନ୍ତି କରିବାର ଅଧିକାର ଦାବିରେ ଅଡ଼ି ବସିଛନ୍ତି। ଏମାନେ ନିଜକୁ ଭଗବାନ୍ ଆୟାପ୍ପାନ୍‌ଙ୍କ ସବୁଠାରୁ ପ୍ରମୁଖ ସେବକ ଭାବେ ଅଭିହିତ କରୁଛନ୍ତି। ଏଥିସହିତ ମନ୍ଦିର ପ୍ରଶାସନ ସହ ଜଡ଼ିତ ନିଯୁକ୍ତିର ୫୦ ପ୍ରତିଶତ ସେମାନଙ୍କ ପାଇଁ ସଂରକ୍ଷଣ ରଖାଯାଉ ବୋଲି ଚାହୁଁଛନ୍ତି। ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ନେଇ ଚାରିଆଡ଼ୁ ଚାପ ପଡ଼ିବା ପରେ ଆୟାପ୍ପାନ୍ କ୍ରୋଧିତ ହୋଇ କିଛି ମାସ ପୂର୍ବରୁ କେରଳରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି କଲେ ବୋଲି ବିଭିନ୍ନ ସ୍ତରରେ ଆଲୋଚନା ହେଲା। କେତେକ ଏହାକୁ ନେଇ କାହାଣୀମାନ ରଚନା ମଧ୍ୟ କରିବାକୁ ପଛାଇ ନାହାନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିୟମ ପାଳନ କରିବାକୁ ଯାଇ ଅସହାୟ ହୋଇପଡ଼ିଛନ୍ତି ବୋଲି କହୁଛନ୍ତି। ଅନ୍ୟପଟେ ଅଛନ୍ତି ଏକ ବୃହତ୍ ଗୋଷ୍ଠୀ, ଯେଉଁମାନେ ମହିଳାମାନଙ୍କ ମୌଳିକ ଅଧିକାରକୁ ବାଦ୍ ପକାଇ ଧର୍ମବିଶ୍ୱାସକୁ ବଜାୟ ରଖିବାକୁ ଚାହୁଁଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସରକାର ତରବରିଆ କାର୍ଯ୍ୟକାରୀ କରାଯିବା ନେଇ ଏମାନେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ଅନ୍ୟ ଧର୍ମକୁ ନେଇ ଦିଆଯାଇଥିବା ମତ କାର୍ଯ୍ୟକାରୀ କରିବାରେ କିଭଳି ବିଳମ୍ବ ହେଉଛି ତାହା ଉପରେ ଟିପ୍ପଣୀ ଦେଇଛନ୍ତି।

ମନ୍ଦିର ଓ ଅନ୍ୟାନ୍ୟ ଧର୍ମର ପୂଜାସ୍ଥଳୀରେ ପରିବର୍ତ୍ତନ ଆଣିବା ସକାଶେ ବ୍ୟକ୍ତିବିଶେଷ କେରଳ ହାଇକୋର୍ଟରେ ଅଭିଯୋଗମାନ ଦାଏର କରିଚାଲିଛନ୍ତି। କେରଳ ହିନ୍ଦୁ ପ୍ଲେସେସ୍ ଅଫ୍ ପବ୍ଲିକ୍ ଓର୍ସିପ (ଅଥରାଇଜେଶନ ଅଫ୍ ଏଣ୍ଟ୍ରି) ଆକ୍ଟ ୧୯୬୫ର ନିୟମ ୩ (ଏ) ଅନୁଯାୟୀ ସାବରିମାଲା ମନ୍ଦିରକୁ ଅନ୍ୟ ଧର୍ମର ଲୋକଙ୍କୁ ପ୍ରବେଶ ନିଷେଧ ସଂକ୍ରାନ୍ତ ଏକ ଆବେଦନକୁ ଅକ୍ଟୋବର ୨୯ରେ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ମୁସଲମାନ ମହିଳାମାନେ ମସ୍‌ଜିଦକୁ ପ୍ରବେଶ ନେଇ ଅନୁମତି ଦିଆଯିବା ଉପରେ ହୋଇଥିବା ଏକ ରିଟ୍ ପିଟିଶନକୁ ମଧ୍ୟ କେରଳ ହାଇକୋର୍ଟ ଖାରଜ କରିଦେଇଥିଲେ।

ସାବରିମାଲା ସଂକ୍ରାନ୍ତ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ମିଳିପାରୁ ନାହିଁ। ବିଭିନ୍ନ ରାଜନୈତିକ ଦଳ ନିଜର ସୁବିଧା ଓ ସ୍ୱାର୍ଥ ସାଧନ ପାଇଁ ଏହି ପ୍ରସଙ୍ଗକୁ ଜୀବିତ ରଖିବାକୁ ଚାହୁଁଛନ୍ତି। ନିକଟରେ ସ୍ୱାମୀ ସନ୍ଦିପାନନ୍ଦଗିରିଙ୍କ ଆଶ୍ରମ ପରିସରରେ ଥିବା କେତେକ ଗାଡ଼ିକୁ ଜାଳି ଦିଆଯିବାରେ ହିନ୍ଦୁ ମୌଳବାଦୀଙ୍କ ହାତ ଥିବା କଥା ଉଠିଛି। ଏହି ଘଟଣା ଘଟିବା ପୂର୍ବରୁ ଆଶ୍ରମ ପରିସରରେ ଥିବା ସିସିଟିଭିକୁ ବନ୍ଦ କରାଯିବା ସହ ସ୍ୱାମିଜୀଙ୍କ ସହାୟକଙ୍କୁ ଛୁଟିରେ ଚାଲିଯିବା ପାଇଁ କୁହାଯିବା ବିଷୟକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି। ଏଠାରେ ସୂଚନାଯୋଗ୍ୟ, ସନ୍ଦିପାନନ୍ଦଗିରି ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ସମର୍ଥନ କରୁଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନଙ୍କ ଜିଲା ଗସ୍ତ ଅବସରରେ ସ୍ୱାମିଜୀଙ୍କ ଉପରେ ଆକ୍ରମଣ ଘଟିବାକୁ ନେଇ ଚର୍ଚ୍ଚା ଚାଲିଛି। ଏଭଳି ସ୍ଥଳେ କେରଳବାସୀଙ୍କୁ ଏକ ମୂଳ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହନଶୀଳତା ଓ ବୁଝାମଣାର ବାଟ ଖୋଜି ରାଜ୍ୟକୁ ଶାନ୍ତି ଓ ସମୃଦ୍ଧି ଦିଗରେ ନେବେ ନା ଧର୍ମୀୟ ଆବେଗରେ ବୋହିଯାଇ ଅଶାନ୍ତି ନିଆଁରେ ଜଳିବେ। ଏହା ପ୍ରତ୍ୟେକ ମାଲୟାଲୀ ପାଇଁ ଚିନ୍ତା କରିବାର ବିଷୟ। କିଛି ମହଲରେ କଥା ଉଠିଛି ଯେ, ସୁପ୍ରିମକୋର୍ଟ ଅଜାଣତରେ ମତଭେଦର ମଞ୍ଜି ଏହି ପ୍ରସଙ୍ଗରେ ପୋତି ଦେଇଛନ୍ତି। କେରଳବାସୀ ଉଚ୍ଚଶିକ୍ଷିତ ଓ ପ୍ରଗତିଶୀଳ ଭାବେ ଜଣା। ତେବେ ସାବରିମାଲା ପ୍ରସଙ୍ଗ ଏହି ଜାତିର ଲୁକ୍କାୟିତ ପୁରୁଣାକାଳିଆ ପୁରୁଷକୈନ୍ଦ୍ରିକ ଚିନ୍ତାଧାରାକୁ ପଦାରେ ପକାଇଛି। ଆଶା କରାଯାଏ, ଏହା ଏକ ପରୀକ୍ଷାର ଘଡ଼ି। ମାଲୟାଲୀମାନଙ୍କୁ ପୁନର୍ବାର ପ୍ରମାଣ କରିବାକୁ ହେବ ଯେ ସେମାନେ ପାଠ ପଢ଼ି କେବଳ ବିଦେଶକୁ ଯାଇ ବଡ଼ ଚାକିରି କରିବା ପାଇଁ ଯୋଗ୍ୟ ନୁହନ୍ତି, ବରଂ ସହନଶୀଳତା ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତୀକ ମଧ୍ୟ ହୋଇପାରନ୍ତି।

# ଆଧୁନିକ ଭାରତର ନିର୍ମାତା



ନରେନ୍ଦ୍ର ମୋଦି

୧୯୪୭ର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ। ଔପନିବେଶିକ ଶାସନର ଅନ୍ତ ଅବଧାରିତ ଥିଲା ଏବଂ ଭାରତର ବିଭାଜନ ମଧ୍ୟ ନିର୍ଦ୍ଧାରିତ ଥିଲା, କିନ୍ତୁ ଯାହା ଅନିଶ୍ଚିତ ଥିଲା ତାହା ହେଉଛି ଭାରତର ଗୋଟିଏରୁ ଅଧିକ ବିଭାଜନ ହେବ ନାହିଁ ତ? ଦରଦାମ୍ ବଢୁଥିଲା, ଖାଦ୍ୟାଭାବ ଅତି ସାଧାରଣ କଥା ଥିଲା କିନ୍ତୁ ଏସବୁର ଊର୍ଦ୍ଧ୍ୱରେ, ଭାରତର ଅଖଣ୍ଡତା ପ୍ରତି ଗମ୍ଭୀର ଚାପ ରହିଥିଲା।

ଏହିପରି ସ୍ଥିତିରେ ସ୍ୱରାଷ୍ଟ୍ର ବିଭାଗ ଜୁନ୍ ୧୯୪୭ରେ କାର୍ଯ୍ୟକ୍ଷମ ହେଲା। ଏହି ବିଭାଗର ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଥିଲା ୫୫୦ରୁ ଅଧିକ ଗଡଜାତ ରାଜ୍ୟ ସହ ଭାରତର ସମ୍ପର୍କ ବିଷୟରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ଏବଂ ଏହାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା। ଏହି ରାଜ୍ୟଗୁଡ଼ିକ ଆକାର, ଜନସଂଖ୍ୟା, ପ୍ରାକୃତିକ ବୈଶିଷ୍ଟ୍ୟ ଏବଂ ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଅତ୍ୟନ୍ତ ବିବିଧ ଥିଲେ। ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ବକ୍ତବ୍ୟ ଥିଲା ଏହିପରି: ''ରାଜ୍ୟଗୁଡ଼ିକର ସମସ୍ୟା ଏତେ ଜଟିଳ ଯେ କେବଳ ଆପଣ ହିଁ ଏହାର ସମାଧାନ କରିପାରିବେ।''

ଚିରାଚରିତ ସର୍ଦ୍ଦାର ପଟେଲ ଶୈଳୀରେ, ସେ ନିଜର କାର୍ଯ୍ୟକୁ ତ୍ରୁଟିଶୂନ୍ୟ, ଦୃଢ଼ ଏବଂ ଦକ୍ଷତାର ସହ କାର୍ଯ୍ୟକାରୀ କରିବା ଲାଗି ଆଗେଇ ଆସିଲେ। ସମୟ କମ୍ ଥିଲା ଏବଂ କାର୍ଯ୍ୟର ପରିମାଣ ଅତି ବ୍ୟାପକ ଥିଲା, କିନ୍ତୁ ସେ ସାଧାରଣ ବ୍ୟକ୍ତି ନ ଥିଲେ, ଥିଲେ ସର୍ଦ୍ଦାର ପଟେଲ, ଯିଏ କି ନିଜ ରାଷ୍ଟ୍ରର ସମ୍ମାନକୁ ତଳେ ପକାଇ ନ ଦେବା ଲାଗି ପ୍ରତିବଦ୍ଧ ଥିଲେ। ଗୋଟିଏ ପରେ ଗୋଟିଏ ଛୋଟବଡ ରାଜତନ୍ତ୍ର ତଥା ଗଡଜାତ ଶାସନାଧୀନ ରାଜ୍ୟ ସହିତ ସେ ଓ ତାଙ୍କ ଟିମ୍ ଆଲୋଚନା ଜାରି ରଖିଲେ ଏବଂ ଏହି ସବୁ ରାଜ୍ୟଗୁଡ଼ିକ ଯେପରି ସ୍ୱାଧୀନ ଭାରତର ଅଂଶ ହୋଇପାରିବେ, ତାହା ସୁନିଶ୍ଚିତ କଲେ। ଆଜି ଭାରତର ଯେଉଁ ରୂପ ଆମେ ଦେଖିପାରୁଛୁ, ତାହା କେବଳ ସର୍ଦ୍ଦାର ପଟେଲଙ୍କ ନିରନ୍ତର ପ୍ରୟାସ ଯୋଗୁ ସମ୍ଭବ ହୋଇପାରିଛି।

ସ୍ୱାଧୀନତା ହାସଲ ପରେ ଭିପି ମେନନ୍ ପ୍ରଶାସନିକ ସେବାରୁ ଅବସର ନେବାକୁ ଇଚ୍ଛାବ୍ୟକ୍ତ କଲେ। ହେଲେ ସର୍ଦ୍ଦାର ପଟେଲ ତାଙ୍କୁ କହିଲେ, ଏହା ନା ବିଶ୍ରାମ ନେବାର ସମୟ ନା ଅବସର ନେବାର। ଏପରି ଥିଲା ସର୍ଦ୍ଦାର ପଟେଲଙ୍କ ଦୃଢ଼ସଂକଳ୍ପ। ଭିପି ମେନନଙ୍କୁ ସ୍ୱରାଷ୍ଟ୍ର ବିଭାଗର ସଚିବ କରାଗଲା। ତାଙ୍କର ପୁସ୍ତକ 'ଦି ଷ୍ଟୋରୀ ଅଫ୍ ଦି ଇଣ୍ଟିଗ୍ରେସନ ଅଫ୍ ଇଣ୍ଡିଆନ ଷ୍ଟେଟ୍ସ'ରେ ସେ ଲେଖିଛନ୍ତି, କିପରି ସର୍ଦ୍ଦାର ପଟେଲ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ଏବଂ ତାଙ୍କର ପୂରା ଟିମ୍‌କୁ ଅଧ୍ୟବସାୟର ସହ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରିଥିଲେ। ୧୫ ଅଗଷ୍ଟ ୧୯୪୭ରେ ଆମେ ଏକ ନୂତନ ଭାଗ୍ୟର ଉଦୟ ଉତ୍ସବକୁ ପାଳନ କରୁଥିଲୁ କିନ୍ତୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ବହୁଦୂରରେ ଥିଲା। ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ପ୍ରଥମେ ଏକ ପ୍ରଶାସନିକ ବ୍ୟବସ୍ଥା ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲେ, ଯାହା ନିରନ୍ତର ରାଷ୍ଟ୍ରର ସେବା କରିପାରିବ, ତାହା ଦୈନିକ ପ୍ରଶାସନିକ କାର୍ଯ୍ୟ ହେଉ କିମ୍ବା ଲୋକମାନଙ୍କ ସ୍ୱାର୍ଥ, ବିଶେଷ କରି ଗରିବ ଏବଂ ବଞ୍ଚିତମାନଙ୍କର ସୁରକ୍ଷା ହେଉ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ। ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଅହମଦାବାଦ ପୌରପାଳିକାର ପ୍ରଶାସକ ଥିବା ବେଳର ଅନୁଭବକୁ ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାର ଦୃଢ଼ୀକରଣରେ ନିୟୋଜିତ କରିଥିଲେ। ଅହମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ୍ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତୀକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଆଜି ଭାରତ ଯଦି ନିଜର ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ କରୁଥାଏ, ଏହାର ଅଧିକାଂଶ ଶ୍ରେୟ ସର୍ଦ୍ଦାର ପଟେଲଙ୍କ ପାଖକୁ ହିଁ ଯିବ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଲାଗି ତାଙ୍କ ଦୂରଦୃଷ୍ଟିର ମୂଳଦୁଆ ଉପରେ 'ଅମୁଲ' ଭଳି ସମବାୟ ସଂସ୍ଥା ଜନ୍ମ ନେଇଥିଲା। ସର୍ଦ୍ଦାର ପଟେଲ ହିଁ ସମବାୟ ଗୃହ ନିର୍ମାଣ ସମିତିର ବିଚାରକୁ ଲୋକପ୍ରିୟ କରିଥିଲେ, ଯାହା ଅନେକଙ୍କ ପାଇଁ ସମ୍ମାନ ଏବଂ ବାସସ୍ଥାନ ସୁନିଶ୍ଚିତ କରିଥିଲା।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା– ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି ସେ ଜଣେ କୃଷକର ସନ୍ତାନ ଥିଲେ, ଯିଏ ବର୍ଦ୍ଦୋଲି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଶ୍ରମିକ ଶ୍ରେଣୀର ଲୋକମାନେ ତାଙ୍କଠାରେ ଆଶାର କିରଣ ଦେଖିପାରିଥିଲେ, କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ ସେ ହିଁ କେବଳ ସେମାନଙ୍କ ପାଇଁ କହିପାରିବେ। ବ୍ୟବସାୟୀ ଏବଂ ଶିଳ୍ପପତି ସର୍ଦ୍ଦାର ପଟେଲଙ୍କ ସହିତ କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲେ କାରଣ ସେମାନେ ତାଙ୍କଠାରେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱକୁ ଦେଖିପାରୁଥିଲେ, ଯାହାଙ୍କର ଭାରତର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାର ଦୂରଦୃଷ୍ଟି ରହିଥିଲା।



ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ

ତାଙ୍କର ରାଜନୈତିକ ସହଯୋଗୀମାନେ ମଧ୍ୟ ତାଙ୍କୁ ବିଶ୍ୱାସ କରୁଥିଲେ। ଆଚାର୍ଯ୍ୟ କୃପାଳିନୀ ମତବ୍ୟକ୍ତ କରିଥିଲେ ଯେ, ସେମାନେ ଯେତେବେଳେ କୌଣସି ସମସ୍ୟାରେ ପଡୁଥିଲେ ଓ ବାପୁଙ୍କ ପରାମର୍ଶ ମିଳିପାରୁ ନ ଥିଲା, ସେତେବେଳେ ସର୍ଦ୍ଦାର ପଟେଲଙ୍କ ନିକଟକୁ ଯାଉଥିଲେ। ୧୯୪୭ରେ ଯେତେବେଳେ ରାଜନୈତିକ ଆଲୋଚନା ଶୀର୍ଷରେ ରହିଥିଲା, ସରୋଜିନୀ ନାଇଡୁ ତାଙ୍କୁ 'ନିଷ୍ପତ୍ତି ନେବା ଏବଂ କ୍ରିୟାନ୍ୱିତ କରିବାର ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରିଥିଲେ। ସମସ୍ତେ ତାଙ୍କୁ ବିଶ୍ୱାସ କରୁଥିଲେ, ତାଙ୍କର କଥା ଓ କାର୍ଯ୍ୟ ପାଇଁ। ସର୍ଦ୍ଦାର ପଟେଲ ଜାତି, ବର୍ଣ୍ଣ, ଧର୍ମ, ବିଶ୍ୱାସ ଏବଂ ବୟସ ନିର୍ବିଶେଷରେ ସମ୍ମାନର ପାତ୍ର ଥିଲେ।

ଚଳିତ ବର୍ଷର ସର୍ଦ୍ଦାର ପଟେଲ ଜୟନ୍ତୀ ବେଶ୍ ସ୍ୱତନ୍ତ୍ର ହୋଇପାରିଛି। ୧୩୦ କୋଟି ଭାରତୀୟଙ୍କ ଶୁଭକାମନା ସହିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଆଜି ଉଦ୍‌ଘାଟିତ ହେଉଛି। ନର୍ମଦା ନଦୀ ତଟରେ ରହିଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସାରା ବିଶ୍ୱରେ ସର୍ବୋଚ୍ଚ। 'ଧରିତ୍ରୀପୁତ୍ର' ସର୍ଦ୍ଦାର ପଟେଲ ନଭଶ୍ଚୁମ୍ବୀ ସ୍ୱରୂପରେ ଦଣ୍ଡାୟମାନ ହୋଇ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରିବେ ଏବଂ ଆମକୁ ପ୍ରେରଣା ଦେବେ। ସର୍ଦ୍ଦାର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଏହି ବିଶାଳ ପ୍ରତିମୂର୍ତ୍ତିକୁ ବାସ୍ତବ ରୂପ ଦେବା ଲାଗି ଦିନରାତି କାର୍ଯ୍ୟ କରିଥିବା ଲୋକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମୋର ୩୧ ଅକ୍ଟୋବର ୨୦୧୩ କଥା ମନେପଡ଼ିଯାଉଛି ଯେତେବେଳେ ଆମେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲୁ। ରେକର୍ଡ ସମୟ ମଧ୍ୟରେ ଏତେ ଉଚ୍ଚ ସ୍ତରର ପ୍ରକଳ୍ପ ପ୍ରସ୍ତୁତ ହୋଇପାରିଛି, ଯାହାକୁ ନେଇ ପ୍ରତ୍ୟେକ ଭାରତୀୟ ନିଶ୍ଚିତ ଭାବେ ଗର୍ବ ଅନୁଭବ କରୁଥିବେ। ଆଗାମୀ ଦିନରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଦେଖି ଆସିବା ଲାଗି ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅନୁରୋଧ କରୁଛି।

'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଉଭୟ ହୃଦୟର ଏକତା ଏବଂ ଆମ ମାତୃଭୂମିର ଭୌଗୋଳିକ ଅଖଣ୍ଡତାର ପ୍ରତୀକ। ଏହା ମନେପକାଇଦେବ ଯେ ବିଭାଜିତ ଭାବେ ଆମେ ଆମ ନିଜକୁ ମଧ୍ୟ ମୁକାବିଲା କରିପାରିବା ନାହିଁ। ଏକତ୍ରିତ ଭାବେ ଆମେ ସାରା ବିଶ୍ୱର ସାମନା କରିପାରିବା ଏବଂ ଅଭିବୃଦ୍ଧି ଓ ସମୃଦ୍ଧିର ନୂତନ ଉଚ୍ଚତାକୁ ଛୁଇଁପାରିବା। ରାଷ୍ଟ୍ରବାଦର ଜୀବନୀଶକ୍ତି ସହିତ ଅଖଣ୍ଡ ଭୂଭାଗର ନିର୍ମାଣ କରିବା ଲାଗି ସର୍ଦ୍ଦାର ପଟେଲ ଆଶ୍ଚର୍ଯ୍ୟଜନକ ଗତିରେ କାର୍ଯ୍ୟ କରିଥିଲେ। ସର୍ଦ୍ଦାର ପଟେଲ ଯେପରି ଚାହୁଁଥିଲେ, ବିକାଶର ଫଳ ବିନା ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣରେ ସବୁଠୁ ଦୁର୍ବଳ ନିକଟରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରିବା ଲାଗି ପ୍ରତିଟି ନିଷ୍ପତ୍ତି ନିଆଯାଉଛି।

ଭାରତର ପ୍ରଧାନମନ୍ତ୍ରୀ

# ବିଜ୍ଞାନରେ ଆଗେ ଆଗେ ଚାଇନା



ଇଂ. ମାୟାଧର ସ୍ୱାଇଁ

ପ୍ରାଚୀନ ଯୁଗରେ ଭାରତ, ମିଶର, ଗ୍ରୀସ୍, ବେବିଲୋନ ଆଦି ଦେଶରେ ବିଜ୍ଞାନର ବିକାଶ ହୋଇଥିଲା। ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ନବଜାଗରଣ ହେବା ପରେ ଆଧୁନିକ ବିଜ୍ଞାନର ସୂତ୍ରପାତ ହେଲା। ପ୍ରାୟୋଗିକ ବିଜ୍ଞାନ ସାହାଯ୍ୟରେ କଳକାରଖାନା ଓ ଶିଳ୍ପ ଗଢିଉଠିଲା ଏବଂ ୟୁରୋପୀୟ ଦେଶଗୁଡିକ ସମୃଦ୍ଧିଶାଳୀ ହେଲେ। ଏହି ସମୟରେ ୟୁରୋପରେ ବିଜ୍ଞାନର ଅନେକ ନୂତନ ତତ୍ତ୍ୱ ଆବିଷ୍କୃତ ହୋଇଥିଲା। ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ପର୍ଯ୍ୟନ୍ତ ୟୁରୋପ ବିଜ୍ଞାନ ଗବେଷଣାରେ ଶୀର୍ଷରେ ଥିଲା। ଏହାପରେ ଗତ ଶହେ ବର୍ଷ ଧରି ଯୁକ୍ତରାଷ୍ଟ୍ର ଆମେରିକା ବିଜ୍ଞାନରେ ପ୍ରାଧାନ୍ୟ ବିସ୍ତାର କରିଛି। ସେଠାରେ ଗବେଷଣା ପାଇଁ ଯଥେଷ୍ଟ ପୁଞ୍ଜି ବିନିଯୋଗ କରାଯାଇଛି ଏବଂ ପୃଥିବୀର ବିଭିନ୍ନ ଦେଶରୁ ପ୍ରତିଭାବାନ୍ ଛାତ୍ରୀଛାତ୍ର ଆମେରିକାକୁ ନିଜର କାର୍ଯ୍ୟସ୍ଥଳୀ ଭାବେ ଚୟନ କରୁଛନ୍ତି। ଆମେରିକା ପ୍ରତିରକ୍ଷା କ୍ଷେତ୍ରରେ ବିଜ୍ଞାନକୁ ପ୍ରୟୋଗ କରି ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ରୁଷିଆ ମଧ୍ୟ ଆମେରିକା ସହ ତାଳଦେଇ ଅଗ୍ରଗତି କରିଛି।

ଜିନୀୟ ଇଞ୍ଜିନିୟରିଂ, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ, କୃତ୍ରିମ ବୌଦ୍ଧିକତା ଆଦି ହେଉଛି ଅତ୍ୟାଧୁନିକ ବିଜ୍ଞାନ ଗବେଷଣାର କେତୋଟି ଉଦାହରଣ। ଭବିଷ୍ୟତର ଶିଳ୍ପ ଓ ପ୍ରତିରକ୍ଷା ପ୍ରଯୁକ୍ତି ଆଦିରେ ଏହାର ସମ୍ଭାବ୍ୟ ଉପଯୋଗ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହିସବୁ ଗବେଷଣା ପାଶ୍ଚାତ୍ୟ ଦେଶର ବିଖ୍ୟାତ ବିଜ୍ଞାନ କେନ୍ଦ୍ରଗୁଡ଼ିକରେ ହେଉନାହିଁ। ଏଗୁଡିକର ମୁଖ୍ୟ କେନ୍ଦ୍ର ହେଉଛି ବେଜିଂ, ସାଙ୍ଘାଇ, ହେଫେଇ, ଶେନଝେନ ଏବଂ ଚାଇନାର ଅନ୍ୟ କେତୋଟି ସହର। ଚାଇନା ବର୍ତ୍ତମାନ ଯେପରି ଭାବେ ବିଜ୍ଞାନ ଗବେଷଣାରେ ଲିପ୍ତ ଅଛି ଏବଂ ଏଥିରେ ଅଜସ୍ର ଅର୍ଥ ବିନିଯୋଗ କରୁଛି, ଅଳ୍ପ କେତେବର୍ଷ ମଧ୍ୟରେ ଏହା ବିଜ୍ଞାନରେ ପୃଥିବୀର ଅନ୍ୟ ସବୁ ଦେଶକୁ ଟପିଯିବ।

ଗବେଷଣା ଓ ବିକାଶ ପାଇଁ ଚାଇନାର ବ୍ୟୟବରାଦ ଗତ କୋଡିଏ ବର୍ଷ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ ଏହି କ୍ଷେତ୍ରରେ ଆମେରିକା ପରେ ଏହାର ସ୍ଥାନ ହେଉଛି ଦ୍ୱିତୀୟ। ତୃତୀୟରେ ୟୁରୋପୀୟ ସଂଘ ଓ ଚତୁର୍ଥ ସ୍ଥାନରେ ଜାପାନ ରହିଛି। ବିଜ୍ଞାନ ଗବେଷଣା ପାଇଁ ଆମେରିକା ୨୦୧୫ ମସିହାରେ ୫୦୦ ବିଲିୟନ ଡଲାର ଖର୍ଚ୍ଚ କରିଥିବା ବେଳେ ଚାଇନା ୪୦୦ ବିଲିୟନ ଡଲାର ଖର୍ଚ୍ଚ କରିଛି। ବିଜ୍ଞାନ ଓ ଇଞ୍ଜିନିୟରିଂରେ ମଧ୍ୟ ଚାଇନା ପୃଥିବୀରେ ଉଚ୍ଚ ସ୍ଥାନ ଅଧିକାର କରିଛି। ୨୦୧୬ରେ ଏହା ପ୍ରଥମଥର ପାଇଁ ଆମେରିକାଠାରୁ ଅଧିକ ଗବେଷଣାତ୍ମକ ବିଜ୍ଞାନ ନିବନ୍ଧ ପ୍ରକାଶ କରିଛି।

ଗତ ଜୁନ୍‌ରେ ପ୍ରକାଶ ପାଇଥିବା ପୃଥିବୀର ଶ୍ରେଷ୍ଠ ୫୦୦ଟି ସୁପରକମ୍ପ୍ୟୁଟର ମଧ୍ୟରେ ଚାଇନାର ୨୦୬ଟି ଥିବାବେଳେ ଆମେରିକାର ୧୨୪ଟି ଅଛି। ଏହି ତାଲିକାରେ ଭାରତର ମାତ୍ର ୫ଟି ସୁପର କମ୍ପ୍ୟୁଟର ଅଛି। ପୃଥିବୀର ବୃହତ୍ତମ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ଚାଇନାର ଗୁଇଝୋଉଠାରେ ସ୍ଥାପିତ ହୋଇଛି। ମହାକାଶ ଅଭିଯାନ କ୍ଷେତ୍ରରେ ଚାଇନା ନିଜର ରକେଟ୍ ସାହାଯ୍ୟରେ ମହାକାଶକୁ ନିଜର କୃତ୍ରିମ ଉପଗ୍ରହ ପଠାଇପାରିଛି। ଏହା ମଧ୍ୟ ମହାକାଶକୁ ନିଜର ମହାକାଶଚାରୀ ପଠାଇଛି ଏବଂ ଚନ୍ଦ୍ରକୁ ମନୁଷ୍ୟ ପଠାଇବା ପାଇଁ ଯୋଜନା କରୁଛି। ଏହା ମହାକାଶରେ କ୍ୱାଣ୍ଟମ୍ ପଦାର୍ଥବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରିଛି। ଚାଇନା ୨୦୧୩ରେ ଚନ୍ଦ୍ରପୃଷ୍ଠକୁ ଚାଙ୍ଗେ–୩ ମହାକାଶଯାନ ପଠାଇଛି ଏବଂ ଚନ୍ଦ୍ରପୃଷ୍ଠକୁ ଯାନ ପଠାଇବାରେ ଏହା ହେଉଛି ତୃତୀୟ ଦେଶ। ଏହା ୨୦୧୬ରେ ଶକ୍ତିଶାଳୀ ରକେଟ୍ ଲଙ୍ଗ ମାର୍ଚ୍ଚ–୭କୁ ଉତ୍‌କ୍ଷେପଣ କରିଛି।

ଚାଇନା ଗତବର୍ଷ ଗୋଟିଏ ମାଙ୍କଡର କ୍ଲୋନିଂ କରିପାରିଛି। ଚାଇନାର ପ୍ରଥମ ମାନବଚାଳିତ ବୁଡାଜାହାଜ ଜିଆଓଲୋଙ୍ଗ ୨୦୧୨ରେ ସମୁଦ୍ର ପତ୍ତନରୁ ୭୦୨୦ ମିଟର ଗଭୀରକୁ ଯାଇଥିଲା ଏବଂ ୨୦୨୦ରେ ଏହା ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର ଓ ଭାରତୀୟ ମହାସାଗର ଶଯ୍ୟାରେ ଏକ ବର୍ଷ ପାଇଁ ବିଜ୍ଞାନ ଗବେଷଣା ଅଭିଯାନରେ ଯିବ।

ଚାଇନାରେ ବର୍ତ୍ତମାନ ପାଞ୍ଚ ପ୍ରକାର ଅନୁଷ୍ଠାନରେ ବିଜ୍ଞାନ ଗବେଷଣା ହେଉଛି। ପ୍ରଥମରେ ଚାଇନା ବିଜ୍ଞାନ ଏକାଡେମୀ ଅଧୀନରେ ୧୨୦ଟି ଅନୁଷ୍ଠାନ ରହିଛି ଏବଂ ଏହା ମଧ୍ୟରେ ତିନୋଟି ଉଚ୍ଚ ଶିକ୍ଷାନୁଷ୍ଠାନ ଅଛି। ଦ୍ୱିତୀୟରେ ଚାଇନାର ବିଶ୍ୱବିଦ୍ୟାଳୟଗୁଡିକରେ ଓ ତୃତୀୟରେ ଶିଳ୍ପକ୍ଷେତ୍ରରେ ବିଜ୍ଞାନ ଗବେଷଣା ହେଉଛି। ଶିଳ୍ପକ୍ଷେତ୍ରରେ ଗବେଷଣା ଖର୍ଚ୍ଚ ହେଉଛି ଚାଇନାର ମୋଟ ଗବେଷଣା ଖର୍ଚ୍ଚର ପ୍ରାୟ ୮୦ ପ୍ରତିଶତ। ଏଗୁଡିକ ମୁଖ୍ୟତଃ ବଜାର ପ୍ରତି ଦୃଷ୍ଟି ଦେଇଥାଆନ୍ତି। ବେସାମରିକ ମନ୍ତ୍ରଣାଳୟ ଅଧୀନରେ ଚତୁର୍ଥ ପ୍ରକାର ବିଜ୍ଞାନ ଅନୁଷ୍ଠାନ ରହିଛି। ଏଗୁଡିକ ମୁଖ୍ୟତଃ କୃଷି, ଜନସ୍ୱାସ୍ଥ୍ୟ, ପରିବେଶ, ପ୍ରାକୃତିକ ସମ୍ପଦ ଆଦିର ଗବେଷଣା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ପଞ୍ଚମ ପ୍ରକାର ବିଜ୍ଞାନ ଗବେଷଣା ଅନୁଷ୍ଠାନ ପ୍ରତିରକ୍ଷା ବିଭାଗ ଅଧୀନରେ ଅଛି। ବିଜ୍ଞାନ ଗବେଷଣା ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା ସହ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହନ ଦେବା କାରଣରୁ ଆମେରିକାରେ କାର୍ଯ୍ୟ କରୁଥିବା ଚାଇନାର ବୈଜ୍ଞାନିକମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଅନେକ ୟୁରୋପୀୟ ଓ ଆମେରିକୀୟ ବୈଜ୍ଞାନିକ ମଧ୍ୟ ଚାଇନାରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିଦେଶର ଅନେକ ବୈଜ୍ଞାନିକ ଏଠାରେ କାର୍ଯ୍ୟରତ ଅଛନ୍ତି। ଚାଇନା ଅତିଶୀଘ୍ର ବିଜ୍ଞାନରେ ଅତି ଶକ୍ତିଶାଳୀ ଦେଶ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ–୯୪୩୮୬୯୩୭୨୪

## ଏଇ ଭାରତରେ

ଦୁନିଆରେ ଖୁବ୍ କମ୍ ଲୋକ ସଚ୍ଚୋଟପଣିଆ ଦେଖାଇ ଅନ୍ୟର ଉପକାର କରିଥାଆନ୍ତି। ସେମାନେ ପାଇଥିବା ମହାର୍ଘ ଜିନିଷକୁ ମାଟି ସଦୃଶ ମନେକରୁଥିବାରୁ ହରାଇବା ଲୋକେ ଉପକୃତ ହୋଇଥାଆନ୍ତି। ଏପରି ଏକ ଘଟଣାକ୍ରମରେ ଜଣେ ଅଟୋ ଡ୍ରାଇଭର ସ୍ୱର୍ଣ୍ଣାଳଙ୍କାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ଏକ ବ୍ୟାଗ୍ ପାଇ ତାକୁ ଫେରାଇଦେବା ପରେ ସଚ୍ଚୋଟପଣିଆର ସ୍ୱାକ୍ଷର ଛାଡ଼ିଛନ୍ତି। ମଣିମାଜ୍ରା ଅଞ୍ଚଳର ଅଟୋ ଡ୍ରାଇଭର ମହମ୍ମଦ ଶରିଫ୍ ସୋମବାର ରାସ୍ତାରେ ପଡିଥିବା ଏକ ବ୍ୟାଗ୍ ପାଇଥିଲେ। ଏହାକୁ ଖୋଲିବା ପରେ ଏଥିରେ କିଛି କାଗଜପତ୍ର ଏବଂ ଅନ୍ୟାନ୍ୟ ଜିନିଷ ସମେତ ପ୍ରାୟ ୨ଲକ୍ଷ ଟଙ୍କାର ସ୍ୱର୍ଣ୍ଣାଳଙ୍କାର ଥିବା ଦେଖିଥିଲେ। ସେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେଶନ୍ ଯାଇ ଉକ୍ତ ବ୍ୟାଗ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏହାକୁ ଖୋଲିବା ପରେ ଏଥିରେ ଗୋଟିଏ ପ୍ୟାନ୍‌କାର୍ଡ, ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଏବଂ ୮୦୦ଟଙ୍କା ସମେତ କିଛି ଦରକାରୀ କାଗଜପତ୍ର ଥିବା ଦେଖିବାକୁ ପାଇଲେ। ଏତଦ୍‌ଭିନ୍ନ ଉକ୍ତ ବ୍ୟାଗ୍‌ରେ ପାଖାପାଖି ୨ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ରହିଥିଲା। ଅନୁସନ୍ଧାନରୁ ଜଣାପଡିଥିଲା ଯେ, ଏହି ବ୍ୟାଗଟି ମଡର୍ନ ହାଉସ୍ କମ୍ପ୍ଲେକ୍ସର ବାସିନ୍ଦା ଅମ୍ରିତରାଜ କୌରଙ୍କର। ସେ ମଣିମାଜ୍ରାସ୍ଥିତ ସରକାରୀ ମଡେଲ ସିନିୟର ସେକେଣ୍ଡାରି ସ୍କୁଲ୍‌ର ଇଂଲିଶ୍ ଶିକ୍ଷୟିତ୍ରୀ। ଷ୍ଟେଶନ୍ ହାଉସ୍ ଅଫିସର ଅମ୍ରିତଙ୍କୁ ଥାନାକୁ ଡକାଇ ବ୍ୟାଗ୍‌ଟି ଫେରାଇଦେବା ସହିତ ଅଟୋ ଡ୍ରାଇଭରଙ୍କୁ ତାଙ୍କ ସାଧୁତା ପାଇଁ ପୁରସ୍କୃତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୩

- ଉପାସନାପୀଠ ମଧ୍ୟରେ ଆତ୍ମଗୋପନକାରୀ ଉଗ୍ରପନ୍ଥୀମାନଙ୍କ ସହ କଥାବାର୍ତ୍ତାରୁ ସର୍ବଦଳୀୟ ହୁରିୟାତ ସମ୍ମିଳନୀର ପ୍ରତିନିଧିମାନେ ଓହରିଯିବା ବିଷୟ ଘୋଷଣା କରିବା ପରେ ହଜରତବଲ ସଙ୍କଟର ସମାଧାନ ଉଦ୍ୟମ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।
- ଶୀତଳଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ କେତେକ ଦେଶ ଅଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଉଥିବାରୁ ଏବଂ ଆତଙ୍କବାଦ କ୍ରମଶଃ ମୁଣ୍ଡ ଟେକୁଥିବାରୁ ଆମେରିକା ତା'ର ଅଣୁ କାର୍ଯ୍ୟକ୍ରମର ପୁନଃସମୀକ୍ଷା କରିବା ନେଇ ନିଷ୍ପତ୍ତି ନେଇଛି।

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।
ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ–ପାପ
ସକଳ କ୍ଲେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | D | | 4 | C | B | | A | | |
| B | 5 | | D | | | 1 | | | | | A | | | |
| | E | 4 | | | 7 | | | | | | | 2 | 0 | |
| C | 0 | | | | | E | | | 9 | | | | 8 | B |
| D | 2 | 1 | C | | 0 | | | B | | 4 | 3 | | | |
| 7 | | | | | | | | 3 | | 1 | C | 8 | | |
| | | | | | | 4 | | | D | 6 | E | 1 | 7 | 5 |
| | | | 6 | | 8 | 7 | C | 1 | | | | D | | 2 |
| | | | | A | 1 | 0 | E | | 2 | | | | | |
| | | | 3 | | | | | | B | | | | | C |
| | | 6 | | | | 3 | | | | | | B | | 7 |
| | | | | 5 | 9 | | | A | | | | | 2 | |
| | | | 2 | | | | | D | 5 | | 9 | | | |
| | | D | | | E | B | | | 4 | 3 | | C | A | |
| | B | | | | A | | | 0 | E | 7 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | 5 | 1 | 7 | 3 | B | C | 2 | 6 | 4 | A | E | 8 | 9 |
| 2 | 8 | A | 9 | B | 0 | E | 3 | 4 | 7 | C | D | 5 | 6 | 1 |
| 9 | 3 | C | E | D | 2 | A | 8 | 6 | 5 | B | 1 | 0 | 4 | 7 |
| 1 | 4 | B | 6 | 8 | C | D | 7 | 5 | 9 | 0 | E | 2 | 3 | A |
| 7 | E | 6 | A | 4 | 5 | 0 | 1 | 9 | 8 | 3 | 2 | D | B | C |
| D | C | 0 | 5 | 6 | 1 | 8 | 2 | 3 | A | 7 | 9 | B | E | 4 |
| 6 | 9 | 4 | C | 0 | 8 | 7 | B | D | 3 | E | 5 | 1 | A | 2 |
| 3 | A | 7 | B | 2 | 9 | 4 | 5 | E | D | 1 | 0 | 8 | C | 6 |
| B | 5 | E | 3 | A | 7 | 1 | 6 | C | 2 | 8 | 4 | 9 | D | 0 |
| 8 | 2 | 1 | D | E | 4 | 9 | 0 | A | C | 6 | B | 3 | 7 | 5 |
| E | 0 | 9 | 8 | C | B | 5 | A | 1 | 4 | D | 6 | 7 | 2 | 3 |
| 4 | 1 | 8 | 0 | 3 | A | C | 9 | B | E | 2 | 7 | 6 | 5 | D |
| 5 | 7 | D | 2 | 1 | 6 | 3 | 4 | 8 | B | 9 | C | A | 0 | E |
| A | B | 2 | 4 | 9 | D | 6 | E | 7 | 0 | 5 | 3 | C | 1 | 8 |
| C | 6 | 3 | 7 | 5 | E | 2 | D | 0 | 1 | A | 8 | 4 | 9 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାନୁଭବ ପଟେଲ

ମହାଶୟ,

ଭାରତ ସ୍ୱାଧୀନତା ପ୍ରାପ୍ତିର ମାତ୍ର ୩ ବର୍ଷ ହେଇଥାଏ। ଦୁଇଜଣ ବିଦେଶୀ ଛାତ୍ର ପାର୍ଲାମେଣ୍ଟ ଦେଖିବାକୁ ଆସିଥିଲେ। ସେମାନେ ରାଜନୀତି ବିଜ୍ଞାନର ଛାତ୍ର। ତେଣୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ପାସ୍ ନେଇ ଆସିଥିଲେ ପାର୍ଲାମେଣ୍ଟ ଦେଖିବାକୁ। ସେମାନେ ହଠାତ୍ ବାରଣ୍ଡାରେ ଜଣେ ମଧ୍ୟବୟସ୍କ ପାଇଜାମା ପିନ୍ଧା ଲୋକଙ୍କୁ ଦେଖିଲେ। ସେ ସେମାନଙ୍କୁ ପାର୍ଲାମେଣ୍ଟ ବୁଲେଇ ଦେଖାଇଲେ। ସେମାନେ ଭାବିଥିଲେ ଏଇ ବୋଧହୁଏ ପାର୍ଲାମେଣ୍ଟର ତତ୍ତ୍ୱାବଧାରକ। କିଛି ସମୟ ପରେ ପାର୍ଲାମେଣ୍ଟ ଆରମ୍ଭ ହେଲା। ଯୁବକ ଦୁହେଁ ଆଚମ୍ବିତ ହେଲେ– ତତ୍ତ୍ୱାବଧାରକ ସାଜିଥିବା ଲୋକଟି ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଲୋକ ସଭାରେ ଭାଷଣ ଦେଉଛନ୍ତି। ସଭା ସାଙ୍ଗ ହେଲା ପରେ ଦୁହେଁ ଦଉଡିଲେ ତାଙ୍କ କୋଠାରିକୁ। ବିନୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ସେମାନଙ୍କୁ ହାଲ୍‌କା କରିବାକୁ କହିଲେ ଆପଣମାନେ ଆମ ଦେଶର ଅତିଥି। ଅତିଥି ଭଗବାନଙ୍କ ସାକ୍ଷାତ୍ ସ୍ୱରୂପ। ତେଣୁ ଲଜ୍ଜାବୋଧ ବା କ୍ଷମା ପ୍ରାର୍ଥନାର ପ୍ରଶ୍ନ ଉଠୁନି। ସେହି ବିନୟୀ ମହାନୁଭବ ଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ।

ଡି. ଲକ୍ଷ୍ମୀନାରାୟଣ,ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ଗଣତନ୍ତ୍ର ଓ ବ୍ଲକ୍ ଗ୍ରାଣ୍ଟ

ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକମାନେ ଦୀର୍ଘ ୩୦ ବର୍ଷ ଧରି ରାଜ୍ୟର ଶିକ୍ଷାକୁ ସମୃଦ୍ଧ କରିଆସୁଛନ୍ତି। ସେମାନଙ୍କୁ ସରକାରୀ ଚାକିରିଆଙ୍କ ପରି ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉନାହିଁ। ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ଶିକ୍ଷକଙ୍କୁ ଉଚିତ ନ୍ୟାୟ ନ ଦେବା ଅର୍ଥ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେବା। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମାନ କାମକୁ ସମାନ ଦରମା ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ। ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ସମାଜର ଅଧଃପତନ ସୁନିଶ୍ଚିତ। ସରକାରୀ କର୍ମଚାରୀଙ୍କ ପାଇଁ ଯେଉଁ ନୀତିନିୟମ, ସୁବିଧା ଅଛି ସେହି ନିୟମ ସେମାନଙ୍କ ପାଇଁ ଲାଗୁ କରାଯାଉ। ଶିକ୍ଷା ବ୍ୟବସ୍ଥାକୁ ନ ସଜାଡିଲେ ଭବିଷ୍ୟତ ବଂଶଧର ବିଶୃଙ୍ଖଳିତ ହେବେ। ସମାଜର ନୈତିକ ଅଧଃପତନ ଘଟିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ତେନ୍ତୁଳିଗୁମ୍ମା ରାସ୍ତା ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ମାଥିଲି, ୩୦।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗ ପଞ୍ଚାୟତରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା ଗାଁ ଯାଏ ରାସ୍ତାର ଉନ୍ନତୀକରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା କାମ ପାଇଁ ଭୂମିପୂଜା କରିଥିଲେ । କିଆଙ୍ଗ ଠାରୁ କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପର୍ଯ୍ୟନ୍ତ ୧୨ କିମି ରାସ୍ତା ନିର୍ମାଣ କରାଯିବ । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତା କାମ ହେବ । ଦୀର୍ଘ ବର୍ଷ ଧରି କିଆଙ୍ଗଠାରୁ ତେନ୍ତୁଳିଗୁମ୍ମା ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଥିଲା । ବାରମ୍ବାର ଅଭିଯୋଗ ପରେ ମଧ ଏହି ରାସ୍ତା ମରାମତି ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିଲା । ଯାତାୟାତ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବିଧାୟକ ଶିଶାଙ୍କ ଉଦ୍ୟମକ୍ରମେ କିଆଙ୍ଗଠାରୁ ତେନ୍ତୁଳିଗୁମ୍ମା ରାସ୍ତାର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ପୂର୍ତ୍ତ ବିଭାଗ ଏହି କାମ କରିବ । ସୂଚନାଯୋଗ୍ୟ ଯେ, ବୈପାରିଗୁଡା ବ୍ଲକ ଅଧୀନରେ ତେନ୍ତୁଳିଗୁମ୍ମା ଗାଁ ରହିଯାଇଛି । ତେବେ କୌଣସି କାମ ପାଇଁ ଏଠାକାର ପଞ୍ଚାୟତବାସୀ ମାଲକାନଗିରି ଜିଲା କିଆଙ୍ଗ-ମାଥିଲି ଦେଇ ଯାତାୟାତ କରିଥାନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦଳପତିଗୁଡା ସରପଞ୍ଚ ଡମ୍ବୁ ନାୟକ, ପୂର୍ବତନ ସରପଞ୍ଚ ସମାରୁ ନାୟକ, କୁଳମଣି ସ୍ୱାଇଁ, ଡି. ବାଙ୍ଗାରିଆ, ବିଜେଡି ବ୍ଲକ ସମ୍ପାଦକ ସରୋଜ କୁମାର ସାହୁ, ବିଧାୟକ ପ୍ରତିନିଧି ଭୀମସେନ ନାୟକ, ରାମକୃଷ୍ଣ ଅନୁଗୁଳିଆ, ମନୋଜ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ■ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିର ଉନ୍ନତି ଚିନ୍ତା

# ୧୦୦ କୋଟି ମଞ୍ଜୁର ନ କରିବା ଯାଏ ନେତା, ଅଧିକାରୀଙ୍କୁ ଗାଁରେ ପଶିବା ମନା

ମାଥିଲି, ୩୦।୧୦ (ଡି.ଏନ.ଏ)

- ■ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିବାସୀ ଅସୁବିଧା ଭୋଗୁଛନ୍ତି
- ■ ସ୍ୱାସ୍ଥ୍ୟ, ଶିକ୍ଷା,ଗମନାଗମନ ଭଳି ମୌଳିକ ସେବା ଅପହଞ୍ଚ
- ■ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଗ୍ରାମବାସୀ ଲେଖିଛନ୍ତି ଚିଠି

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପଞ୍ଚାୟତର ଉନ୍ନତି ପାଇଁ ଶହୀଦ ମାଟି ୧୦୦ କୋଟି ଅଭିଯାନରେ ସାମିଲ ହୋଇଛି। ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଶହେ କୋଟି ମଞ୍ଜୁର ନ ହେବା ଯାଏ କୌଣସି ନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମରେ ପ୍ରବେଶ କରାଇ ନ ଦେବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି । ଗ୍ରାମର ମୁଖିଆ ଏବଂ ସରପଞ୍ଚଙ୍କ ନେତୃତ୍ୱରେ ଏକ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି । ସ୍ୱାଧୀନତା ପାଇଁ ଯେଉଁ ଆଦିବାସୀ ନେତା ଫାଶି ଖୁଣ୍ଟରେ ଝୁଲିଗଲେ ତାଙ୍କ ଜନ୍ମ ମାଟି ପାଇଁ ଏବେ ମଧ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି । ପର୍ବତ ଏବଂ ଘଞ୍ଚ ଜଙ୍ଗଲ ଭିତରେ ଯାତାୟାତ କରି ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିବାସୀ ଅସୁବିଧା ଭୋଗୁଛନ୍ତି । ନଦୀରେ ବିପଦପୂର୍ଣ୍ଣ ଭାବେ ଦଦରା ଡଙ୍ଗାରେ ଯାତାୟାତ କରୁଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଭଳି ମୌଳିକ ସେବା ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ ଲୋକଙ୍କ ନିକଟରେ ପହଞ୍ଚିପାରିନାହିଁ। କୋରାପୁଟ ଜିଲାର ଶହୀଦ ଲକ୍ଷ୍ମଣ ନାୟକ ଯୁବସେନା ତରଫରୁ ଚାଲିଥିବା ଶହୀଦ ମାଟି ପାଇଁ ଶହେ କୋଟି ଅଭିଯାନ ଯଥାର୍ଥ। ଏହାକୁ ଗ୍ରାମବାସୀ ସମର୍ଥନ କରିଛନ୍ତି । ଅନ୍ୟପକ୍ଷରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଗ୍ରାମର ସମସ୍ୟା ଉପସ୍ଥାପନା କରି ଚିଠି ମଧ ଲେଖିଛନ୍ତି । ରାଜ୍ୟ ସରକାର ଏଥିରେ ଦୃଷ୍ଟି ନ ଦେବା ପର୍ଯ୍ୟନ୍ତ ଏବଂ ଗାଁ ପାଇଁ ଶହେ କୋଟି ଅର୍ଥ ମଞ୍ଜୁର ନ ହେବା ଯାଏ କୌଣସି ପ୍ରଶାସନିକ ଅଧିକାରୀ ଏବଂ ରାଜନୈତିକ ନେତାଙ୍କୁ ଗ୍ରାମରେ ପ୍ରବେଶ କରାଇ ନ ଦେବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ନଭେମ୍ବର ୨୨ରେ ହେବାକୁ ଥିବା ଶହୀଦଙ୍କ ଜନ୍ମ ଦିବସରୁ ଗ୍ରାମବାସୀ ସେମାନଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ କରିବେ। ପ୍ରଥମେ ଅର୍ଥ ମଞ୍ଜୁର ହୋଇ ଉନ୍ନୟନ କାମ ଆରମ୍ଭ ହେବା ପରେ ପ୍ରଶାସନିକ ଅଧିକାରୀ ଏବଂ ନେତାଙ୍କୁ ଗ୍ରାମରେ ପଶିବାକୁ ଦେବୁ ବୋଲି ଗ୍ରାମର ବନସିଂ ନାୟକ କହିଛନ୍ତି ।

## ■ ଶିଶୁ ଯତ୍ନ ସମ୍ପର୍କରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ବୈଠକ

# ସଦର ମହକୁମାରେ ନ ରହିଲେ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)– ବର୍ତ୍ତମାନ ଶୀତ ଋତୁ ଆରମ୍ଭ ହୋଇଥିବାରୁ ଏହି ସମୟ ମଧରେ ଛୋଟ ଛୋଟ ପିଲାମାନଙ୍କ ଶର୍ଦ୍ଦି, କାସ, ଜ୍ୱର ହେବାର ସମ୍ଭାବନା ରହିଛି। ଏହି ଶିଶୁମାନଙ୍କର କିପରି ଅଙ୍ଗନୱାଡି କେନ୍ଦ୍ରରେ ଯତ୍ନ ନିଆଯିବ ସେ ନେଇ ମଙ୍ଗଳବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚଲାଣଗୁଡା ପଞ୍ଚାୟତ ଶିଶୁ ବିକାଶ ଯୋଜନା ସେକ୍ଟର ଗୃହରେ ଏକ ବୈଠକ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ତଣ୍ଡିକି ଏବଂ ଚଲାଣଗୁଡା ପଞ୍ଚାୟତ ଅଧୀନରେ ଥିବା ୨୨ଟି କେନ୍ଦ୍ରର କର୍ମୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। କୋରୁକୋଣ୍ଡା ସିଡିପିଓଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ପିଲାଙ୍କ ଯତ୍ନ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା । ୨ରୁ ୫ ବର୍ଷର ପିଲାମାନେ କେନ୍ଦ୍ରରେ ସରକାର ଯୋଗାଇ ଦେଉଥିବା ସମସ୍ତ ସୁବିଧା ଯେପରି କାର୍ଯ୍ୟକାରୀ ହୁଏ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଶିଶୁମାନଙ୍କୁ ସକାଳେ ପୁଷ୍ଟିକର ଛତୁଆ ଖାଦ୍ୟ, ଗରମ ରନ୍ଧା ଖାଦ୍ୟ, ଗରମ ପାନୀୟ ଜଳ ବ୍ୟବହାର, ପରିଷ୍କାର ପରଚ୍ଛନ୍ନତା, ଏବଂ ପୋଷାକ ଉପରେ ଧାନ ଦେବାପାଇଁ କର୍ମୀମାନଙ୍କୁ କୁହାଯାଇଥିଲା । ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ନିଜ କାର୍ଯ୍ୟସ୍ଥଳୀ ସଦର ମହକୁମାରେ ରହି ଅଙ୍ଗନୱାଡି ଛୁଟି ପରେ ନିଜ ନିଜ ଘରେ ପିଲାମାନଙ୍କୁ ପରିବାର ଲୋକେ କେଉଁ ପରିବେଶରେ ରଖୁଛନ୍ତି ସେଥିପ୍ରତି ଧାନ ଦେବେ । ଯଦି କୌଣସି ଅଙ୍ଗନୱାଡି କର୍ମୀ ସଦର ମହକୁମାରେ ନ ରହନ୍ତି ସେମାନଙ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ ବିଫଳା ସରକାର ତାଗିଦ୍ କରିଥିଲେ। ସୁପରଭାଇଜର ଧର୍ମବତୀ ଖରା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାଣ୍ଡ୍ରିପାଣି,୩୦।୧୦

ମାଲକାନଗିରି ଜିଲା ସଦର ବ୍ଲକ ବୀରଲକ୍ଷ୍ମଣପୁର ଓ ମାର୍କାପାଲି ପଞ୍ଚାୟତର ସନ୍ଧିବିଚଲକୋଟା ଖେଳପଡିଆରେ ମାଲକାନଗିରି ବିଧାୟକ ତଥା ଜିଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପାଣ୍ଡ୍ରିପାଣି କପିଳେଶ୍ୱର ମନ୍ଦିରରୁ ଏହି ପଦଯାତ୍ରା ବାହାରି ବିଚଲକୋଟା ଖେଳପଡିଆରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ଅତିଥିମାନେ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ପରିଷଦ ପୂର୍ବତନ ଅଧକ୍ଷା ପଦ୍ମିନୀ ମୁଦୁଲି, ମାଲକାନଗିରି ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ମାଲକାନଗିରିର ପୂର୍ବତନ ପୌରାଧକ୍ଷା ରାଜୱନ୍ତ କୌର, ଜିଲା ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ଦହନା ତାଙ୍ଗୁଲୁ, ଧନୁର୍ଜୟ ମାଡକାମୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରମାନେ ସାମିଲ ହୋଇଥିଲେ । ଏହି ଅବସରରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବନେତା ଶରତ ଚନ୍ଦ୍ର ବୁରୁଦାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।


## ଭାରତୀୟ ରିଜର୍ଭ ବ୍ୟାଙ୍କ୍

www.rbi.org.in

### ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପାଳ ଯୋଜନା-୨୦୧୮

ଯଦି ରିଜର୍ଭ ବ୍ୟାଙ୍କ୍# ଦ୍ୱାରା ପଞ୍ଜୀକୃତ ହୋଇଥିବା କୌଣସି ଜମାଗ୍ରହଣକାରୀ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତାଙ୍କଦ୍ୱାରା ପ୍ରଦତ୍ତ ସେବା* ସମ୍ବନ୍ଧୀୟ **ଅଭିଯୋଗକୁ ୩୦ ଦିନ ମଧ୍ୟରେ ସମାଧାନ କରି ନ ପାରନ୍ତି ଅଥବା ଆପଣ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହନ୍ତି,** ତେବେ ଆପଣ 'ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ'ଙ୍କୁ ନିମ୍ନପ୍ରଦତ୍ତ ଠିକଣାରେ ଆବେଦନ କରିପାରିବେ ।

**The NBFC Ombudsman (East Zone)**
**C/o Reserve Bank of India**
**4th Floor, 15, N.S. Road, Kolkata-700001**
**Phone No. 033-22628772, Fax: 033-22305899**
**E-mail: nbfcokolkata@rbi.org.in**

ପଶ୍ଚିମବଙ୍ଗ, ସିକିମ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ଗୁଡ଼ିକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ (ପୂର୍ବ କ୍ଷେତ୍ର)ଙ୍କର କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି ।

**ଦ୍ରଷ୍ଟବ୍ୟ: ଅଭିଯୋଗ କରିବାର ବିଷୟ, ଅଭିଯୋଗ ଦାଖଲ କରିବା ଏବଂ ଅପିଲ କରିବାର ପ୍ରଣାଳୀ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୱେବସାଇଟ https://rbidocs.rbi.org.in/rdocs/Content/PDFs/NBFC23022018.pdf ଏବଂ https://www.rbi.org.in/Scripts/FAQView.aspx?Id=125 କୁ ଦେଖନ୍ତୁ ।**

* ଯେଉଁସବୁ ସେବାପ୍ରଦାନର ତ୍ରୁଟି ସମ୍ବନ୍ଧରେ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳଙ୍କୁ ଆବେଦନ କରିପାରିବେ, ତାହା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ ଯୋଜନା-୨୦୧୮ର ଧାରା ୮ରେ ଉପଲବ୍ଧ ।

# ଆପଣ ନିବେଶ କରିଥିବା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜୀକୃତ କି ନୁହେଁ ଜାଣିବାପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ https://rbi.org.in/Scripts/NBFC_Pub_lic.aspx କୁ ଦେଖନ୍ତୁ ।

ସତର୍କତା: ଇ-ମେଲ୍/ଏସ୍ଏମ୍ଏସ୍/ଫୋନ କଲ୍ ମାଧ୍ୟମରେ ଟଙ୍କା ଦେବାର ପ୍ରତିଶ୍ରୁତି ଭଳି ଠକାମିର ଶିକାର ହୁଅନ୍ତୁ ନାହିଁ।


# ମାଥିଲି ବ୍ଲକର ନୂଆ ସଭାପତି ଚୟନ

ମାଥିଲି, ୩୦।୧୦ (ଡି.ଏନ.ଏ.)

ବହୁ ଦିନର ପ୍ରତୀକ୍ଷା ପରେ ମାଲକାନଗିରି ଜିଲା ମାଥିଲି ବ୍ଲକ ପାଇଁ ବିଜେଡିର ବ୍ଲକ ସଭାପତି ଚୟନ କରିଛି । ଦଳପତିଗୁଡା ସରପଞ୍ଚ ଡମ୍ବୁ ନାୟକଙ୍କ ବ୍ଲକ ସଭାପତି ଭାବେ ଚୟନ କରାଯାଇଛି । ମଙ୍ଗଳବାର ଦଳପତିଗୁଡା ପଞ୍ଚାୟତ କେନ୍ଦୁଗୁଡାଠାରେ ଆୟୋଜିତ ସଭାରେ ସଭାପତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଏବଂ ମାଥିଲି ବ୍ଲକର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଦଳ ପାଇଁ କର୍ମକର୍ତ୍ତାଙ୍କ ସହିତ ମିଶି କାମ କରିବେ ବୋଲି ସଭାପତି ନାୟକ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଳମଣି ସ୍ୱାଇଁ, ସମାରୁ ନାୟକ, ସରୋଜ ସାହୁ, ରାମକୃଷ୍ଣ ଅନୁଗୁଳିଆ, ଡି. ବାଙ୍ଗାରିଆ, ବିଧାୟକ ପ୍ରତିନିଧି ମନୋଜ ପ୍ରଧାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।












**ସଂକ୍ଷେପରେ**

## ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବେ ସରକାର

### ମୁହଁ ଖୋଲିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ): ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନରେ ମୁହଁ ଖୋଲିଛନ୍ତି ଆଇନମନ୍ତ୍ରୀ ପ୍ରତାପ ଜେନା। ସେ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳଗୁଡିକ ଏହି ଘଟଣାରେ ଉସୁକାଉଛନ୍ତି ଏବଂ ସରକାର ହସ୍ତକ୍ଷେପ କରୁନାହାନ୍ତି ବୋଲି ଆରୋପ ଲଗାଉଛନ୍ତି ଏକଥା ସମ୍ପୂର୍ଣ୍ଣ ଭୁଲ୍। ଯଦି ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ନ ଥାଆନ୍ତେ ତେବେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ଜଣଙ୍କୁ ନିଲମ୍ବନ କରାଯାଇ ନ ଥାଆନ୍ତା। ଏହି ଘଟଣାରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ମଧ ରାଜ୍ୟର ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆନ୍ଦୋଳନ ବନ୍ଦ କରିବାକୁ ଆଇନଜୀବୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଏବେ ଏ ସମ୍ପର୍କରେ ନିଷ୍ପତ୍ତି ନେବେ ତେଣୁ ଆଇନଜୀବୀମାନେ ଆନ୍ଦୋଳନକୁ ବନ୍ଦ କରି କାର୍ଯ୍ୟରେ ଯୋଗ ଦେବା ପାଇଁ ମୁଁ ଅନୁରୋଧ କରୁଛି। ରାଜ୍ୟରେ ବହୁ ଲୋକ ବର୍ତ୍ତମାନ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ ଆଇଜି ପାହ୍ୟାର ଅଫିସର ଏହାର ତଦନ୍ତ କରୁଛନ୍ତି। ତେଣୁ ଏବେ ଆନ୍ଦୋଳନରୁ ଓହରି ଆଇନ ଅନୁଯାୟୀ କଥାକୁ ଆଗେଇ ନିଅନ୍ତୁ। ହାଇକୋର୍ଟ ଯାହା ନିଷ୍ପତ୍ତି ନେବେ ସରକାର ତାକୁ ମାନିନେବେ ବୋଲି ଜେନା କହିଛନ୍ତି। ଅନ୍ୟପଟେ ଭାଜପା କିନ୍ତୁ ପାଲଟା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଭାଜପା ମୁଖ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୀର୍ଘଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହେବା ପରେ ଏହାକୁ ଏକ ହିଂସାତ୍ମକ ରୂପ ଦେଇଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ସଦୃଶ। ଯେତେବେଳେ କୌଣସି ସରକାର ଆନ୍ଦୋଳନକୁ ବଳପୂର୍ବକ ଦମନ କରିବାକୁ ଚେଷ୍ଟା କରିବେ ସେତେବେଳେ ତା'ର ପତନ ସୁନିଶ୍ଚିତ। ରାଜ୍ୟ ସରକାର ବର୍ତ୍ତମାନ ସେହି ରାସ୍ତାଦେଇ ଚାଲିଛନ୍ତି। ରାଜ୍ୟରେ ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଛନ୍ତି। ସରକାର ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରନ୍ତୁ ବୋଲି ହରିଚନ୍ଦନ କହିଛନ୍ତି।

### ■ ଝାରସୁଗୁଡ଼ା ବିମାନବନ୍ଦର ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମକରଣ ବିଜ୍ଞପ୍ତି ପ୍ରକାଶ ପାଇଁ ଅନୁରୋଧ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)



ଗତ ସେପ୍ଟେମ୍ବର ୨୨ରେ ଉଡ଼ାନ ଯୋଜନାରେ ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ତଥା ଏହି ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମକରଣ କରିବା ପାଇଁ ଘୋଷଣା କରାଯାଇଥିଲା। କିନ୍ତୁ ଏଯାଏ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ। ତେଣୁ କେନ୍ଦ୍ର ସରକାର ତୁରନ୍ତ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ଏୟାର ଓଡ଼ିଶା କୌଣସି କାରଣ ନ ଦର୍ଶାଇ ଝାରସୁଗୁଡ଼ା ବିମାନବନ୍ଦରରୁ ଗତ ଅକ୍ଟୋବର ୬ରୁ ସେବା ବନ୍ଦ କରିଦେଇଛି, ଯାହାଫଳରେ ରାଜ୍ୟର ବିମାନ ସେବା କ୍ଷେତ୍ର ପ୍ରଭାବିତ ହୋଇଛି। ଏଥି ସହିତ ପଶ୍ଚିମ ଓଡ଼ିଶାବାସୀଙ୍କ ମନୋଭାବକୁ ମଧ ବହୁତ କଷ୍ଟ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଉଡ଼ାନ ଯୋଜନାରେ କମର୍ସିଆଲ ବିମାନ ଯୋଗାଇ ଝାରସୁଗୁଡ଼ା ବିମାନବନ୍ଦରକୁ ସମ୍ପୂର୍ଣ୍ଣ ଭାବେ କମର୍ସିଆଲ ବିମାନବନ୍ଦର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ବିମାନବନ୍ଦରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପାଣ୍ଠି ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ପୂର୍ବ ଆଧାର ଅନୁସାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଝାରସୁଗୁଡ଼ାରୁ ଅନ୍ୟ ସହର ତଥା ପଡ଼ୋଶୀ ରାଜ୍ୟକୁ ଉଡ଼ାନ ଯୋଜନା କିମ୍ବା ଅନ୍ୟ କେଉଁ ଯୋଜନାରେ ଅନ୍ୟ କୌଣସି ଏୟାରଲାଇନ୍ସକୁ କାର୍ଯ୍ୟକ୍ଷମ କରାଯାଉ। ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ଝାରସୁଗୁଡ଼ା ଦେଇ ବିମାନ ସେବା ପ୍ରଦାନ କରିବା ପାଇଁ ଯଦି ଏୟାର ଇଣ୍ଡିଆକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବେ, ତେବେ ପଶ୍ଚିମ ଓଡ଼ିଶାବାସୀ ବହୁତ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

### ଆଇନଜୀବୀଙ୍କ ମାଡ଼ରେ କନ୍‌ଷ୍ଟେବଲ ଆହତ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିକଲା ମହାସଂଘ

କଟକ ଅଫିସ୍, ୩୦।୧୦: ହାଇକୋର୍ଟ ପରିସରରେ ସୋମବାର ଆଇନଜୀବୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳବେଳେ କନ୍‌ଷ୍ଟେବଲ ସତ୍ୟନାରାୟଣ ଛୁଆଳସିଂ ଆକ୍ରମଣର ଶିକାର ହୋଇଥିଲେ। କେତେଜଣ ଆଇନଜୀବୀ ତାଙ୍କୁ ମାଡ଼ ମାରିଥିବା ନେଇ ଲାଲ୍‌ବାଗ ଥାନାରେ ଅଭିଯୋଗ ହୋଇଥିବାବେଳେ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛି ଓଡ଼ିଶା ପୋଲିସ ଏସ୍‌ଏପି କନଷ୍ଟେବଳ, ସିପାହି ଓ ହାବିଲଦାର ମହାସଂଘ। ମଙ୍ଗଳବାର ମହାସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୬ ଜଣ ପୋଲିସ କନ୍‌ଷ୍ଟେବଲ ସାଦା ପୋଷାକରେ ହାଇକୋର୍ଟ ପରିସରରେ କାର୍ଯ୍ୟରତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ପୁଅ ମିଶି କରିବ ଚାଷ**
**ପର ଆଶରାରେ ସରବନାଶ**
**ଭାଇ ଭାଇ ମିଳି କରିଲେ କୃଷି**
**ଅବଶ୍ୟ ବହୁତ ପ୍ରାଣୀଙ୍କ ପୋଷି ।**

ଘରଲୋକଙ୍କ ସହ ମିଳିମିଶି ଚାଷ କଲେ କୃଷିର ଉନ୍ନତି ଘଟିଥାଏ। ଫସଲରୁ ଭଲ ଆମଦାନୀ ମିଳିବା ସହ ପରିବାର ପ୍ରତିପୋଷଣ କରିବା ସମ୍ଭବପର ହୋଇଥାଏ। ପରନ୍ତୁ ପର ଉପରେ ନିର୍ଭର କରି ବସି ରହିଲେ ଅନେକ ସମୟରେ ଲାଭ ବଦଳରେ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବାଟରେ ଯାଉଛି କମାର**
**ଲୁହା ପକେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବାମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଇପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ୍‌ରେ ଗୁରୁତ୍ୱ ଦିଏ: କରୀନା



ମୁମ୍ବାଇ: ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବା ବେଳେ ସ୍ୱାସ୍ଥ୍ୟ ସଚେତନ ହେବା ସହିତ ସବୁବେଳେ ଫିଟ୍ ରହିବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ପ୍ରକାଶ କରିଛନ୍ତି। ଘରଭିତର ବାୟୁର ବିଶୁଦ୍ଧୀକରଣରେ ସହାୟତା କରୁଥିବା କମ୍ପାନି ହନିୱେଲ୍‌ର 'ହେଲ୍‌ଦି ସ୍ଲିପ୍' ପ୍ରଚାର ଅଭିଯାନରେ ସାମିଲ ହୋଇଥିବା କରିନା ଏହା କହିଛନ୍ତି। ଆମେ ଶୋଇବା ସମୟରେ ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ଗ୍ରହଣ କରୁ ଯାହା ଜୀବାଣୁ, ଧୂଳି ଏବଂ ପିଏମ୍୨.୫ କଣିକାରେ ପରିପୂର୍ଣ୍ଣ। ଘର ଭିତର ବାୟୁକୁ ବିଶୁଦ୍ଧ କରିବାରେ ସହାୟକ ହୋଇପାରୁଥିବା ହନିୱେଲ୍ ଉତ୍ପାଦ ପ୍ରତି କରିନା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ କହିବାନୁଯାୟୀ, ବାସ କରୁଥିବା ଘର ଓ ପରିବେଶ ପ୍ରତି ସେ ଖୁବ୍ ଯତ୍ନବାନ୍। ଜଣେ ମା' ହିସାବରେ ଏକ ନିର୍ମଳ ପରିବେଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଉପରେ ସେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସକ୍ରିୟ, ଅଧିକ ଉତ୍ପାଦନକ୍ଷମ ଏବଂ ସୁସ୍ଥ ଜୀବନଶୈଳୀ ପାଇଁ ସୁଖନିଦ୍ରା ଅପେକ୍ଷା ସୁସ୍ଥନିଦ୍ରା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମନେ କରନ୍ତି। ଘରଭିତର ବାୟୁକୁ ନିର୍ମଳ ରଖିବା ପାଇଁ ସେ ନିୟମିତ ଏହାକୁ ନିଷ୍କାସନ କରିବା ସହିତ ଘରେ ମଧ ସବୁଜ ଉଦ୍ଭିଦ ରଖିଛନ୍ତି। ଏହାଦ୍ୱାରା ତାଙ୍କ ପରିବାର ପାଇଁ ସତେଜ ବାୟୁ ମିଳିପାରିବ। ସେ ମୁକ୍ତବାୟୁ ଚଳାଚଳ ସ୍ଥାନରେ ନିୟମିତ ଯୋଗାଭ୍ୟାସ କରି ନିଜକୁ ଫିଟ୍ ରଖନ୍ତି। ରଣଧୀର କପୁରଙ୍କ କନ୍ୟା କରିନା ସୈଫ ଅଲି ଖାନ୍‌ଙ୍କୁ ବିବାହ କରିଛନ୍ତି। ତାଙ୍କ ଶିଶୁପୁତ୍ର ତୈମୁର ଅଲି ଖାନ୍ ଡିସେମ୍ବରରେ ୨ବର୍ଷରେ ପଦାର୍ପଣ କରିବାକୁ ଯାଉଛି।

## କୋର୍ଟରେ ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କଟକ ଅଫିସ୍, ୩୦।୧୦

■ **ସ୍ଥାୟୀ କମିଟି ଗଠନ ପ୍ରସ୍ତାବ ରଖିଲେ ଆଇନଜୀବୀ**
■ **ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଧେୟକ ପ୍ରଣୟନ ଦାବି**

ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟର କୋର୍ଟଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ଦୀର୍ଘସୂତ୍ରୀ ସ୍ଥାୟୀ ସମାଧାନର ରାସ୍ତା ସରକାର ବାହାର କରିବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ସିତାଂଶୁ ମୋହନ ଦ୍ୱିବେଦୀ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ତଥା ରାଜ୍ୟ ବାର୍ କାଉନସିଲ ସଦସ୍ୟ ବିଷ୍ଣୁପ୍ରସାଦ ତ୍ରିପାଠୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଭବିଷ୍ୟତରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ରାଜ୍ୟ ବାର୍ କାଉନସିଲ, ହାଇକୋର୍ଟ ବାର୍ ଆସୋସିଏଶନ ଓ ଗୃହ କମିଟିର ପ୍ରତିନିଧିଙ୍କୁ ନେଇ ସ୍ଥାୟୀ କମିଟି ଗଠନ କରାଗଲେ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ହୋଇପାରିବ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି।

ଅନ୍ୟପକ୍ଷରେ ଆଇନଜୀବୀଙ୍କ ଆନ୍ଦୋଳନକୁ ବିଭାଜିତ ତଥା ବିଭ୍ରାନ୍ତ କରିବା ଓ ନ୍ୟାୟପାଳିକାକୁ ରାଜନୀତିର ପରୀକ୍ଷାଗାର ନ କରିବାକୁ ରାଜନୈତିକ ଦଳଗୁଡ଼ିକୁ ଦ୍ୱିବେଦୀ ଓ ତ୍ରିପାଠୀ ଅନୁରୋଧ କରିଛନ୍ତି। ଅଗଷ୍ଟ ୨୮ରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ସହିତ ଘଟିଥିବା ଅସ୍ୱାଭାବିକ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ରାଜନୈତିକ ଦଳଗୁଡ଼ିକ କେବଳ ବାର୍ ଆସୋସିଏଶନ ନୁହେଁ, ଏପରିକି ଆଇନଜୀବୀମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ବାର୍ କାଉନସିଲକୁ ବିଭାଜନ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଇନଜୀବୀଙ୍କ ସମ୍ମାନ ଓ ମର୍ଯ୍ୟାଦାର ସୁରକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ସାଧାରଣ ଜନତାଙ୍କ ନ୍ୟାୟିକ ଅଧିକାରକୁ ମଧ ଅଣଦେଖା କରାଯିବା ସାମ୍ବିଧାନିକ ବିଧି ବ୍ୟବସ୍ଥାର ଘୋର ବିରୋଧୀ। ତେଣୁ ସରକାର ଆସନ୍ତା କ୍ୟାବିନେଟ୍ ବୈଠକରେ ମଧ୍ୟପ୍ରଦେଶ ଢାଞ୍ଚାରେ ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ସେମାନେ ଅନୁରୋଧ କରିଛନ୍ତି। ତେବେ ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଦସ୍ୟ ଅସିମ ଅମିତାଭ ଦାସଙ୍କ ଉପରେ କେତେଜଣ ଅଣଆଇନଜୀବୀଙ୍କ ଆକ୍ରମଣକୁ ସେମାନେ ନିନ୍ଦା କରିବା ସହ ପରିଷଦରେ କୌଣସି ବିଭାଜନ ନାହିଁ ବୋଲି ଦ୍ୱିବେଦୀ ଓ ତ୍ରିପାଠୀ ସ୍ପଷ୍ଟୀକରଣ ଦେଇଛନ୍ତି।

### ■ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା

## ହାଇକୋର୍ଟ ପରିସରରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ

କଟକ ଅଫିସ୍, ୩୦।୧୦

**ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର**

ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ସୋମବାର ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବାକୁ କୋର୍ଟ ମଧକୁ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ହାଇକୋର୍ଟ ବାର ଆସୋସିଏଶନର ଅନ୍ୟ ଆଇନଜୀବୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ୫ ଜଣ ଆଇନଜୀବୀଙ୍କ ସମେତ ଜଣେ ଯୁବକ ଏବଂ ଜଣେ ପୋଲିସ କନ୍‌ଷ୍ଟେବଲ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଚାଲିଥିବାବେଳେ ମଙ୍ଗଳବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ହାଇକୋର୍ଟ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରଯାଇଛି। ମୋଟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆବଶ୍ୟକ ପଡିଲେ ଓଏସ୍‌ଏପି ଏବଂ ଏପିଆର ଫୋର୍ସ ମୁତୟନ କରାଯିବ। ତେବେ ସୋମବାର ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରାଯାଇଥିବାବେଳେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଦୋଷୀଙ୍କୁ ଚିହ୍ନଟ କରାଯିବ। ଅନ୍ୟପକ୍ଷରେ ହାଇକୋର୍ଟ ପରିସରରେ ପୋଲିସ ପ୍ରବେଶକୁ ନେଇ କେତେଜଣ ଆଇନଜୀବୀ ଆପତ୍ତି ଉଠାଇଥିବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ କମିଶନର କହିଛନ୍ତି, ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ହାଇକୋର୍ଟ ରେଜିଷ୍ଟ୍ରାର ପୋଲିସକୁ ଜଣାଇଥିଲେ। ସୋମବାର ହାଇକୋର୍ଟ ପରିସରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ହାଇକୋର୍ଟ ଭିତରକୁ ପଶିବାକୁ ବାଧ ହୋଇଥିଲା। ଯଦି ଭବିଷ୍ୟତରେ ବିଶୃଙ୍ଖଳା ଦେଖାଦିଏ ତେବେ ପୋଲିସର କର୍ତ୍ତବ୍ୟ ଅନୁସାରେ ଏଥିରେ ହସ୍ତକ୍ଷେପ କରାଯିବ ବୋଲି କମିଶନର କହିଛନ୍ତି।

## ନମୁନା ସଂଗ୍ରହ କଲା ଫରେନସିକ୍ ଟିମ୍

ଓଡ଼ାପଡ଼ା, ୩୦।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ମଙ୍ଗଳବାର ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବରେଟୋରି ଅଧିକାରୀମାନେ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

SMS JOB
Send SMS, Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଦଶହରା ପାଳିତ

ପାପଡାହାଣ୍ଡି,୩୦।୧୦ (ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ସଦର ମହକୁମା ଠାରେ ମଙ୍ଗଳବାର ଦଶହରା ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ମୁଖ୍ୟ ରାସ୍ତାରେ ବଜାର ବସିଥିଲା । ସ୍ଥାନୀୟ ଅଞ୍ଚଳର ଲୋକ ମାନେ ଆସି କିଣା ବିକା କରିଥିଲେ । ଅପରାହ୍ନରେ ଅଞ୍ଚଳର ଆସିଥିବା ଲାଠି, କୁର୍ଚ୍ଚୀ ମାନଙ୍କର ସମାଗମ ହୋଇଥିଲା । ଠାକୁରାଣୀ ମନ୍ଦିରରୁ ବାହାରି ମା' ମହାମାୟୀଙ୍କ ନିକଟରେ ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରିଥିଲେ । ଲାଖି ବିନ୍ଧାଣୀ ହୋଇଥିଲା । ରାତିରେ ଦେଶିଆ ନାଚର ଆୟୋଜନ ହୋଇଥିଲା ।

### ନାବାଳିକାଙ୍କ ଆତ୍ମହତ୍ୟା

ଝରିଗାଁ,୩୦।୧୦(ସ୍ୱ.ପ୍ର) ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ପଞ୍ଚାୟତ ଗୋରାମ୍ବା ଗ୍ରାମରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୋମବାର ପରିବାରର କେହି ସଦସ୍ୟ ଘରେ ନଥିବା ବେଳେ ନାବାଳିକା ଜଣକ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ସନ୍ଧ୍ୟାରେ ପରିବାର ଲୋକେ କାମରୁ ଫେରିବା ପରେ ଏଭଳି ଘଟଣା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଉମରକୋଟ ପୋଲିସ ଘଟଣାର ତଦନ୍ତ କରୁଛି।

### ଶିଶୁ ମହୋତ୍ସବ ସୁରଭି

ଉମରକୋଟ, ୩୦।୧୦(ଡି.ଏନ.ଏ) ଉମରକୋଟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉମରକୋଟ ବ୍ଲକ ଚେୟାରମ୍ୟାନ ଲାଇବାନ ଭକ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଗୋଷ୍ଠୀ ସାଧନ ସଂଯୋଜକ ରମେଶ ଚନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅରବିନ୍ଦ ପରମାଣିକ ଓ ଅଶୋକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ଭୁକ୍ତା ଓ ସମ୍ମାନିତ ଅତିଥି ଏବିଇଓ ପୁରୁଷୋତ୍ତମ ମାଝି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡଃ ପ୍ରଦୀପ କୁମାର ମିଶ୍ର ଓ ମୁଖ୍ୟବକ୍ତା ଶିକ୍ଷକ ଅଶୋକ କୁମାର ସାହୁ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ, ଦିଲୀପ କୁମାର ପଟ୍ଟନାୟକ। ଅରୁଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ବିଗିଡିବାରେ ଲାଗିଛି ଜିଲାରେ ସ୍ୱାସ୍ଥ୍ୟସେବା

- ବିଶେଷଜ୍ଞ, ଡାକ୍ତର ଡେପୁଟେଶନରେ ଗଲେ ଫେରୁ ନାହାନ୍ତି
- ବିଧାୟକ, ମନ୍ତ୍ରୀଙ୍କ ନିଘାନାହିଁ

ନବରଙ୍ଗପୁର,୩୦।୧୦( ବି.ପ୍ର.)– ନବରଙ୍ଗପୁର ଜିଲାରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିଗିଡିବାରେ ଲାଗିଛି । ବିଶେଷଜ୍ଞ ଡେପୁଟେଶନରେ ଚାଲି ଯାଉଛନ୍ତି । ଫେରିବାର ନାଁ ନାହିଁ । ଡାକ୍ତର ନିଯୁକ୍ତି ହେଉନାହାନ୍ତି । ଭଗବାନଙ୍କ ଭରସାରେ ରୋଗୀ ଜୀବନ ବିତାଉଛନ୍ତି । ସ୍ୱାସ୍ଥ୍ୟସେବା ନ ପାଇଁ ଅନେକ ପରିବାରର ସୁଖ ସଂସାର ଉଜୁଡି ଯାଉଛି । ଏହି ସମସ୍ୟା ସମାଧାନ ପାଇଁ କେବଳ ରାଜନୈତିକ ଦଳ ଗୁଡିକ ବଡ ପାଟିରେ ବୈଠକମାନଙ୍କରେ ସ୍ୱାସ୍ଥ୍ୟ ସେବାକୁ ନେଇ ଅଧିକାରୀଙ୍କୁ ଘେରୁଛନ୍ତି । ତେବେ ସେମାନଙ୍କ ଦାୟିତ୍ୱବୋଧକୁ ଭୁଲି ଯାଉଛନ୍ତି । ଯେଉଁମାନେ ନିର୍ବାଚିତ ହୋଇଛନ୍ତି ସେମାନେ ମଧ ଜନସାଧାରଣଙ୍କ ସମସ୍ୟା ଲାଘବ କରିବାରେ ଉଦ୍ୟମ କରିବା ବଦଳରେ ହାତ ଟେକି ଦେଉଛନ୍ତି । ନବରଙ୍ଗପୁର ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ସମସ୍ୟା ଦେଖା ଦେଇଛି ।

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କ ପାଇଁ ୧୯୬ ଡାକ୍ତର ଓ ବିଶେଷଜ୍ଞ ଆବଶ୍ୟକ ରହିଥିବା ସ୍ଥଳେ ରହିଛନ୍ତି ମାତ୍ର ୭୦ ଜଣ । ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପାଇଁ ୭୧ ଡାକ୍ତର ଓ ବିଶେଷଜ୍ଞ ପରିବର୍ତ୍ତେ ରହିଛନ୍ତି ମାତ୍ର୨୬ ଜଣ । ସେଥିମଧ୍ୟରୁ ୪ ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ମଧ୍ୟରୁ ଜଣେ ନୀଳା ମିଶ୍ର ତିତଲି ପାଇଁ ଗଜପତି ଜିଲାକୁ ଡେପୁଟେଶନରେ ଚାଲିଗଲେ । ଅନ୍ୟ ଦୁଇଜଣ ବିଶେଷଜ୍ଞ ତାଲିମ ପାଇଁ ବାହାରକୁ ଯାଇଛନ୍ତି । ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ ଆଉଟଡୋର ଡିୟୁଟିରେ ରହିଛନ୍ତି । ଆନେଥେସିଆ ବିଶେଷଜ୍ଞ ନଥିବା ସ୍ଥଳେ ତାଲିମ ପ୍ରାପ୍ତ ଡାକ୍ତର ପିୟରଞ୍ଜନ ବାହାଲି ଦାୟୀତ୍ୱ ତୁଲାଉଥିଲେ । ଏବେ ସେ ୧୫ ଦିନ ଛୁଟିରେ ଚାଲିଯିବେ । ଜଣେ ଶିଶୁ ବିଶେଷଜ୍ଞ ରହିଛନ୍ତି । ସେ ତାଲିମ ଓ ରାଜ୍ୟ ସ୍ତରୀୟ ବୈଠକ ପାଇଁ ୩ ଦିନ ହେବ ଭୁବନେଶ୍ୱରରେ ରହିଛନ୍ତି । ୪ଜଣ ସର୍ଜରୀ ବିଶେଷଜ୍ଞ ରହିଛନ୍ତି । ସେଥିମଧ୍ୟରୁ ଜଣେ ଦେବବ୍ରତ ରଣା ଡିସେମ୍ବର ମାସରେ ଅବସର ନେଇ ଯିବେ । ଡାକ୍ତର ବିଶ୍ୱ ଆଦିତ୍ୟ ବାହୁ ବଳେନ୍ଦ୍ର ନବରଙ୍ଗପୁରରୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ଯାଇଛନ୍ତି । ସେହିଭଳି ଅସ୍ଥିଶଲ୍ୟ ବିଶେଷଜ୍ଞ ଲମ୍ବା ଛୁଟିରେ ଯାଇଛନ୍ତି । ଡାକ୍ତର ସୁନିଲ କୁମାର ବାଗ ଚନ୍ଦାହାଣ୍ଡି ଡେପୁଟେଶନରେ ଯାଇଛନ୍ତି । ପାଥଲୋଜିଷ୍ଟଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଡେପୁଟେଶନରେ ନିଆଗଲା । ଜିଲା ସଦର ମହକୁମା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେସିନ ରହିଛି । ତାହା ସପ୍ତାହକୁ ଗୋଟିଏ ଦିନ ଗୁରୁବାର କାର୍ଯ୍ୟକ୍ଷମ ହେଉଛି । ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ଉପରେ ଜିଲାରେ ୧୧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪୮ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ଭର କରିଥାନ୍ତି । ରୋଗୀ ଡାକ୍ତରଖାନାକୁ ଆସିଲେ ନବରଙ୍ଗପୁରକୁ ସ୍ଥାନାନ୍ତରିତ କରାଯାଉଛି । ଏଠାରେ ଡାକ୍ତର, ବିଶେଷଜ୍ଞ ନଥିବା ଲାଗି କୋରାପୁଟକୁ ସ୍ଥାନାନ୍ତରିତ କରି ଦିଆଯାଉଛି । ଏଭଳି ସମୟ ଅତିବାହିତ ମଧ୍ୟରେ ରୋଗୀ ଚିକିତ୍ସା ନପାଇ ଅବହେଳାରେ ମୃତ୍ୟୁବରଣ କରୁଛନ୍ତି । ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଶିଶୁ ଓ ମାତୃ ଚିକିତ୍ସା ବିଭାଗ ରହିଛି । ଡାକ୍ତର ଓ ବିଶେଷଜ୍ଞ ନଥିବାରୁ ଏହି ବିଭାଗ ଖାଁ ଖାଁ ଲାଗୁଛି । ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଏହି ବିଭାଗକୁ ଆସି ଫେରି ଯାଉଛନ୍ତି । ସରକାର ପ୍ରସବ କାଳୀନ ସହାୟତା, ଶିଶୁ ଓ ଅନ୍ୟ ରୋଗୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା କଥା କହୁଛନ୍ତି । ତେବେ ବାସ୍ତବ କଥା ଚିନ୍ତା କଲେ ନବରଙ୍ଗପୁର ଜିଲାରେ ଡାକ୍ତର ଓ ବିଶେଷଜ୍ଞ ନଥିବା ଲାଗି ରୋଗୀ ସେବା ନପାଇ ଖର୍ଚ୍ଚାନ୍ତ ହେବା ସହ ଅକାଳ ମୃତ୍ୟୁ ମଧ ଘଟୁଛି । ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ନାୟକଙ୍କୁ ପଚାରିବାରୁ ଡାକ୍ତର ଓ ବିଶେଷଜ୍ଞ ଅଭାବ ନେଇ ସରକାରଙ୍କୁ ପ୍ରତ୍ୟେକ ମାସରେ ଦର୍ଶାଯାଉଛି । ସରକାର ଯାହା କରିବେ । ଡାକ୍ତର ଓ ବିଶେଷଜ୍ଞ ନିଯୁକ୍ତି ତାଙ୍କ ପରିସର ଭୁକ୍ତ ନୁହେଁ ବୋଲି କହିଛନ୍ତି।



ଡାକ୍ତର ନଥିବାରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ଓ ସମ୍ପର୍କୀୟ ଅପେକ୍ଷା କରିଛନ୍ତି ।

# ମହିଳାଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

ଚନ୍ଦାହାଣ୍ଡି,୩୦।୧୦(ଡି.ଏନ.ଏ) ଚନ୍ଦାହାଣ୍ଡି ବ୍ଲକ କୁହୁଡି ପଞ୍ଚାୟତ ଅନ୍ତର୍ଗତ ଡହିମାଲ ଗ୍ରାମରେ ଜଣେ ମହିଳାଙ୍କୁ ଶାଢୀରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଡହିମାଲ ଗ୍ରାମର ଲୋକେ ଜଙ୍ଗଲରେ ଭୁଜମନୀ ମାଝିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏହା ପରେ ଲୋକେ ତାଙ୍କ ସ୍ୱାମୀ ଗିରିଧାରୀ ମାଝିଙ୍କୁ ଖବର ଦେଇଥିଲେ। ଭୁଜମନୀ ସୋମବାର ଅପରାହ୍ନରେ ଅଁଳା ତୋଳିବାକୁ ଜଙ୍ଗଲକୁ ଯାଇ ଫେରି ନ ଥିବା ଗିରିଧାରୀ କହିଥିଲେ। ଭୁଜମନୀଙ୍କ ତଣ୍ଟିକୁ ଚିପି ହତ୍ୟା କରାଯାଇଥିବା ଜାଣିବା ପରେ ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ବିଲ୍ଲ ମଙ୍ଗଲ ସେଠୀ, ଏଏସଆଇ ତରଣୀ ସେନ ନାୟକ ପୋଲିସ ଟିମ ସହ ପହଞ୍ଚିଥିଲେ। ପରେ ଏସପି ବିବେକାନନ୍ଦ ଶର୍ମାଙ୍କୁ ଜଣାଇଥିଲେ। କୋରାପୁଟରୁ ସନ୍ଧାନୀ କୁକୁର ସହ ଏସପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ମଧ କିଛି ସୁରାକ ପାଇ ନ ଥିଲେ। ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ଦାଦନ ଶ୍ରମିକଙ୍କ ମୃତ

ଝରିଗାଁ,୩୦।୧୦(ସ୍ୱ.ପ୍ର) ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଚେପଟିଆମ୍ବା ଗ୍ରାମର ଉଦିଆ ସାନ୍ତା (୪୫)ଙ୍କ ବିଦ୍ୟୁତ ଆଘାତରେ ରବିବାର ମୃତ୍ୟୁ ଘଟିଛି। ସେ ଜଗତସିଂହପୁର ଜିଲା ଡେରିକି ଗ୍ରାମକୁ ଦାଦନ ଖଟିବାକୁ ଯାଇ ଚାଷ ଜମିରେ ଔଷଧ ସିଞ୍ଚନ କରୁଥିବା ସମୟରେ ବିଦ୍ୟୁତ ତାର ସମ୍ପର୍ଶରେ ଆସି ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଚେପଟିଆମ୍ବା ଗ୍ରାମର ଉଦିଆ ସାନ୍ତା ଏବଂ ତାଙ୍କ ଦୁଇ ପୁଅ ରବି ସାନ୍ତା ଏବଂ ଆଶୁ ସାନ୍ତା ତାଙ୍କ ସମ୍ପର୍କୀୟ ନାରୀ ସାନ୍ତା ପ୍ରମୁଖ ୫ ଜଣ ମିଶି ଜଗତସିଂହପୁର ଜିଲା ଡେରିକି ଗ୍ରାମକୁ ପେଟ ପାଟଣା ସକାଶେ କାମ କରିବା ପାଇଁ ଯାଇଥିଲେ। ସେଠାରେ ପ୍ରତ୍ୟେକ ମାସିକ ଛଅ ହଜାର ଟଙ୍କା ପାଇଁ ଚାଷ ଜମିରେ କାମ କରିଥିଲେ। ଦୁଇ ପୁଅ କହିବା ଅନୁସାରେ ଉଦିଆ ଚାଷ ଜମିରେ ଔଷଧ ପକାଉଥିବା ସମୟରେ ପୂର୍ବରୁ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଉଦିଆ ବିଦ୍ୟୁତ ତାର ସମ୍ପର୍ଶରେ ଆସିବାରୁ ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ସହାୟତାରେ ଉଦିଆଙ୍କ ମୃତ୍ୟୁ ଶରୀରକୁ ଦୁଇ ପୁଅ ଧରି ଏକ ଆମ୍ବୁଲାନ୍ସ ସହାୟତାରେ ନିଜ ଗାଁ ଚେପଟିଆମ୍ବାକୁ ଆସିଥିଲେ। ଏ ନେଇ ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀଙ୍କ ସହ ଗ୍ରାମର ରାଇଧର ସାନ୍ତା, ମୁକୁନ୍ଦ ସାନ୍ତା, ଘାସିରାମ ମାଝୀ, ଚଇତୁ ସାନ୍ତା ପ୍ରମୁଖ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସରକାରୀ ସହାୟତା ନେଇ ଦାବୀ କରିଛନ୍ତି।

# ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ଝରିଗାଁ/ରାଇଘର/ଚନ୍ଦାହାଣ୍ଡି/ଡାବୁଗାଁ/ତେନ୍ତୁଳିଖୁଣ୍ଟି ,୩୦।୧୦(ସ୍ୱ.ପ୍ର/ଡି.ଏନ.ଏ) ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମା ଠାରେ ଭାଜପା ପକ୍ଷରୁ ବିକ୍ଷୋଭ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନାରେ ଅନିୟମିତତା ହୋଇଥିବା , ବିନା ଟେଣ୍ଡରରେ ଉନ୍ନୟନ ମୂଳକ ଯୋଜନା କରାଯାଉଛି, ଝରିଗାଁ ସଦର ମହକୁମାକୁ ଏନଏସିର ମାନ୍ୟତା ପ୍ରଦାନ, କାନାକୋଟ ପଞ୍ଚାୟତ ନିରୋଣ୍ଡି ଗ୍ରାମରେ ଡାକ୍ତରଖାନା ଏବଂ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯାଉ ଆଦି ଦାବିପତ୍ରରେ ଦର୍ଶାଇଥିଲେ । ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ମନୋଜ ମହାକୁଡ, ଜିଲ୍ଲା ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଘ, ଜିଲା ଯୁବ ସଭାପତି କାହ୍ନୁ ଦାଶ, ଜିଲା ଯୁବ ଉପସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରମିଳା କଲାର ,ଝରିଗାଁ ମଣ୍ଡଳ ସଭାପତି ରଜନିକାନ୍ତ ରଥ, ଅରୁଣ ସିଂ, ଲଛମନ ଉଲାକା, ସଦାଶିବ ପଟ୍ଟନାୟକ, ନିରାକାର ମାଝୀ, ଗୋପିନାଥ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

ରାଇଘର ତହସିଲ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଇଘର ତହସିଲଦାରଙ୍କୁ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାଇଘର ମଉଳି ମନ୍ଦିରରେ ଭାଜପାର କର୍ମୀ ଏକ ଶୋଭାଯାତ୍ରାରେ ବାହାରି ରାଇଘର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ରାଇଘର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଚାଷୀଙ୍କ କୃଷି ଋଣ ଛାଡ, ଜମିହୀନଙ୍କୁ ଘରଡିହ ପଟ୍ଟା , ରାଇଘରରେ ଡାକ୍ତର ଅଭାବ ପୂରଣ କରାଯାଉ ବୋଲି ଦାବିପତ୍ରରେ ଦର୍ଶାଯାଇଛି। । ଏଥିରେ ନିତିଆ ଗଣ୍ଡ, ଶିବନାଥ ବାର୍ନାଜୀ, ଶିବ ଗଣ୍ଡ, ମଣିରାମ ଗଣ୍ଡ, ସୁଦର୍ଶନ ମାଝୀ, ପ୍ରୀତିସ୍ନିଗଧା ମହାପାତ୍ର, ବିଶ୍ୱ ସିଲ, ପରିମଳ ମଣ୍ଡଳ ସାମିଲ ହୋଇଥିଲେ।

ଚନ୍ଦାହାଣ୍ଡି ବ୍ଲକ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି ସ୍ଥାନୀୟ ପେଟ୍ରୋଲ ପମ୍ପଠାରୁ ଭାଜପା କର୍ମୀ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଚନ୍ଦାହାଣ୍ଡିକୁ ମରୁଡି ଘୋଷଣା ସହ କୃଷି ଋଣ ଛାଡ ପାଇଁ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ କହିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ବିଡିଓ ପ୍ରଫୁଲ ଚନ୍ଦ୍ର କହଁରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରତାପ ବାଘ, ଡମ୍ବରୁ ମାଝି, ମହେନ୍ଦ୍ର ନାୟକ, ଭରତ ବାଷ, ମନଧର ଧୁରୁଆ, ଅକାଲୁ ଜାଲି, ଗୋକୁଳ ବେଶ୍ରା ଉପସ୍ଥିତ ଥିଲେ। ଡାବୁଗାଁ ବ୍ଲକ ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ଡାବୁଗାଁ ବ୍ଲକ ଘେରାଉ କରାଯାଇଛି । ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ମା ଠାକୁରାଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ।ସେଠାରେ ପ୍ରତିବାଦ ସଭା କରଯାଇଥିଲା। ଏହାପରେ ବିଭିନ୍ନ ଦାବି ନେଇ ବିଡିଓ ଗୌରହରି ପାତ୍ରଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରଯାଇଥିଲା । ଏଥିରେ ଭାଜପା ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କୁଞ୍ଜ ଦାଶ, ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମନୋରମା ନାୟକ, ନିର୍ବାଚନ ମଣ୍ଡଳୀ ଯୁବ ମୋର୍ଚ୍ଚା ସଂଯୋଜକ ଅରୁଣ ନାୟକ, ଜିଲା ସମ୍ପାଦକ ଦିବାନ ସିଂ, ମଣ୍ଡଳ ସଭାପତି ରାଜଶେଖର ରାଓ ଓ ଦଶମୁ କଲାର, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ନରେଶ ସିଂ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱରଞ୍ଜନ ପାତ୍ର, ସୁବ୍ରତ ମିଶ୍ର, ପଦ୍ମନ ନାୟକ, ଲକ୍ଷ୍ମୀଧର ନାୟକ, ନରୁ ସିଂ, ଭୀମସେନ ଜେନା, ଭଗବାନ ଭତ୍ରା, ଧାନସିଂ ଭତ୍ରା, ରତନ କଲାର ପ୍ରମୁଖ ଯୋଗ ଦେଇଥିଲେ ।

ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟକୁ ଭାଜପା ପକ୍ଷରୁ ଘେରାଉ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଠିକ ସମୟରେ ଅର୍ଥ ପାଉ ନ ଥିବା, ଉମୁରୀଠାରେ ନିର୍ମିତ ଧାନ ପିଣ୍ଡି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକ ଭାଜପା କର୍ମକର୍ତ୍ତାଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝି, ଜିଲା ଉପସଭାପତି ସତ୍ୟବାଦୀ ଷଡଙ୍ଗୀ, ଗଦାଧର ତ୍ରିପାଠୀ, ଦିବାକର ପୂଜାରୀ, ଜିଲା ସାଧାରଣ ସମ୍ପାଦକ ଜଗଦୀଶ ଚନ୍ଦ୍ର ବିଶୋଇ, ନନ୍ଦାହାଣ୍ଡି ମଣ୍ଡଳ ସଭାପତି ଦେବୀ ମହାପାତ୍ର, ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ମେଘ ବାହାଦୂର ସିଂ ବିଶୋଇ, ଧରଣୀଧର ସିଂ, ନନ୍ଦାହାଣ୍ଡି ମଣ୍ଡଳ ସାଧାରଣ ସମ୍ପାଦକ ଜାନକୀ କାନ୍ତ ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ।

### ଟ୍ରକ୍ ବାଇକ ଧକ୍କା, ଜଣେ ମୃତ

ପାପଡାହାଣ୍ଡି, ୩୦।୧୦, (ଡି.ଏନ.ଏ) ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ଚିକିଲି ଛକରେ ମଙ୍ଗଳବାର ଏକ ଟ୍ରକ ଓ ବାଇକ ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡା ଗ୍ରାମ ନାମ ଲିଲି ଟାକ୍ରି । ପାପଡାହାଣ୍ଡି ପଟରୁ ନବରଙ୍ଗପୁର ଲିଲି ଏକ ବାଇକ (ନଂ ଓଡି ୦୮ ଏଫ ୬୪୮୫) ରେ ଯିବା ବେଳେ ଚିକିଲି ଗ୍ରାମ ଭିତରକୁ ଯାଉଥିବା ଟ୍ରକ (ନଂ ଓଆର ୨୪ ଓ ୬୪୦୭) ସହ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନବରଙ୍ଗପୁର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଡିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।


ଧରିତ୍ରୀ CAREER APPOINTMENT
every Wednesday & Saturday

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

REQUIRED (ଆବଶ୍ୟକ)
1. Marketing Executive
2. Ladies Tailor (ଲେଡିଜ୍ ଟେଲର)–F
3. Biriyani Cook (ବିରିୟାନି ରୋଷେୟା)
4. ସେଲ୍ସ ମ୍ୟାନ (ଲେଡିଜ୍ ଆଇଟମ୍, ରାସନ ଓ ବିରିୟାନି)
Contact: 9439778365, 8327747035
Satya Nagar, BBSR

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE ONLY CONTACT WITH DETAILS
AURO ENTERPRISERS
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at : auro.akc@gmail.com

ଏକ SNACKS ଦୋକାନରେ DATA ENTRY OPERATOR ଆବଶ୍ୟକ । କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ ।
SHIVASHAKTI DRY FOODS
P.D MARKET, CRP SQUARE BHUBANESWAR
Mob : 9040036116

WALK-IN-INTERVIEW
Urgently required Accountant cum Ware house in-charge, Auto CAD Designer, DTP Operator, Office Assistance, Sales Man & Driver for a reputed trading organization. Salary negotioable.
Interested persons are called for an interview at:
AP Enterprises, Rath Road (Opp. Gurukulam School), Old Town, BBSR
Contact: 9337179757 /7008010120

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09319945331

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

MNC VACANCY 21 IN CUTTACK
Quali.- 10th To Graduation. Age below 30 years
MONTHLY SALARY Rs.7500/- To Rs.17000/-
9937042198, 9937172198

WANTED CAR DRIVER
for office at Cuttack, Jagatpur.
CONTACT: 9437496020 7381075901

DALA AUTO DRIVER REQUIRED
A Reputed Food Processing Unit at Mancheswar, Bhubaneswar needs experienced Driver for their three wheeler Dala Auto. Interested candidates may
CONTACT: 9438182103

PART / FULL TIME
ଘରକାମ/ ରୋଷେଇ/ ପେସେଣ୍ଟ କେୟାର/ ପିଲା ଯତ୍ନ/ (ମହିଳା ଓ ପୁରୁଷ ଆବଶ୍ୟକ)। ରହିବା ଖାଇବା ସୁବିଧା ଅଛି। ବୟସ: (18-50). ଦରମା: 6,000ରୁ 10,000 ଟଙ୍କା।
MOB: 9040063635 9090909111

Dr Lal PathLabs
One of India's oldest and leading diagnostic chain with its state of-the-art diagnostic facilities requires:
PATHOLOGIST (Part Time)
For Puri, Odisha
Candidate should be an MBBS + MD / DNB (Pathology) With 0-5 years of relevant work experience in a laboratory.
Attractive Remuneration offered.
Interested candidates can contact Rashish Bhat (Asst. Manager HR) on 8826639509 or can share CV's on - rashish.bhat@lalpathlabs.com

A Play and Pre-School in Tankapani Road area of Bhubaneswar Requires
Teacher for Nursery: Graduate, trained, Strong English speaking ability (Rs.5000-10000 per month).
Teachers for CBSE school level Science, Social Studies, Mathematics, English (payment negotiable).
Arts and Crafts Teacher: Experience in teaching arts, painting, crafts (salary negotiable).
Song Teachers: Odissi and Hindustani classical singing teachers (salary negotiable).
Please apply with bio-data to ngorecruitment@gmail.com

See Career Appointment on every Wednesday & Saturday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

नालको NALCO
National Aluminium Company Limited (A Government of India Enterprise)
Smelter Plant, Nalco Nagar, Angul - 759 145, Odisha, India
CIN : L27203OR1981GOI000920
A NAVRATNA COMPANY
WALK-IN-INTERVIEW
A walk-in-interview for engagement of one Homeopathy Doctor on retainership shall be held on 28.11.2018. For details, please visit 'careers' selection in www.nalcoindia.com.
Advt. No.14180201 AGM (IE), Recruitment

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୧/୨୦୧୮/ଆର୍‌ଇସିଟିଟି.(ପିଡବ୍ଲ୍ୟୁଡି)
ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଲାଗି ବିଶେଷ ନିଯୁକ୍ତି ଅଭିଯାନ
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

HDFC BANK We understand your world
OM FINANCE Authorized DSA of HDFC Bank Ltd.
We are the leading DSA of HDFC BANK Ltd requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur, Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. Team Manager - Male /Female - Minimum Graduate - Salary up to 15000 pm
2. Sales Officer - Male / Female - Minimum Graduate - Salary up to 12000 pm
3. Office assistant - Female - Commerce Graduate - Salary up to 12000 - 15000
4. Office Co ordinator - Female - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
We are also providing attractive incentive and bonus for all posts with salary
For Assistant Phone/Call ..
Bolangir/Sambalpur/Sonepur - 8457853731,7381003731
Jajpur/Balasore/Bhadrak - 7788900434,9658987215
Others - 9238326748,9348117069,9853428171
Come with Resume and one colour passport size photo for walk in interview dated 2nd, 3rd, 4th November 2018 between 11am to 2 pm
OM FINANCE, PLOT NO - 270, KHARVEL NAGAR, BHUBANESWAR
Web site-www.omfinance.co.in, Email - omfn@rediffmail.com

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୨/୨୦୧୮/ଇଆର୍-ଆର୍‌ଇସିଟିଟି.(ଜେଆର୍.ଏଏସ୍‌ଏସ୍‌ଟିଟି.(ଏଫ୍‌ଏସ୍)
ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ନିମନ୍ତେ ନିଯୁକ୍ତି
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

J.K. Trust, Bombay
WANTED RURAL DEVELOPMENT OFFICERS
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
J. K. Trust
Padmalaya, Ground Floor, Plot No: 166/2152/3368, Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix – Improving Bovine Genetics

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

URGENTLY REQUIRED
Bhumisree Consultancy & Marketing (P) Ltd.
Our client DRDA, Mayurbhanj, Govt. of Odisha has urgently requied following manpower for its time bound project on outsourcing basis. So interested candidate may send their all testimonial with Bio-data, experience detail by Speed Post/ Courier/mail/ By hand within 7 days. Shortlisted candidates will call for interview.

| PESA under RGSA Scheme | | DPRC under RGSA Scheme | |
|---|---|---|---|
| Positions (No. of Posts) | Monthly Remuneration | Positions (No. of Posts) | Monthly Remuneration |
| District PESA Coordinatior (1 No.) | 20,000.00 | Faculty (1 No.) | 20,000.00 |
| Block PESA Coordinators (26 Nos.) | 10,000.00 | Support Staff (1 No.) | 10,000.00 |
| Gram Sabha Mobiliser (404 No.) | 1000.00 | Assistant (1 No.) | 8000.00 |

→The above remuneration including both share of EPF & ESIC except remuneration of Gram Sabha Mobilizer. For detail eligibility, qualification, experience, age limit & remuneration structure visit our website www.bhumisreenaukri.com.
Regd. Office Address: 725(P), Kartik Palace, Lane-6, B.M. Nagar, Gandamunda, Bhubaneswar- 751030, Odisha, Ph: 0674-2352042, Email Id: bcmplnaukri@gmail.com. * T & C apply.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଫୁଲଚାଷ ସମ୍ପର୍କରେ...

ଗୋଲାପ: ଏହି ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ ।

–କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ ।

–ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



**ଗେଣ୍ଡୁ:** ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ ।

**ଗ୍ଲାଡ଼ିଓଲି:** ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

## କୁକୁଡ଼ା ପାଳନ



–ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ଲାଗି ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

–ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ ।

–ଗ୍ରାମପ୍ରିୟା ବର୍ଷକୁ ୧୫୦–୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।

–ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।

–ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ଓ ବସନ୍ତ ରୋଗର ଟିକା ଦିଅନ୍ତୁ।

# ନଭେମ୍ବର ମାସର କୃଷି ସୂଚନା

**ଚୂନ ଓ ଜୈବସାର ପ୍ରୟୋଗ:** ଡାଲି ଜାତୀୟ ଫସଲ ଏବଂ ଚିନାବାଦାମରେ ଶେଷଓଡ଼ ଚାଷ ସମୟରେ କିମ୍ବା ବିହନ ବୁଣା ସମୟରେ ଚୂନ ବା କାଗଜ କଳ ମଇଳା ହେକ୍ଟର ପ୍ରତି ୫ କୁଇଣ୍ଟାଲ ହିସାବରେ ମାଟିରେ ଦେଇ ସାରିବା ପରେ ଖତ ସହିତ ମିଶାଇ ପି.ଏସ୍.ଏମ୍. ୪–୬ କି.ଗ୍ରା. ହେକ୍ଟର ପ୍ରତି ପ୍ରୟୋଗ କରନ୍ତୁ । ରାଇଜୋବିୟମ୍ କଲ୍‌ଚର ବିହନ ମଞ୍ଜିରେ କି.ଗ୍ରା. ପ୍ରତି ୨୫ ଗ୍ରାମ୍ ଉପଚାର କରନ୍ତୁ ।

**ଧାନ :** ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ ।

–ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ ।

–ବିଳମ୍ବ କିସମ ଧାନଫୁଲ ଉଡ଼ାଇବା ଅବସ୍ଥାରେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ । –ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ ।

–ଉତ୍କୃଷ୍ଟ ବିହନ କରିବା ଲାଗି ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ ।

–ଧାନ ଅମଳ ପରେ ଧାନକୁ ୨–୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ସକାଶେ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ ।

**ଗହମ :** ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

–ଗହମ ଚାଷ ଲାଗି ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲୁ–୩୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ ।

–ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ ଥିରାମ୍/କ୍ୟାପ୍‌ଟାନ୍ (କେ.ଜି. ପ୍ରତି ୩ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।

–ଘାସ ନିୟନ୍ତ୍ରଣ ଲାଗି ପେଣ୍ଡି ମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ପ୍ରୟୋଗ କରନ୍ତୁ ।

**ଡାଲି ଜାତୀୟ :** ମାଟିର ବତର ଦେଖି ମୁଗ/ବିରି ଫସଲ ଲାଗି ଜମି ଚାଷ କରନ୍ତୁ ।

–ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ ।

ମୁଗ କିସମ: ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ ।

ବିରି କିସମ : ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପି.ୟୁ.–୧୯, ଉଜାଲା, ମହୁରୀ, ଶଶି ।

ବୁଟ:ଶ୍ୱେଥା, ଭାରତୀ, ବିହାର, ଜେବି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଜାକି–୯୨୧୮ । ମଟର କିସମ: ରଚନା, ଏଚ୍.ୟୁ.ଡି.ପି.–୧୫, ଜେ.ପି.–୮୮୫, ଉତ୍ତରା, ଡି.ଡି.ଆର୍.–୨୭, ଅପର୍ଣ୍ଣା, ଆଦର୍ଶ ।

–ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ ।

–ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। –ରୋଗ ଓ ପୋକ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା: ପାଉଁଶିଆ ରୋଗର ନିୟନ୍ତ୍ରଣ ଲାଗି ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

ଜଉପୋକ ଦମନ ପାଇଁ ୧୫ ଲିଟର ପାଣିରେ ୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ନିୟନ୍ତ୍ରଣ ଲାଗି ହେକ୍ଟର ପ୍ରତି ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରିପାରିବେ।

**–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ପନିପରିବା ଫସଲ

**ଆଳୁ:** କୁଫ୍ରି ଜ୍ୟୋତି, ଚିପ୍‌ସୋନା–୧, ଚିପ୍‌ସୋନା–୨, ଚିପ୍‌ସୋନା–୩, ଚିପ୍‌ସୋନା–୪, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨–୩ ଆଖି ବିଶିଷ୍ଟ ୧୫–୨୦ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ୍ ଆଳୁ ବିହନ ବ୍ୟବହାର କରନ୍ତୁ । ୩% ବୋରିକ୍ ଅମ୍ଳରେ ବିହନକୁ ବିଶୋଧିତ କରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫–୬୦ ସେ.ମି. ଓ ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



**ପିଆଜ:** ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ଜଳ ନିଷ୍କାସନ ଲାଗି ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଓ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

**ବାଇଗଣ:** ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ ।

**ବିଲାତି ବାଇଗଣ ଓ ବାଇଗଣ:** ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧ ଗ୍ରାମ୍ ବାଭିଷ୍ଟିନ୍/୨.୫ ଗ୍ରାମ୍ ବ୍ଲାଇଟକ୍ସ–୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ କିମ୍ବା ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

**ଲଙ୍କା:** ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ଫୁଲକୋବି:** ଫସଲରେ ଶୁଁବାଲୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ମୂଳା:** ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ ବା କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

# ଖାଦ୍ୟ ନିରାପତ୍ତା



**ଡା.ବୀର କିଶୋର ପରିଡ଼ା**

ପରିବର୍ତ୍ତିତ ଜଳବାୟୁର କୁପ୍ରଭାବ ସହିତ ଖାପ ଖୁଆଇ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି କରାଇ ଖାଦ୍ୟର ଚାହିଦା ମେଣ୍ଟାଇବାକୁ ପଡ଼ିବ। ସେଥିପାଇଁ ବିଶ୍ୱସ୍ତରରେ ୨୦୫୦ ସୁଦ୍ଧା ଆହୁରି ୬୦ ପ୍ରତିଶତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ଦେଖାଯାଉଛି ଯେ, ଆମର ବିଶ୍ୱସ୍ତରରେ ଉତ୍ପାଦିତ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ବା ୩୦ ପ୍ରତିଶତ ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସମୟରେ ବା ଉତ୍ପାଦନ ଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗ ସମୟ ମଧ୍ୟରେ ନଷ୍ଟ ହେଉଛି। ତେଣୁ ସେହି ସୀମିତ ବା କମ୍ ଜମିରେ ଖାଦ୍ୟ ଶସ୍ୟ ବା ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଖାଦ୍ୟ ନଷ୍ଟ ନ କରିବାକୁ ଏବେଠାରୁ ଅଙ୍ଗୀକାରବଦ୍ଧ ହେବା ଜରୁରୀ। ଅବଶ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଆମକୁ ସମସ୍ତ ପ୍ରାକୃତିକ ଉତ୍ସ ବା ଉପତ୍ତିସ୍ଥଳର ସୁବିନିଯୋଗ କରିବା ସହିତ ଖାଦ୍ୟ ନଷ୍ଟ ରୋକିବାକୁ ହେଲେ ବିଭିନ୍ନ ପଦକ୍ଷେପ ଯଥା– ଉନ୍ନତ ଅମଳ ପ୍ରଣାଳୀ, ଉତ୍ତମ ସଂରକ୍ଷଣ, ପ୍ୟାକିଂ, ପରିବହନ, ଭିତ୍ତିଭୂମିର ବିକାଶ, ଶିତଳୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ବିକ୍ରିବଟାର ସୁବିଧା ସୁଯୋଗ, ଆଇନଗତ ଆଧାର ପ୍ରଣାଳୀ ଆମକୁ ଅବଲମ୍ବନ କରିବାକୁ ହେବ। ପରିସଂଖ୍ୟାନରୁ ଜଣାଯାଇଛି ଯେ, ବିଶ୍ୱରେ ପ୍ରତିବର୍ଷ ୧୩୦ (୧.୩ ବିଲିୟନ୍) କୋଟି ଟନ୍ ଖାଦ୍ୟ ନଷ୍ଟ ହେଉଅଛି। ଖାଦ୍ୟ ପଚି ନଷ୍ଟ ହେବା ଯୋଗୁ ଯେଉଁ ପରିମାଣର ମିଥେନ୍ ଗ୍ୟାସ୍ ସୃଷ୍ଟି ହେଉଛି ତାହା ଅଙ୍ଗାରକାମ୍ଳ ଗ୍ୟାସ୍ ଠାରୁ ୨୩ ଗୁଣ ଶକ୍ତିଶାଳୀ। ଆମର ବଞ୍ଚିବା ପାଇଁ ୪ଗୋଟି ମୌଳିକ ଆବଶ୍ୟକତା ରହିଛି। ତାହା ହେଲା– ଖାଦ୍ୟ, ବସ୍ତ୍ର, ଜଳ ଓ ବାସସ୍ଥାନ। ଖାଦ୍ୟ ଜୀବନ ଧାରଣ କରିବାର ଏକ ଅବିଚ୍ଛେଦ୍ୟ ଅଂଶ। ଜୀବନ ଧାରଣ କରିବାରେ ସହାୟକ ହେଉଥିବା ଖାଦ୍ୟ ବିନା କୌଣସି ଜୀବଜଗତ ଏ ଧରା ପୃଷ୍ଠରେ ବଞ୍ଚିରହିବା ସମ୍ଭବପର ନୁହେଁ। ଖାଦ୍ୟ ହେଉଛି ଔଷଧ ସ୍ୱରୂପ । ଅଧିକ ଓ କମ୍ ମାତ୍ରାର ଔଷଧ ବ୍ୟବହାର କଲାଭଳି ଖାଦ୍ୟ ଅଧିକ ବା କମ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।

ଖାଦ୍ୟ ନିରାପତ୍ତାର ଅର୍ଥ ସୁଦୂରପ୍ରସାରି। ଖାଦ୍ୟ ମିଳିବାଠାରୁ ଆରମ୍ଭକରି ନ ମିଳିବା ଓ ପୁଷ୍ଟିହୀନତା ଲକ୍ଷଣ ପ୍ରକାଶ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତାର ଅର୍ଥ ହିଁ ବୁଝାଇଥାଏ। ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନି ଗୋଟି ବିଷୟକୁ ନେଇ ପର୍ଯ୍ୟବସିତ। (୧) ଖାଦ୍ୟ ଉତ୍ପାଦନ ଓ ତା'ର ସହଜ ଉପଲବ୍ଧତା । (୨) ଖାଦ୍ୟ କ୍ରୟ କରିବାର କ୍ଷମତା । (୩) ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇବା ପାଇଁ ସ୍ୱାସ୍ଥ୍ୟକର ପରିବେଶରୁ ଖାଦ୍ୟ ଉପଲବ୍ଧ। ସଭ୍ୟତା ଓ ସଂସ୍କୃତିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଖାଦ୍ୟ ନିରାପତ୍ତା ଏକାନ୍ତ ଜରୁରୀ। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ଖାଦ୍ୟ ନିରାପତ୍ତାର ଅର୍ଥ ହେଉଛି– ଯେତେବେଳେ ସମସ୍ତ ଲୋକ ସବୁବେଳେ ସ୍ୱାସ୍ଥ୍ୟକର ଓ ସୁସ୍ଥ ଜୀବନଯାପନ ନିମନ୍ତେ ସମଗ୍ର ଖାଦ୍ୟର ଚାହିଦା ଓ ପସନ୍ଦ ମୁତାବକ ଯଥେଷ୍ଟ ନିରାପଦ ଓ ସୁସ୍ୱାଦୁ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇପାରିବେ। ସଂକ୍ଷେପରେ କହିବାକୁ ଗଲେ, ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନିଗୋଟି ଅଂଶ ବିଶେଷକୁ ହିଁ ବୁଝାଇଥାଏ। ତାହାହେଲା – ଖାଦ୍ୟର ସହଜ ଉପଲବ୍ଧତା, – ଖାଦ୍ୟ ବ୍ୟବହାର କରିବାର ସୁଯୋଗ (ଆକ୍‌ସେସ୍) ଓ ଅବଶୋଷଣ (ଅବ୍‌ଜର୍ପସନ)।

ବିଶେଷଜ୍ଞଙ୍କ ମତରେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିର ସୁଷମ ଖାଦ୍ୟ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଦୈନିକ ୪୭୫ଗ୍ରାମ୍ ଖାଦ୍ୟଶସ୍ୟ (ଚାଉଳ, ଗହମ ଇତ୍ୟାଦି), ୫୦ଗ୍ରାମ୍ ଡାଲି, ୨୫୦ଗ୍ରାମ୍ ପନିପରିବା, ୨୦୦ଗ୍ରାମ୍ ଫଳ, ୨୦୦ ଗ୍ରାମ୍ କ୍ଷୀର, ୧୫୦ ଗ୍ରାମ୍ ମାଛ, ଫାଳେ ଅଣ୍ଡା ଓ ୩୦ଗ୍ରାମ୍ ମାଂସ ଦରକାର। ଅଦ୍ୟାବଧି ଆମ ରାଜ୍ୟ ତଥା ଦେଶରେ ସୁଷମ ଖାଦ୍ୟର ଅଭାବ ଯୋଗୁ ମହିଳା ଓ ଶିଶୁଙ୍କଠାରେ ରକ୍ତହୀନତା ଦେଖାଦେବା ଯୋଗୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଏଥିରେ କ୍ରମାଗତ ଭାବେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗେ ସେଙ୍ଗ ମହିଳା ଓ ଶିଶୁ ମୃତ୍ୟୁହାର ଢେର କମିଛି।

ବିଶ୍ୱସ୍ତରରେ ଆଗାମୀ ୨୦୩୦ ବର୍ଷ ସୁଦ୍ଧା କ୍ଷୁଧାମୁକ୍ତ ବା ଜିରୋ–ହଙ୍ଗର ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହିତ ଖାଦ୍ୟ ନିରାପତ୍ତା ନେଇ ଜନ ସଚେତନତା ସୃଷ୍ଟି ଜରୁରୀ ହୋଇପଡ଼ିଛି।

–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ),
ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ,
ମୋ: ୯୪୩୭୬୦୭୩୧୨

ପ୍ରଥମ ପୃଷ୍ଠାରୁ...

### ବିଚାରପତିଙ୍କ ତଦାରଖରେ...

କ୍ରାଇମବ୍ରାଞ୍ଚକୁ ଆଦେଶ ଦେଇଛନ୍ତି। ତେବେ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ଅସୁସ୍ଥତା କାରଣରୁ ଛୁଟିରେ ଥିବା ଜଣାପଡ଼ିଛି। ତେଣୁ ସେ କାର୍ଯ୍ୟରେ ଯୋଗଦେବା ମାତ୍ରେ ଉକ୍ତ ତଦନ୍ତ ଶେଷ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ନରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ବାର୍‌ର ପରବର୍ତ୍ତୀ ବୈଠକ ବସିବ। ବାର୍‌ର ସମସ୍ତ ସଦସ୍ୟଙ୍କୁ ବୈଠକରେ ଯୋଗଦେବା ପାଇଁ କୁହାଯାଇଛି। ଯେଉଁ ସଦସ୍ୟମାନେ ଅନୁପସ୍ଥିତ ରହିବେ ସେମାନେ ଅନୁପସ୍ଥିତର କାରଣ ସମ୍ପର୍କରେ ଲିଖିତ ଆକାରରେ ବାର୍‌କୁ ଜଣାଇବେ। ଅନ୍ୟପକ୍ଷରେ ବୁଧବାର ହାଇକୋର୍ଟ ବାର୍ ସମେତ ରାଜ୍ୟର ସମସ୍ତ ବାର୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ସେହିପରି ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଯେଉଁ ଆଇନଜୀବୀମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି ସେମାନଙ୍କ ବିରୋଧରେ ବାର୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବ୍ୟବସ୍ଥା ହେଉଥିବା ସଭାପତି ନାୟକ ସୂଚନା ଦେଇଛନ୍ତି। ଏହି କ୍ରମରେ ଆଡଭୋକେଟ ଟହଲି ଚରଣ ମହାନ୍ତି, ଅସୀମ ଅମିତାଭ ଦାସ, ମିଲନ କାନୁନ୍‌ଗୋ ଓ ବଂଶୀଧର ଶତପଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଭାପତି ନାୟକ କହିଛନ୍ତି। ଏଥିପାଇଁ ଥିବା ନିୟମାବଳୀକୁ ଅନୁସରଣ କରାଯାଉଥିବା ମଧ୍ୟ ସେ ସୂଚନା ଦେଇଛନ୍ତି।

ସୂଚନାଥାଉକି, ଅଗଷ୍ଟ ୨୮ ତାରିଖରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସଙ୍କୁ ଗିରଫ କରିବା ପାଇଁ ଓକିଲମାନେ ଦାବି କରିଥିଲେ। ମାତ୍ର ଦୋଷୀମାନଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ କରି ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଇତିମଧ୍ୟରେ ଉକ୍ତ ମାମଲାକୁ ନେଇ ଅନେକ ଘଟଣା ଘଟିଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓକିଲମାନଙ୍କୁ ଓହରିଯିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ଓକିଲମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଅକ୍ଟୋବର ୨୫ ତାରିଖରେ ହାଇକୋର୍ଟବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ଅକ୍ଟୋବର ୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୩୦ ମଧ୍ୟରେ ସରକାର ଯଦି ମାମଲାର ସମାଧାନ ପାଇଁ ତତ୍ପର ନ ହୁଅନ୍ତି ତେବେ ଅକ୍ଟୋବର ୩୧ରେ ରାଜ୍ୟର ସମସ୍ତ ବାର୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି କୁହାଯାଇଥିଲା। ଏହା ପରେ ଗତ ଶନିବାର ଆନ୍ଦୋଳନରେ ସାମିଲ ଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ସୋମବାର ସେମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ସୋମବାର ହାଇକୋର୍ଟ ପରିସରରେ ତୁମୁଳକାଣ୍ଡ ଘଟିଥିଲା।

### ବିଧାୟକଙ୍କ ପୁଅ ନାଁରେ...

ମୋତେ ଧକ୍କା ମାରିବାରୁ ମୁଁ ତଳେ ପଡିଯାଇଥିଲି। ମୋ ଗୋଡ଼ରେ ଆଘାତ ଲାଗିଥିଲା। ପରେ ମୋତେ ସେମାନେ ଖରାପ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ତେବେ ଦେବୀଙ୍କ ସହ ସହଯୋଗୀ ଆସିଫ୍ ଅମିନ ଓ ସମ୍ବିତ ବେହେରା ଓରଫ ହାପିଙ୍କ ନାମ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ବିଷ୍ଣୁପ୍ରିୟା। ଅଭିଯୋଗ ସମ୍ପର୍କରେ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଉକ୍ତ ମହିଳା ଆଇନଜୀବୀଙ୍କ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସମୟର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ତଦନ୍ତ ସରିବା ପରେ ପ୍ରକୃତ ଘଟଣା କ'ଣ ଥିଲା ତାହା କହିହେବ। ଅନ୍ୟପଟେ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, ଏହା ସତ ଯେ ମୁଁ ହାଇକୋର୍ଟ ପାଖକୁ କିଛି କାମରେ ଯାଇଥିଲି। ହେଲେ ଅଭିଯୋଗ ଆଣିଥିବା ମହିଳା ଆଇନଜୀବୀଙ୍କୁ ଚିହ୍ନି ନାହିଁ କି ତାଙ୍କ ସହ ମୋର କୌଣସି ପାଟିତୁଣ୍ଡ ହୋଇନାହିଁ। ରାଜନୈତିକ ଅଭିସନ୍ଧି ରଖି ଏଭଳି ଅଭିଯୋଗ କରାଯାଇଛି। ସେହିପରି ଆସିଫ ଏବଂ ସମ୍ବିତ କହିଛନ୍ତି, ଆମ ନାଁ ରେ ହୋଇଥିବା ଅଭିଯୋଗ ଉଦ୍ଦେଶ୍ୟମୂଳକ। ଆମେ କାହାକୁ ଧକ୍କା ମାରିନୁ କି ଗାଳିଗୁଲଜ କରିନାହୁଁ।

### ଓଡ଼ିଆ କ୍ୟାମେରାମ୍ୟାନ୍ ...

ସୂଚନା ଓ ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋଡ୍ ଆକ୍ରମଣର ନିନ୍ଦାକରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ଅଚ୍ୟୁତାନନ୍ଦଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ରାଠୋଡ୍ ଘୋଷଣା କରିଛନ୍ତି। ପ୍ରସାର ଭାରତୀ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶ ମଧ୍ୟ କ୍ୟାମେରାମ୍ୟାନ୍ ଓ ସୁରକ୍ଷା କର୍ମୀଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ୩୪ ବର୍ଷୀୟ ଅଚ୍ୟୁତାନନ୍ଦ ସାହୁଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗ୍ରାମରେ। ସେ ପ୍ରଥମେ ଭାରତୀୟ ସେନାରେ ଚାକିରି କରୁଥିଲେ। କିଛିବର୍ଷ ତଳେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇ କଟକସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି ପାଠ ପଢିଥିଲେ । ଏଥିରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ସେ ୨୦୦୩ରୁ ନୂଆଦିଲ୍ଲୀରେ ଦୂରଦର୍ଶନରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ । ସେ ଦୁଇବର୍ଷ ତଳେ ବିବାହ କରିଥିଲେ। ନିର୍ବାଚନ ପୂର୍ବରୁ ଖବର ସଂଗ୍ରହ ପାଇଁ ଦୂରଦର୍ଶନର ଏକ ୩ ଜଣିଆ ଟିମ୍ ସହ ସେ ଛତିଶଗଡ଼ ଆସିଥିଲେ। ଖବରଦାତା ଧୀରଜ କୁମାର ଓ ଲାଇଟ୍ ଆସିଷ୍ଟାଣ୍ଟ ମୋରମୁକ୍ତ ଶର୍ମା ମଧ୍ୟ ଏହି ଟିମ୍‌ରେ ସାମିଲ ଥିଲେ। ଖବର ସଂଗ୍ରହ ପାଇଁ ଯାଉଥିବାବେଳେ ବାଟରେ ସେମାନେ ମାଓବାଦୀଙ୍କ ଆମ୍ବୁସ୍‌ରେ ଫସିଯାଇଥିଲେ। ପ୍ରକାଶ ଯେ, ଶନିବାର ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ବିଜାପୁର ଜିଲାରେ ଜଣେ ଓଡ଼ିଆଙ୍କ ସମେତ ୪ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ବିଧାୟକ ପଦରୁ ସଗରିଆଙ୍କ...

ଆମ୍ବେଦକରଙ୍କ ତିରୋଧାନ ଦିବସରେ ଦଳିତ ଓ ଆଦିବାସୀଙ୍କୁ ନେଇ ଏକ ସଭା କରାଯିବାର ଯୋଜନା ରହିଛି ବୋଲି କୃଷ୍ଣ କହିଛନ୍ତି। କୃଷ୍ଣଙ୍କ ଇସ୍ତଫାକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଯେଉଁ କାରଣ ପାଇଁ କୃଷ୍ଣ ଇସ୍ତଫା ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତା କରିବାର ବିଷୟ । ଜଣେ ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ପ୍ରଶାସନ ବିଫଳ ହୋଇଛି, ଯାହା ଜଣେ ବିରୋଧୀ ବିଧାୟକଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଛି। ବିଧାୟକ ପଦରୁ ଇସ୍ତଫା ପୂର୍ବରୁ କୃଷ୍ଣ କିଛି ଜଣାଇ ନାହାନ୍ତି, ଏ ସମ୍ପର୍କରେ ସେ ତାଙ୍କ ସହ ଆଲୋଚନା କରିବେ ବୋଲି ନିରଞ୍ଜନ କହିଛନ୍ତି। କୃଷ୍ଣଙ୍କ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ସାମାଜିକ ନ୍ୟାୟ ଅଭିଯାନର ଓଡ଼ିଶା ଆବାହକ ଅକ୍ଷୟ ମଲ୍ଲିକ କହିଛନ୍ତି, କ୍ଷମତାସର୍ବସ୍ୱ ରାଜନୀତିରେ ସାମାନ୍ୟ ବିଧାୟକ, ଏମ୍‌ପି ହେବା ପାଇଁ ସମସ୍ତେ ବ୍ୟଗ୍ର। ହେଲେ ଦଳିତ ସମାଜର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୃଷ୍ଣଙ୍କ ଇସ୍ତଫା ବିଚାରଧାରା ରାଜନୀତିରେ ପୁନଃଉତ୍ଥାନ କରିବ। ହଜିଯାଇଥିବା ଆଦର୍ଶଗତ ରାଜନୀତିରେ ଏକ ମୂଳଦୁଆ ପଡ଼ିଲା ବୋଲି ଅକ୍ଷୟ କହିଛନ୍ତି। ବିଧାୟକ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିବା କୃଷ୍ଣ ପୂର୍ବଭଳି କଂଗ୍ରେସରେ ରହିବେ। ସେହିପରି ବାଚସ୍ପତିଙ୍କ ଦ୍ୱାରା ଯଦି କୃଷ୍ଣଙ୍କ ଇସ୍ତଫା ଗ୍ରହଣ ହୁଏ, ତେବେ କଂଗ୍ରେସ ବିଧାୟକ ସଂଖ୍ୟା ୧୪କୁ ହ୍ରାସ ପାଇବ। ଅପରପକ୍ଷରେ ନିକଟରେ ବିଧାୟକ ଜର୍ଜ ତିର୍କୀ ଦଳରେ ଯୋଗ ଦେଇଥିବାରୁ ତାଙ୍କୁ କଂଗ୍ରେସର ସହଯୋଗୀ ସଭ୍ୟ ଭାବେ ଗଣାଯାଇ ପାରିବ। ତେଣୁ କଂଗ୍ରେସ ପାଖରେ ବିରୋଧୀ ଦଳ ନେତା ପଦ ରହିବା ନେଇ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ଶ୍ରମିକଙ୍କ ସର୍ବନିମ୍ନ ମଜୁରି...

ସର୍ବନିମ୍ନ ମଜୁରି ସହ ପ୍ରାୟ ସମାନ ରହିବ। ଅଧିକ ମଜୁରି ପାଇବା ଆଶାରେ ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କୁ ଏହି ବର୍ଦ୍ଧିତ ମଜୁରି ରୋକିବାରେ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ରାଜ୍ୟ ସରକାର ଶ୍ରମିକମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଦେଶର ଅନ୍ୟ ରାଜ୍ୟଗୁଡିକର କୁଶଳ ଓ ଉଚ୍ଚକୁଶଳ ଶ୍ରମିକମାନେ ପାଉଥିବା ସର୍ବନିମ୍ନ ମଜୁରି ହାର ତୁଳନାରେ ଆପେକ୍ଷିକ ସର୍ବନିମ୍ନ ମଜୁରିହାରରେ ବୃଦ୍ଧି କରିଛନ୍ତି। କ୍ଷୁଦ୍ର ବନ୍ଦରଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନେ ମଧ୍ୟ ଏହି ବର୍ଦ୍ଧିତ ମଜୁରିର ଫାଇଦା ନେଇ ପାରିବେ।

### ସେସୁକୁ ଏନ୍‌ଜିଟି....

୭ ହାତୀ ମୃତ୍ୟୁର ଶିକାର ହୋଇଥିଲେ। ଏହା ଜଣାପଡିବା ପରେ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ଉଭୟ ସେସୁ ଓ ବନ ବିଭାଗର ୭ ଜଣଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେସୁର ଜଣେ ଠିକା ଇଞ୍ଜିନିୟରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ୩ ଜଣଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗର ୩ ଜଣଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଚାକିରିରୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଗତ ୨୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

### 'ଅଗ୍ନି–୧'ର ରାତ୍ରିକାଳୀନ...

ଦିଆଯାଇଛି। ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞ ଓ ବୈଜ୍ଞାନିକ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଏହି କ୍ଷେପଣାସ୍ତ୍ରର ବିକାଶ କରାଯାଇଛି। ଏହା ଅଣୁ ଅସ୍ତ୍ର ପରିବହନ କ୍ଷମତା ରଖୁଛି। ଭାରତର ପ୍ରତିରକ୍ଷା ବ୍ୟବସ୍ଥାରେ ଅଗ୍ନି–୧ କ୍ଷେପଣାସ୍ତ୍ର ଏକ ମାଇଲଖୁଣ୍ଟ ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

| Dollar | Sensex | Nifty | Gold | Silver |
|---|---|---|---|---|
| 73.68 (23) | 33,891.13 (▼176.27) | 10,198.40 (▼52.45) | 32,620.00 (▲₹70) | 39,240.00 (▼₹260) |

ଉଦ୍ୟୋଗ ବିକାଶ ଦ୍ୱାରା ସଙ୍ଗଠିତ କ୍ଷେତ୍ରଗୁଡିକରେ ନିଯୁକ୍ତି ସୃଷ୍ଟି ଦିଗରେ ଧ୍ୟାନ ଦେବାର ବିଶେଷ ଆବଶ୍ୟକତା ରହିଛି।
**– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ**



ଆଧାର ଭିତ୍ତିକ ସେବାଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଆଧାର ସେବା କେନ୍ଦ୍ରରେ ପଞ୍ଜୀକରଣ ଏବଂ ନବୀକରଣ ସୁବିଧାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।
**– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ**



## ସଂକ୍ଷେପରେ

### ଆଜିଠାରୁ ଏସ୍‌ବିଆଇ ଏଟିଏମ୍‌ରୁ କାଢ଼ି ହେବ ୨୦ ହଜାର

**ନୂଆଦିଲ୍ଲୀ,୩୦-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କିଛି ଗ୍ରାହକ ବୁଧବାର ଠାରୁ ଏହାର ଏଟିଏମ୍‌ରୁ ଦିନକୁ ସର୍ବାଧିକ ୨୦ ହଜାର ଟଙ୍କା କାଢ଼ିପାରିବେ। ସେମାନଙ୍କ ପାଇଁ ଟଙ୍କା ଉଠାଣ ସୀମାକୁ ଅଧା କରିଦିଆଯାଇଛି। କ୍ଲାସିକ୍ ଓ ମାଇଷ୍ଟ୍ରୋ ଡେବିଟ୍ କାର୍ଡଧାରୀଙ୍କ ଲାଗି ଏହି ନୂଆ କଟକଣା ଲାଗୁ ହେବ। ବଡ଼ ସଂଖ୍ୟାରେ ଗ୍ରାହକଙ୍କ ନିକଟରେ ଉକ୍ତ ଦୁଇପ୍ରକାର କାର୍ଡ ରହିଥିବାରୁ ସେମାନେ ଅସୁବିଧାରେ ପଡିବା ନିଶ୍ଚିତ। ତେବେ ଅନ୍ୟ ପ୍ରକାର କାର୍ଡ ରଖିଥିବା ଗ୍ରାହକଙ୍କ ପାଇଁ କୌଣସି କଟକଣା ଲାଗୁ କରାଯାଇନି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏବେ ଏଟିଏମ୍‌ରୁ ପ୍ରତି କାର୍ଡରେ ହାରାହାରି ୨୦ ହଜାର ଟଙ୍କା ଉଠାଣ ହେଉଛି। ଏଭଳି ବ୍ୟବସ୍ଥା ଦ୍ୱାରା ଜାଲିଆତି, ଠକେଇକୁ ଅନେକାଂଶରେ ରୋକିହେବ। ଏହାଛଡା ଡିଜିଟାଲ କାରବାରକୁ ପ୍ରୋତ୍ସାହନ ମିଳିବ।

### କେନ୍ଦ୍ର-ରାଜ୍ୟ ବାଣ୍ଟିନେଲେ ୩୨ହଜାର କୋଟିର ଆଇଜିଏସ୍‌ଟି

**ନୂଆଦିଲ୍ଲୀ,୩୦-୧୦:** ଜିଏସ୍‌ଟି ଅଧୀନରେ ଆଇଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗ୍ରହ ହୋଇଥିବା ୩୨ ହଜାର କୋଟି ଟଙ୍କାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାଣ୍ଟି ନେଇଛନ୍ତି। ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ରାଜ୍ୟଗୁଡିକୁ ୧୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗୃହୀତ ରାଜସ୍ୱ ବାବଦ ତଥ୍ୟକୁ ନଭେମ୍ବର ପହିଲାରେ ପ୍ରକାଶ କରାଯିବ। ସୂଚନାଥାଉ କି, ଆଇଜିଏସ୍‌ଟି ବାବଦରେ ସେପ୍ଟେମ୍ବରରେ ୨୯ହଜାର କୋଟି ଟଙ୍କା, ଅଗଷ୍ଟରେ ୧୨ହଜାର କୋଟି ଟଙ୍କା, ଜୁନ୍‌ରେ ୫୦ ହଜାର କୋଟି ଟଙ୍କା ଏବଂ ଫେବୃୟାରୀରେ ୩୫ ହଜାର କୋଟି ଟଙ୍କା ଭାଗବଣ୍ଟା ହୋଇଥିଲା। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବାବଦରେ ମାସକୁ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କିନ୍ତୁ ବାସ୍ତବରେ ମେ'ରେ ୯୪,୦୧୬ କୋଟି ଟଙ୍କା, ଜୁନ୍‌ରେ ୯୫,୬୧୦ କୋଟି ଟଙ୍କା, ଜୁଲାଇରେ ୯୬,୪୮୩ କୋଟି ଟଙ୍କା, ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଏବଂ ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କା ସଂଗ୍ରହ ହୋଇଥିଲା।

### କୋଲ୍ ଇଣ୍ଡିଆର ବିକ୍ରି ହେବ ୩% ଅଂଶଧନ

**ନୂଆଦିଲ୍ଲୀ,୩୦-୧୦:** କେନ୍ଦ୍ର ସରକାର ୨୬୬ ଟଙ୍କା ଶେୟାର ମୂଲ୍ୟରେ ଖୋଲା ପ୍ରସ୍ତାବ ଜରିଆରେ ରାଷ୍ଟ୍ରାୟତ୍ତ କୋଲ୍ ଇଣ୍ଡିଆର ୩% ଅର୍ଥାତ୍ ୧୮.୬୨ କୋଟି ଶେୟାର ବିକ୍ରି କରିବେ। ବୁଧବାର ଓ ଗୁରୁବାର ଏହି ଶେୟାର ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। କୋଲ୍ ଇଣ୍ଡିଆରେ କେନ୍ଦ୍ର ସରକାରଙ୍କ ୭୮.୩% ଅଂଶଧନ ରହିଛି। ସେହିପରି ଗ୍ରୀନ ସୁ ଅପ୍‌ସନ ଜରିଆରେ ଆହୁରି ୬% ଅର୍ଥାତ୍ ୩୭.୨୪ କୋଟି ଅଂଶଧନ ବିକ୍ରି କରାଯିବ। ସୂଚନାଥାଉ କି, ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ମିଳିବା ମାତ୍ରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ କୋଲ୍ ଇଣ୍ଡିଆ ଶେୟାର ଦର ବଢ଼ିଥିଲା। ମଙ୍ଗଳବାର ୨୭୫.୮୫ଟଙ୍କାରେ କୋଲ୍ ଇଣ୍ଡିଆ ଶେୟାର ବିକ୍ରି ବନ୍ଦ ହୋଇଥିଲା।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ବିକ୍ରି ଲାଗି ସରକାରଙ୍କ ବିଚାର

**ନୂଆଦିଲ୍ଲୀ,୩୦-୧୦:** ଢାଞ୍ଚାଗତ ନିର୍ମାଣ କ୍ଷେତ୍ରରେ ଋଣ ଦେଇ ସ୍ୱୟଂ ଏବେ ଋଣରେ ବୁଡିଯାଇଥିବା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)କୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି। କାରଣ ଏହା ଉପରେ ଏବେ ବିଭିନ୍ନ ବ୍ୟାଙ୍କ ତଥା ଆର୍ଥିକ ପ୍ରତିଷ୍ଠାନର ଋଣର ପରିମାଣ ପ୍ରାୟ ୧୨୬୦ କୋଟି ଡଲାରରେ ପହଞ୍ଚିଗଲାଣି। ନବନିଯୁକ୍ତ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ବୋର୍ଡ ବୁଧବାର ଏ ସଂକ୍ରାନ୍ତରେ ଦେବାଳିଆ ଅଦାଲତରେ ଏକ ଯୋଜନା ଉପସ୍ଥାପନ କରିବ ବୋଲି ଜଣାପଡିଛି। ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କୌଣସି ଏକ ନିବେଶକଙ୍କୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସକୁ ବିକ୍ରି କରିଦେବାକୁ ବୋର୍ଡ ପ୍ରସ୍ତାବ ଦେବ। ତେବେ ବୋର୍ଡ ନିକଟରେ ଅନ୍ୟ ଏକ ବିକଳ୍ପ ରହିଛି। ତଦନୁଯାୟୀ ବ୍ୟବସାୟ ଅନୁଯାୟୀ କମ୍ପାନୀକୁ ଭାଗ ଭାଗ କରିଦିଆଯିବ। ଏହାଦ୍ୱାରା ଗ୍ରୁପ୍‌କୁ ସମ୍ପୂର୍ଣ୍ଣ ବିକ୍ରିରୁ ରୋକି ହେବ। ନିବେଶକଙ୍କ ଭରସା ବଜାୟ ରଖିବା ଏବେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସର ମୁଖ୍ୟ ଉଦ୍ଦେଶ୍ୟ। ଇତିମଧ୍ୟରେ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍ ପକ୍ଷରୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ସଙ୍କଟର ଯାଞ୍ଚ ଆରମ୍ଭ ହୋଇଛି।

## ଆର୍‌ବିଆଇ ସହ ବିବାଦ

# କେନ୍ଦ୍ର ପାଇଁ ଅଷ୍ଟାଭିଡ଼ିଲେ ଜେଟ୍‌ଲୀ

**ରିଜର୍ଭ ବ୍ୟାଙ୍କ ଉପରେ ବର୍ଷିଲେ ଅର୍ଥମନ୍ତ୍ରୀ**

- ୨୦୦୮-୨୦୧୪ ମଧ୍ୟରେ ନିର୍ବିଚାରରେ ଋଣ ଦିଆଗଲା
- ପଦକ୍ଷେପ ନେଲାନି ଆର୍‌ବିଆଇ
- ବର୍ଷକ ଭିତରେ ୩୧% ଋଣ ଦେଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୩୦-୧୦**

ବିଭିନ୍ନ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମତଭେଦ ଏବେ ହାଟରେ ପଡି ଦାଣ୍ଡରେ ଗଡୁଛି। ଗଭର୍ନର ଉର୍ଜିତ ପଟେଲ ବସ୍ତୁତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାର କ୍ଷୁବ୍ଧ। ସରକାର ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ କରିବା ବନ୍ଦ କରନ୍ତୁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ବକ୍ତବ୍ୟ ପରେ ଏବେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଆର୍‌ବିଆଇର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇବା ସହ ବେଶ୍ ବର୍ଷିଛନ୍ତି। ବ୍ୟାଙ୍କଗୁଡିକ ୨୦୦୮ରୁ ୨୦୧୪ ମଧ୍ୟରେ ନିର୍ବିଚାର ଭାବେ ଋଣ ଦେଉଥିବା ବେଳେ ଆର୍‌ବିଆଇ ଏହାକୁ ଅଣଦେଖା କରିଥିଲା ବୋଲି ଜେଟ୍‌ଲୀ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଢିଲା ମନୋଭାବ କାରଣରୁ ଆଜି ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ମୁଣ୍ଡ ଟେକିଛି ବୋଲି ସେ କହିଛନ୍ତି। ୟୁଏସ ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ ପକ୍ଷରୁ ଆୟୋଜିତ ଇଣ୍ଡିଆ ଲିଡରଶିପ୍ ସମିଟ୍‌ରେ ଯୋଗଦେବା ପରେ ଖବରଦାତାଙ୍କୁ ଜେଟ୍‌ଲୀ କହିଛନ୍ତି ଯେ, ବିଶ୍ୱରେ ଆର୍ଥିକ ସଙ୍କଟ ଦେଖା ଦେବା ପରେ ୨୦୦୮ରୁ ୨୦୧୪ ମଧ୍ୟରେ ଅର୍ଥନୀତିର କୃତ୍ରିମ ଅଭିବୃଦ୍ଧି ଦର୍ଶାଇବା ଲାଗି ବ୍ୟାଙ୍କଗୁଡିକୁ ନିର୍ବିଚାର ଭାବେ ଋଣ ଦେବାକୁ ଉପା ସରକାର ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ସେମାନେ ବ୍ୟାପକ ହାରରେ ଋଣ ପ୍ରଦାନ କରୁଥିବା ବେଳେ ରିଜର୍ଭ ବ୍ୟାଙ୍କ ଏହାକୁ ଅଣଦେଖା କଲା। ଦେଶରେ ସାଧାରଣତଃ ବର୍ଷକ ଭିତରେ ହାରାହାରି ୧୪ ପ୍ରତିଶତ ହାରରେ ଋଣ ପରିମାଣ ବଢ଼ିଥାଏ। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଯୋଗୁ ବର୍ଷକ ଭିତରେ ଋଣ ପ୍ରଦାନ ପରିମାଣରେ ୩୧% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଉଲ୍ଲେଖଥାଉ କି, ବିରଲ ଆଚାର୍ଯ୍ୟ ଶୁକ୍ରବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ, ବ୍ୟାଙ୍କଗୁଡିକର ଆକାଉଣ୍ଟକୁ ସଜାଡିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱ ଦେଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଯେପରି ନିୟମ ପାଳନ ପ୍ରତି ସଜାଗ ରହିବେ ସେଥିଲାଗି ରିଜର୍ଭ ବ୍ୟାଙ୍କକୁ ଅଧିକ କ୍ଷମତା ଦେବା ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ। ବ୍ୟାପକ ସ୍ତରରେ ବୃହତ ଆର୍ଥିକ ସ୍ଥିରତା ଲାଗି ଆର୍‌ବିଆଇକୁ ଅଧିକ ସ୍ୱାୟତ୍ତତା ମିଳିବା ଜରୁରୀ ବୋଲି ସେ କହିଥିଲେ। ତେବେ ଜେଟ୍‌ଲୀ ମତାମତ ଦେବା ବେଳେ ଆର୍‌ବିଆଇ ଏବଂ ତାଙ୍କ ମନ୍ତ୍ରଣାଳୟ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ କରି ନ ଥିଲେ। ପୂର୍ବରୁ ଏ ସମ୍ପର୍କରେ ସେ ଉଲ୍ଲେଖ କରି ସାରିଥିଲେ। ସେତେବେଳେ ସେ କହିଥିଲେ ଯେ, କୌଣସି ତ୍ରୁଟି ପାଇଁ ରାଜନୈତିକ ନେତାଙ୍କୁ ସମାଲୋଚନା କରାଯାଏ। କିନ୍ତୁ ନିୟନ୍ତ୍ରକ ସହଜରେ ଖସି ଯାଆନ୍ତି। ଏବେ ଏନଡିଏ ସରକାର ଅମଳରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ଯୋଗୁ ରାଜସ୍ୱ ଆଦାୟରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ଟିକସଦାତାଙ୍କ ସଂଖ୍ୟା ଦ୍ୱିଗୁଣ ହେବ ବୋଲି ସେ ଅନୁମାନ କରୁଥିବା ଅର୍ଥମନ୍ତ୍ରୀ କହିଛନ୍ତି। ୨୦୧୪ରେ ଏନଡିଏ ସରକାର କ୍ଷମତାକୁ ଆସିଲା ବେଳେ ଟିକସଦାତାଙ୍କ ସଂଖ୍ୟା ୩.୮ କୋଟି ଥିଲା। ଏବେ ଏହା ବୃଦ୍ଧି ପାଇ ୬.୮ କୋଟିରେ ପହଞ୍ଚିଲାଣି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ୭.୫ରୁ ୭.୮ କୋଟିରେ ପହଞ୍ଚିବା ଆଶା କରାଯାଉଛି ବୋଲି ଜେଟ୍‌ଲୀ କହିଛନ୍ତି।



### ଗଭର୍ନରଙ୍କ କାର୍ଯ୍ୟରେ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଖପ୍ପା

ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ କାର୍ଯ୍ୟଶୈଳୀ ନେଇ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଅସନ୍ତୁଷ୍ଟ। ଅନାଦାୟ ଋଣ ସମାଧାନ ଲାଗି ଗଭର୍ନରଙ୍କ କଠୋର ମନୋଭାବକୁ ଶୀର୍ଷ ବ୍ୟାଙ୍କ ଅଧିକାରୀ ନାପସନ୍ଦ କରୁଛନ୍ତି। କାରଣ ଏହାଦ୍ୱାରା ବ୍ୟାଙ୍କଗୁଡିକ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡିଲାଣି। ତେବେ ପଟେଲଙ୍କ ଘନିଷ୍ଠ ସହଯୋଗୀମାନେ ଏହି ଅଭିଯୋଗକୁ ଖଣ୍ଡନ କରୁଛନ୍ତି। ବ୍ୟାଙ୍କିଙ୍ଗ ଉଦ୍ୟୋଗକୁ ସଫାସୁତୁରା ପାଇଁ ଉର୍ଜିତ କାର୍ଯ୍ୟ କରୁଥିବା ବେଳେ ଏହାକୁ ବିରୋଧ କରାଯାଉଛି। ଏହାଛଡା ଉର୍ଜିତ ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କୁ ଭେଟିବାକୁ ଚାହୁଁନାହାନ୍ତି ବୋଲି ବହୁ ବ୍ୟାଙ୍କର ଅଧ୍ୟକ୍ଷ ଏବଂ ସିଇଓମାନେ ଅଭିଯୋଗ କରିଛନ୍ତି। ରଘୁରାମ ରାଜନଙ୍କ ପର୍ଯ୍ୟନ୍ତ ସେମାନେ ଗଭର୍ନରଙ୍କୁ ପ୍ରାୟତଃ ଭେଟୁଥିଲେ ଏବଂ ଦେଶର ଆର୍ଥିକ ପରିସ୍ଥିତି ନେଇ ଆଲୋଚନା କରୁଥିଲେ ବୋଲି ଶୀର୍ଷ ବ୍ୟାଙ୍କ ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ଏହି କାରଣରୁ ସରକାର ଆର୍‌ବିଆଇ ବୋର୍ଡରେ ମ୍ୟୁଚୁଆଲ ଫଣ୍ଡ, ମାନଫାକ୍‌ଚରିଂ ଉଦ୍ୟୋଗର ପ୍ରତିନିଧିଙ୍କୁ ପଠାଇବାକୁ ବାଧ୍ୟ ହୋଇଛନ୍ତି। ଉଦ୍ୟୋଗର ଅଭିଯୋଗ ଯେ, କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କ ଦ୍ୱାରା ଉଠାଯାଉଥିବା ପ୍ରସଙ୍ଗ ଉପରେ ଆଦୌ ଧ୍ୟାନ ଦେଉନାହାନ୍ତି। ଫଳରେ ସେମାନେ ନିଜର ଅସୁବିଧାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି।

### ନଗଦ ସଙ୍କଟକୁ ଆର୍‌ବିଆଇର ଅଣଦେଖା ଅଭିଯୋଗ

ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଆର୍ଥିକ ସଙ୍କଟ ଦେଖାଦେବା ପରେ ଶେୟାର ବଜାରରେ ଭୟର ସଞ୍ଚାର ହେଲା। ନିବେଶକମାନେ ଶେୟାର ବିକ୍ରି କଲେ। ଫଳରେ ବଜାରରେ ନଗଦ ସଙ୍କଟ ଗଭୀର ହେଲା। ଏନ୍‌ବିଏଫସି ଉଦ୍ୟୋଗ ନଗଦ ସଙ୍କଟ ଦୂର ଲାଗି ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଲୋଡିଲେ। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ନିରୁତ୍ତର ରହିବା ପରିସ୍ଥିତିକୁ ଭୟାନକ କରିଛି। ଜଣେ ବ୍ୟାଙ୍କ ଟ୍ରେଜେରି ମୁଖ୍ୟ କହିଛନ୍ତି ଯେ, ପଟେଲ ଓ ତାଙ୍କ ଡେପୁଟିମାନେ ସରକାର କିମ୍ବା ଅନ୍ୟ ପ୍ରତିନିଧିଙ୍କୁ ଭେଟୁ ନାହାନ୍ତି। ଏହାଛଡା ସରକାର ଓ ଆର୍‌ବିଆଇ ମଧ୍ୟରେ ବୈଠକ ପ୍ରାୟ ବସୁନି। ଫଳରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ପ୍ରାୟତଃ ବନ୍ଦ ହୋଇଗଲାଣି। ଏହା ବଜାର ଲାଗି ଶୁଭସଙ୍କେତ ନୁହେଁ।

## ୟୁନିୟନ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୩୦-୧୦**




ୟୁନିୟନ ବ୍ୟାଙ୍କ ପକ୍ଷରୁ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ତଥା ଚଳିତ ବର୍ଷର ପ୍ରଥମ ୬ ମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଳାଫଳକୁ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟରଙ୍କଠାରୁ ଅନୁମୋଦନ ମିଳିଥିବା ଜଣାପଡିଛି। ଏହି ସମୟରେ ବ୍ୟାଙ୍କର ଗ୍ଲୋବାଲ ବିଜନେସରେ ୩.୧% ବୃଦ୍ଧି ଘଟିଛି। ସେହିଭଳି ଘରୋଇ ବାଣିଜ୍ୟ ୬.୫% ବୃଦ୍ଧି ହୋଇଛି। ସେପ୍ଟେମ୍ବରରେ ବ୍ୟାଙ୍କର ଜମା କ୍ଷେତ୍ରରେ ୩.୪% ଅଭିବୃଦ୍ଧି ହୋଇଛି। ସେହିଭଳି ସଞ୍ଚୟ ଜମାରେ ୧୦.୧% ବୃଦ୍ଧି, ଗ୍ଲୋବାଲ ଅଗ୍ରିମ କ୍ଷେତ୍ରରେ ୨.୮% ବୃଦ୍ଧି, ଘରୋଇ ଅଗ୍ରିମରେ ୯.୦% ବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସରେ ନେଟ୍ ସୁଧ ଆୟରେ ୭.୫% ବୃଦ୍ଧି ଘଟିଛି। ଜୁଲାଇ-ସେପ୍ଟେମ୍ବରରେ ପରିଚାଳନା ଲାଭ ୧୬୭୨ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ବ୍ୟାଙ୍କର ନେଟ୍ ଲାଭରେ ୧୩୯ କୋଟି ଟଙ୍କା ବୃଦ୍ଧି ଘଟିଛି। ଗ୍ଲୋବାଲ ନେଟ୍ ଇଣ୍ଟେରେଷ୍ଟ ମାର୍ଜିନ ୨.୧୮% ବଢିଛି। କଷ୍ଟମର ସେବାକୁ ଉନ୍ନତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଡିଜିଟାଲ ପ୍ରଡକ୍ଟ ଶୁଭାରମ୍ଭ ଘୋଷଣା ହୋଇଛି।

## କ୍ରମାଗତ ୧୩ ଦିନ ଲାଗି ତୈଳ ଦର ହ୍ରାସ

**ନୂଆଦିଲ୍ଲୀ,୩୦-୧୦**

କ୍ରମାଗତ ଭାବେ ୧୩ ଦିନ ଲାଗି ତୈଳ ଦରରେ ହ୍ରାସ ଘଟିଛି। ଏହା ଫଳରେ ଗ୍ରାହକଙ୍କ ପାଇଁ ଏହା ସାମାନ୍ୟ ଆଶ୍ୱସ୍ତି ଆଣିଛି। ନୂଆଦିଲ୍ଲୀରେ ସୋମବାର ତୁଳନାରେ ମଙ୍ଗଳବାର ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ-୨୦ ପଇସା ଏବଂ ୭ ପଇସା ହ୍ରାସ ଘଟିଛି। ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ଯଥାକ୍ରମେ- ୭୯.୫୫ ଏବଂ ୭୩.୭୮ ଟଙ୍କା ରହିଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ-୮୫,୦୪ ଟଙ୍କା ଏବଂ ୭୭.୩୨ ଟଙ୍କା ରହିଛି। ସେଠାରେ ପେଟ୍ରୋଲ ୨୦ ପଇସା ଏବଂ ଡିଜେଲ ୮ ପଇସା ହ୍ରାସ ହୋଇଛି। ଏହା ପୂର୍ବରୁ ଗତ କିଛି ଦିନ ଲଗାତର ଭାବେ ଇନ୍ଧନ ଦର ଅହେତୁକ ଭାବେ ବୃଦ୍ଧି ହେବା ଯୋଗୁ ଏହା ଲୋକଙ୍କ ପ୍ରଭାବିତ କରିଥିଲା। ସରକାର ଇନ୍ଧନ ଉପରେ ୧.୫୦ ଟଙ୍କା ଉତ୍ପାଦ ଟିକସ ହ୍ରାସ କରିବା ପରେ ଏହାର ଦର ଲିଟରପିଛା ମୋଟ ୨.୫୦ ଟଙ୍କା ହ୍ରାସ ଘଟିଥିଲା। ସେହିଭଳି ଓଡିଶା କଥା ବିଚାରକୁ ନେଲେ ଭୁବନେଶ୍ୱରରେ ପେଟ୍ରୋଲ ତୁଳନାରେ ଡିଜେଲ ଦର ଏବେ ମଧ୍ୟ ଉଚ୍ଚରେ ରହିଛି। ପେଟ୍ରୋଲ ଏବଂ ଡିଜେଲ ଦର ୮୦ଟଙ୍କାରୁ ତଳକୁ ଖସିଥିବା ଜଣା ପଡିଛି। ଭୁବନେଶ୍ୱରରେ ପେଟ୍ରୋଲ ୭୮.୪୦ ଟଙ୍କା ଏବଂ ଡିଜେଲ ୭୯.୧୭ ଟଙ୍କାରେ ବିକ୍ରି ହେଉଛି।



### ପେଟ୍ରୋଲ, ଡିଜେଲ ଉପରେ ଜିଏସ୍‌ଟି ପ୍ରସଙ୍ଗକୁ ବିଚାର କରୁଛି କେନ୍ଦ୍ର

**ନୂଆଦିଲ୍ଲୀ,୩୦-୧୦:** ପେଟ୍ରୋଲ, ଡିଜେଲ ଦର ଉଚ୍ଚରେ ରହୁଥିବା ଫଳରେ ଏହା ଦ୍ୱାରା ଲୋକମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ପେଟ୍ରୋଲ,ଡିଜେଲକୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିସରରେ ଆଣିବା ଲାଗି କେନ୍ଦ୍ର ସରକାର ବିଚାର କରୁଥିବା ଜଣାପଡିଛି। ଏ ନେଇ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଥାୱଲେ ମଙ୍ଗଳବାର ସୂଚନା ଦେଇଛନ୍ତି। ପେଟ୍ରୋଲ-ଡିଜେଲ ଉପରେ ଜିଏସ୍‌ଟି ଲାଗୁ ହେଲେ ଏହାର ଦାମ୍ ୨୦-୩୦ ଟଙ୍କା ହ୍ରାସ ହେବ। ଏହା ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଛନ୍ତି।

## ଟିଭିଏସ୍‌ର ନୂଆ ଶୋରୁମ୍



**ଝରିଗା,୩୦-୧୦(ସ୍ୱ.ପ୍ର.)**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ପକ୍ଷରୁ ଏହାର ନୂଆ ଶୋ'ରୁମ୍ ଓମ୍ ପବନ ଟିଭିଏସ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଶୁଭାରମ୍ଭ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୋହନ ପ୍ରଧାନୀ, ଛବିଲାଲ ପ୍ରଧାନୀ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ମୋହନ ପ୍ରଧାନୀ, ଟିକଚାନ୍ଦ ମାଝୀ, ସଂଜୟ ଲେଙ୍କା, ପ୍ରଦୀପ ପଟ୍ଟନାୟକ, ସମ୍ବାରୁ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଲ୍‌ଜି ପକ୍ଷରୁ ଦୀପାବଳି ଅଫର

**ଭୁବନେଶ୍ୱର,୩୦-୧୦**

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଦୀପାବଳି ଉପଲକ୍ଷେ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ବିସ୍ତୃତ ବର୍ଗର ଉତ୍ପାଦ ଶୃଙ୍ଖଳା ଉପରେ ଏହି ଅଫର ପ୍ରଦାନ କରୁଛି। 'ନୟେ ଇଣ୍ଡିଆ କି ଦିୱାଲୀ' ନାମରେ କମ୍ପାନୀ ଏକ କ୍ୟାମ୍ପେନ ମଧ୍ୟ ଆରମ୍ଭ କରିଛି। ଗ୍ରାହକଙ୍କ ଜୀବନକୁ ସୁଗମ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀ ସୂଚନା ଦେଇଛି। ଏହି ଅଫର ଅନ୍ତର୍ଗତ ଗ୍ରାହକଙ୍କୁ ବଛାବଛା ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ଉପରେ ୧୭.୫% କ୍ୟାଶବ୍ୟାକ ସୁବିଧା ଦେଉଥିବା କମ୍ପାନୀ କହିଛି। ସେହିଭଳି ପ୍ରଡକ୍ଟ ଉପରେ ବର୍ଦ୍ଧିତ ୱାରେଣ୍ଟି, ଆକର୍ଷଣୀୟ ଇଏମ୍‌ଆଇ ସୁବିଧା ରହିଛି। ଫ୍ଲାଟ ପ୍ୟାନେଲ ଟିଭି, ବଛାବଛା ୟୁଏଚ୍‌ଡି ମଡେଲ ସମେତ ଅନ୍ୟ କେତେକ ବର୍ଗର ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ରହିଥିବା କମ୍ପାନୀ ସୂଚନା ଦେଇଛି। ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଦିଗରେ କାର୍ଯ୍ୟ କରୁଛୁ ବୋଲି ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କିମ୍ କି ୱାନ୍ ସୂଚନା ଦେଇଛନ୍ତି।

## ପୂର୍ବତଟ ରେଳପଥର ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୩୦-୧୦**

ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହାର ପ୍ରାରମ୍ଭିକ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ରେଲୱେ କର୍ମଚାରୀ ତଥା ଅଧିକାରୀଙ୍କୁ ଶପଥ ପାଠ କରାଇଛନ୍ତି। ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ଲାଗି ଭ୍ରଷ୍ଟାଚାରକୁ ରୋକିବାକୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହା ଆସନ୍ତା ୩ ତାରିଖ ଯାଏ ଚାଲିବ। ସାଧାରଣ ଜୀବନରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଲାଗି ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମମାନ ଏହି ଅବସରରେ ଆୟୋଜନ କରାଯାଉଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ବ୍ୟାନର, ପୋଷ୍ଟର ବ୍ୟବହାର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ସେହିଭଳି ପଥପ୍ରାନ୍ତ ନାଟକ ଦ୍ୱାରା ରେଳ ବ୍ୟବହାରକାରୀ ଏବଂ କର୍ମଚାରୀଙ୍କୁ ସଚେତନ କରାଯାଉଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, NUHM-BRAHMAPUR
National Health Mission, Odisha
Department of Health & Family welfare
Government of Odisha

TENDER CALL NOTICE

No. 03 of 2018/19 Date : 29.10.18

Sealed tenders (Percentage rate) in conformity with DTCN are invited from the "D" / "C" class contractors registered with the State Govt. for execution of works under CHS NUHM Berhampur as detailed below. The tender document for the work can be downloaded from the official website (http://www.ganjam.nic.in). The downloaded tender document must be accompanied with a non-refundable Demand Draft for Cost of tender paper amounting Rs. 2000.00 per set for below Rs. 5.00 Lakhs drawn from any nationalized Bank payable at Berhampur in favour of the CHS NUHM A/C BeMC BERHAMPUR. The tender paper duly signed by the Contractors should be accmpanied with photo copy of valid GSTIN, PAN card, Registrationcertificate and requisite EMD in shape of Demand Draft drawn in favour of "CHS NUHM A/C Be MC BERHAMPUR" payable at "Berhampur" from any Nationalized Bank. The tender will be received upto Dt. 12.11.2018 till 5P.M. at O/O Addl. District Urban Public Health Officer, Berhampur through Registered / Speed Post only and opened on Dt. 13.11.2018 at 11A.M. at Office of the Addl. District Urban Public Health Officer, Berhampur in presence of the tenderers or their authorized representatives. All bidders shall have to submit an affidavit in support of authenticity of documents / credentials. Abnormally, less quoted tenderers will have to deposit the differential cost prior to issue of work order in shape of Demand Draft in favour of "CHS NUHM A/C BeMC Berhampur". The envelope containing the bid documents must be superscribed as "Bid for the Civil works under CHS NUHM, Berhampur. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated Cost (in Rs.) | EMD @1% (in Rs.) | Cost of Tender Paper (in Rs.) | Period of Completion |
|---|---|---|---|---|---|
| 1 | Establishment of DDC at UPHC's Berhmapur | Rs. 4,24,836.00 | Rs. 4,248.00 | Rs. 2000.00 | Two Months |

Sd./- ADUPHO (Nodal Officer NUHM)
Berhampur Municipal Corporation, Berhampur, Ganjam, Pin - 76002

“ଚଳିତବର୍ଷ ଘରୋଇ କ୍ରିକେଟ ସିଜନରେ ବାରମ୍ବାର ନିୟମ ପରିବର୍ତ୍ତନ କରାଯିବା ଖେଳ ପାଇଁ ଭଲ ଲକ୍ଷଣ ନୁହେଁ ।

–ସୌରଭ ଗାଙ୍ଗୁଲି,
ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ



ଇଂଲଣ୍ଡରେ ହେବାକୁଥିବା ୨୦୧୯ ବିଶ୍ୱକପ୍‌ରେ ଏମ୍‌.ଏସ୍‌. ଧୋନୀଙ୍କ ପରାମର୍ଶ ଓ ଅଭିଜ୍ଞତା ବିରାଟ କୋହଲିଙ୍କ ପାଇଁ ବିଶେଷ ସହାୟକ ହେବ ।

–ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ






# କ୍ରୀଡ଼ା, ସାହିତ୍ୟର ହେବ ମହାମିଳନ

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**



ବେନ୍ ଜନ୍‌ସନ୍



ଜେଫ୍ ଥମ୍ପସନ



ଆଣ୍ଡ୍ରୁ୍ୟ ଡୋୱିନ



ରିଚାର୍ଡ ମୁର

ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ଏଠାରେ ହେବ କ୍ରୀଡ଼ା ଓ ସାହିତ୍ୟର ମହାମିଳନ। ତେଣୁ ଭୁବନେଶ୍ୱର ଉପରେ ଏବେ ସମସ୍ତଙ୍କ ନଜର। ଦେଶ, ବିଦେଶର ଅନେକ ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ, ଲେଖକ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଗୋଟିଏ ମଞ୍ଚରେ ସେମାନଙ୍କ ଭାବାବେଗ ବ୍ୟକ୍ତ କରିବେ। ହୋଟେଲ ମେ ଫେୟାରରେ ନଭେମ୍ବର ୨ ଓ ୩ ତାରିଖରେ ଆୟୋଜନ ହେବ ଏହି ମେଗା କାର୍ଯ୍ୟକ୍ରମ। କ୍ରୀଡ଼ା ମହୋତ୍ସବରେ ବକ୍ତାମାନେ ସେମାନଙ୍କ ବହୁମୂଲ୍ୟ କାର୍ଯ୍ୟ, କୃତିତ୍ୱ, ସଫଳତା ଓ ଦୃଷ୍ଟିକୋଣ ସମ୍ପର୍କରେ ବର୍ଣ୍ଣନା କରିବେ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ

EKAMRA SPORTS
LITERARY FESTIVAL
2018

ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍। ହକି ମହାକୁମ୍ଭ ଆୟୋଜନ ହେବାର ମାତ୍ର କିଛି ସପ୍ତାହ ପୂର୍ବରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଭୁବନେଶ୍ୱରରେ ଖେଳ, ସାହିତ୍ୟ, ସଂସ୍କୃତିର ଏକ ଭିନ୍ନ ମାହୋଲ ସୃଷ୍ଟି କରିବ କହିଲେ ଅତ୍ୟୁକ୍ତି ହେବନାହିଁ।

ନଭେମ୍ବର ୨ ପୂର୍ବାହ୍ନ ୧୦ଟା ୪୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଅବସରରେ ‘ହକି ବାଇଟ୍ସ’ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ କରାଯିବ। କ୍ରୀଡ଼ା ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବେ ପୂର୍ବତନ ଅଷ୍ଟ୍ରେଲୀୟ ସନ୍ତରଣକାରୀ ଷ୍ଟିଫାନି ରାଇସ ଓ ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର। ଏହାପରେ ‘କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର’ ଶୀର୍ଷକରେ ଆଲୋଚନା ହେବ। ଏଥିରେ ଅଂଶଗ୍ରହଣ କରିବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ନୀଲମ କପୁର, ବିଶାଲ ଦେବ। କାର୍ଯ୍ୟକ୍ରମର ସଂଯୋଜନା କରିବେ ଶିରିନ। ଅପରାହ୍ନ ୧୨ଟା ୧୫ରେ ‘ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର’ ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫେରି ରବର୍ଟ ଥମ୍ପସନ। ସର୍ବକାଳୀନ ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ କ୍ରିକେଟ ଜଗତରେ ଜେଫ୍ ଥମ୍ପସନ ବା ‘ଥୋମୋ’ ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପିନଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଅଷ୍ଟ୍ରେଲିଆ ନ୍ୟୁ ସାଉଥ ୱେଲ୍ସର ଗ୍ରୀନାକ୍ରେରେ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଥମ୍ପସନ ଜଣେ ଡାହାଣହାତୀ ଫାଷ୍ଟ ବୋଲର ଥିଲେ। ସେ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ଖେଳି ଯଥାକ୍ରମେ ୨୦୦ ଓ ୫୦ ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ ପାଇଁ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅପରାହ୍ନ ୨ଟାରେ ‘ସେକ୍ସପିୟର ଦି କୋଚ୍’ ଶୀର୍ଷକ ଆଲୋଚନାରେ ଭାଗନେବେ ଅଷ୍ଟ୍ରେଲିଆର ପୂର୍ବତନ ହକି ଖେଳାଳି, କୋଚ୍ ଏବଂ ରାଜନେତା ରିକ୍ ଚାର୍ଲ୍ସୱର୍ଥ। ଅରୂପ ଘୋଷ କାର୍ଯ୍ୟକ୍ରମର ସଂଯୋଜନା କରିବେ। ଏହାପରେ “ୱାର୍ଲ୍ଡ କପ୍ ୨୦୧୮’କୁ ନେଇ ପୂର୍ବାନୁମାନ କରିବେ ପୂର୍ବତନ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ ଓ ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର। ‘ଦି ଧୋନୀ ଟଚ୍’ ପୁସ୍ତକ ଉପରେ ଆଲୋଚନା ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସଫଳତାର ରହସ୍ୟ ଉପରେ ମତ ରଖିବେ ଏହାର ରଚୟିତା ଭାରତ ସୁନ୍ଦରେଶନ। ଏହାପରେ ‘ପରିସଂଖ୍ୟାନ କେବେ ଭୁଲ ନୁହେଁ’ ଉପରେ ଆଲୋକପାତ କରିବେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା। ‘ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ’ ଆଲୋଚନାଚକ୍ରରେ ଭାଗନେବେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡ୍‌ଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ। ଦ୍ୱିତୀୟ ଦିବସ ଅର୍ଥାତ୍ ନଭେମ୍ବର ୩ ପୂର୍ବାହ୍ନ ୧୦ଟାରେ ‘ଧର୍ମନିରପେକ୍ଷତା ଏବଂ କ୍ରିକେଟର’ ଶୀର୍ଷକରେ ନିଜ ଅନୁଭୂତି ବର୍ଣ୍ଣନା କରିବେ ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ। ‘ଇତିହାସରେ କଳୁଷିତ ରେସ୍‌ର ୩୦ ବର୍ଷ ପୂର୍ତ୍ତି’ ଆଲୋଚନା ଉପରେ ନିଜର ମତ ରଖିବେ ଜାମାଇକା ଜନ୍ମିତ କାନାଡ଼ିଆନ ଧାବକ ବେନ୍ ଜନସନ ଓ ପୂର୍ବତନ ସ୍କଟଲାଣ୍ଡ ସାଇକ୍ଲିଷ୍ଟ, ଜର୍ନାଲିଷ୍ଟ ଏବଂ ଲେଖକ ରିଚାର୍ଡ ମୁର୍। ୧୯୮୮ ସିଓଲ ଅଲିମ୍ପିକ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜନସନ ପରେ ଡୋପଟେଷ୍ଟରେ ଧରା ପଡ଼ିବାରୁ ପଦକ ହରାଇଥିଲେ। ମାତ୍ର ସେତେବେଳେ ତାଙ୍କ ଲ୍ୟାବ୍ ରିପୋର୍ଟ ଟ୍ୟାମ୍ପରିଂ କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ଜଣା ପଡ଼ିବାରୁ ଚହଳ ସୃଷ୍ଟି କରିଥିଲା। ଏହାପରେ ପୂର୍ବତନ ବ୍ରାଜିଲିଆନ ଆକ୍ରମଣାତ୍ମକ ମିଡ୍ ଫିଲ୍ଡର ସକ୍ରେଟିସଙ୍କ ଉପରେ ରଚିତ ପୁସ୍ତକ ‘ଡକ୍ଟର ସକ୍ରେଟିସ’ ଉପରେ ଆଲୋଚନା କରିବେ ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆଣ୍ଡ୍ରୁ୍ୟ ଡୋୱିନ। ‘ଡକ୍ଟର ସକ୍ରେଟିସ’ ରଚନାର ଯଥାର୍ଥତା ସେ ଏଠାରେ ପ୍ରତିପାଦନ କରିବେ। ମଧ୍ୟାହ୍ନ ୧୨ଟା ୧୫ରେ ହେବାକୁଥିବା ‘କୁସ୍ତିର ଐତିହ୍ୟ’ ଆଲୋଚନାରେ ଭାଗନେବେ ଭାରତର ଦୁଇ ପ୍ରତିଷ୍ଠିତ ରେସ୍‌ଲର ଯୋଗେଶ୍ୱର ଦତ୍ତ ଓ ଭିନେଶ ଫୋଗତ। ଅପରାହ୍ନରେ ଭାରତୀୟ ମହିଳା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଉପରେ ରଚିତ ପୁସ୍ତକ ‘ଦି ସ୍ମଲ ୱଣ୍ଡର’ ଉନ୍ମୋଚନ କରାଯିବ। ଏହି ପୁସ୍ତକ ଉପରେ ଆଲୋଚନା କରିବେ ଦୀପା କର୍ମକାର, ତାଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦୀ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜର୍ନାଲିଷ୍ଟ ଦିଗ୍‌ବିଜୟ ସିଂ ଦେଓ ଏବଂ ବିମଲ ମୋହନ। ଅପରାହ୍ନ ୨ଟା ୩୦ ରେ ‘ଦି ସ୍ପିୟରମ୍ୟାନ’ ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା। ଏହାପରେ ଷ୍ଟାଫାନି ରାଇସ–‘ଦି ମେକିଂ ଅଫ ଆନ୍ ଅଲିମ୍ପିକ୍ ଚାମ୍ପିୟନ’ ଉପରେ ନିଜେ ରାଇସ ମତବ୍ୟକ୍ତ କରିବେ। ଅପରାହ୍ନ ୪ଟାରେ ‘ଗାର୍ଡିଆନ୍ସ ଅଫ୍ ଦି ଫେଥ୍–ସେଭିଂ ଟେଷ୍ଟ କ୍ରିକେଟ’ ଆଲୋଚନାରେ ଭାଗନେବେ ଭାରତୀୟ କ୍ରିକେଟର ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ। ଅପରାହ୍ନ ୫ଟା ୩୦ରେ ଧନ୍ୟବାଦ ଅର୍ପଣ ପରେ ଉଦ୍‌ଯାପିତ ହେବ ଏହି ଖେଳ ଓ ସାହିତ୍ୟର ଆସର।



ଷ୍ଟେଫିନା ରାଇସ୍

# ପୁତ୍ର ସନ୍ତାନର ଜନନୀ ହେଲେ ସାନିଆ

**ହାଇଦ୍ରାବାଦ, ୩୦।୧୦:**

ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ମା’ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ହାଇଦ୍ରାବାଦସ୍ଥିତ ଘରୋଇ ହସ୍ପିଟାଲରେ ପୁତ୍ର ସନ୍ତାନ ଜନ୍ମଦେଇଥିବା ଖବର ସାନିଆଙ୍କ କ୍ରିକେଟର ସ୍ୱାମୀ ସୋଏବ ମଲିକ ସୋସିଆଲ ମିଡିଆ ଟୁଇଟର ମାଧ୍ୟମରେ ଜଣାଇଛନ୍ତି। ଉଭୟ ସାନିଆ ଓ ତାଙ୍କ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି। ସାନିଆ ଓ ସୋଏବ ଶିଶୁପୁତ୍ରର ନାମ ଇଜହାନ ମିର୍ଜା ମଲିକ ରଖିଛନ୍ତି। ଉର୍ଦ୍ଦୁରେ ‘ଇଜହାନ’ର ଅର୍ଥ ଭଗବାନଙ୍କ ଉପହାର ବୋଲି ଜଣାପଡ଼ିଛି। ମେଡିକାଲରେ ସୋଏବଙ୍କ ସମେତ ସାନିଆଙ୍କ ପିତା ଇମ୍ରାନ ମିର୍ଜା, ଭଉଣୀ ଅନମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ଜଗତ ସମେତ ଚାରିଆଡୁ ସାନିଆ ଓ ସୋଏବଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୬ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସାନିଆ ମିର୍ଜା ଚଳିତବର୍ଷ ଏପ୍ରିଲରେ ଗର୍ଭବତୀ ଥିବାନେଇ ସୂଚନା ଦେଇଥିଲେ। ସେହିଭଳି ସନ୍ତାନ ଜନ୍ମପରେ ଟେନିସ କୋର୍ଟକୁ ଫେରି ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି ନିଜକୁ ପ୍ରସ୍ତୁତି କରିବା ପାଇଁ ଯୋଜନା ରଖିଥିବା କହିଥିଲେ। ନିକଟରେ ଏକ ସାକ୍ଷାତକାର ଅବସରରେ ସାନିଆ ନୂତନ ସନ୍ତାନର ସାଙ୍ଗିଆ ମିର୍ଜା ମଲିକ ରଖିବେ ବୋଲି ପ୍ରକାଶ କରିଥିଲେ। ସାନିଆ ୨୦୧୦ରେ ପାରମ୍ପରିକ ହାଇଦ୍ରାବାଦୀ ମୁସଲିମ ବିବାହ ରୀତିନୀତି ଅନୁଯାୟୀ ସୋଏବ ମଲିକଙ୍କୁ ବିବାହ କରିଥିଲେ।

# ଷ୍ଟମ୍ପିଂରେ ନିଜ ରେକର୍ଡ ଭାଙ୍ଗିଲେ ଧୋନୀ

**ମୁମ୍ବାଇ, ୩୦।୧୦:**

ସ୍ଥାନୀୟ ବାବୋର୍ନ ଷ୍ଟାଡିୟମରେ ସୋମବାର ୱେଷ୍ଟଇଣ୍ଡିଜ ବିପକ୍ଷ ୪ର୍ଥ ଦିନିକିଆ ମ୍ୟାଚ୍‌ରେ ଭାରତ ୨୨୪ ରନର ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲା। ରନ ବ୍ୟବଧାନ ଦୃଷ୍ଟିରୁ ଦିନିକିଆ କ୍ରିକେଟ ଇତିହାସରେ ଭାରତର ଏହା ୩ୟ ସର୍ବବୃହତ୍ ବିଜୟ। ମ୍ୟାଚ୍‌ରେ ରୋହିତ୍ ଶର୍ମା (୧୬୨) ଓ ଅମ୍ବାତି ରାୟୁଡୁ (୧୦୦)ଙ୍କ ଶତକ ବଳରେ ୫ ଉଇକେଟ୍‌ରେ ୩୭୭ ରନ କରିଥିଲା। ଜବାବରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୧୫୩ ରନରେ ସୀମିତ ରହିଥିଲା। ଧୋନୀ ଏହି ମ୍ୟାଚ୍‌ରେ ଷ୍ଟମ୍ପିଂରେ ଏକ ନୂତନ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ଦ୍ରୁତବେଗରେ ଷ୍ଟମ୍ପିଂ କରି ଧୋନୀ ପୂର୍ବରୁ ନିଜ ନାମରେ ରହିଥିବା ପୂର୍ବ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ମ୍ୟାଚ୍‌ର ୨୮ତମ ଓଭରରେ ରବୀନ୍ଦ୍ର ଜାଡେଜାଙ୍କ ବଲରେ କେମୋ ପଲ୍ ଷ୍ଟମ୍ପିଂ ହୋଇ ୯ମ ଖେଳାଳିଭାବେ ଆଉଟ୍ ହୋଇଥିଲେ। ଜାଡେଜାଙ୍କ ଫ୍ଲାଇଟେଡ୍ ବଲକୁ ଖେଳିବାକୁ ଯାଇ ପଲ୍ କ୍ରିଜ ବାହାରକୁ ଚାଲିଯାଇ ମିସ୍ କରିଥିଲେ। ଉଇକେଟ୍ ପଛରେ ଥିବା ଭେଟେରାନ ଧୋନୀ କାଳବିଳମ୍ବ ନ କରି ମାତ୍ର ୦.୦୮ ସେକେଣ୍ଡରେ ବେଲ୍‌କୁ ପକାଇ ପଲ୍‌ଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ପୂର୍ବରୁ ବିଶ୍ୱର ସବୁଠାରୁ ଦ୍ରୁତତମ ଷ୍ଟମ୍ପିଂ ଧୋନୀଙ୍କ ନାମରେ ରହିଥିଲା। ୨୦୧୬ରେ ମେଲବର୍ନ କ୍ରିକେଟ୍ ଗ୍ରାଉଣ୍ଡରେ ଜାଡେଜାଙ୍କ ବଲରେ ଜର୍ଜ ବେଲିଙ୍କୁ ଷ୍ଟମ୍ପିଂ କରି ଧୋନୀ ଏହି ରେକର୍ଡର ଅଧିକାରୀ ହୋଇଥିଲେ।

## ସଂକ୍ଷେପରେ

### ସ୍ୱାଫ୍ ଫୁଟ୍‌ବଲରୁ ଓହରିଲା ଭାରତ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ସାଉଥ୍ ୱେଷ୍ଟ ଏସିଆନ ଫୁଟ୍‌ବଲ ଫେଡେରେଶନ (ସ୍ୱାଫ୍ ) ଟୁର୍ନାମେଣ୍ଟରୁ ଭାରତ ବ୍ୟତୀତ ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଅନ୍ତର୍ଗତ ଅନ୍ୟ ୬ଟି ଦେଶ ଓହରିଯାଇଛନ୍ତି। ଏହି ଦେଶଗୁଡ଼ିକ ହେଲେ ବାଂଲାଦେଶ, ନେପାଳ, ଭୁଟାନ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ପାକିସ୍ତାନ। ମଙ୍ଗଳବାର ମାଲେସିଆର କୁଆଲାଲମ୍ପୁରଠାରେ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) କଂଗ୍ରେସ ଆରମ୍ଭ ହୋଇଛି। ଏସିଆନ ଫୁଟ୍‌ବଲ କନଫେଡେରେଶନ ସଭାପତି ଶେଖ ସଲମନ ଅଲ୍ ଖଲିଫାଙ୍କ ପ୍ରତି ସମର୍ଥନ ଜଣାଇ ସାଫ୍ ଦେଶଗୁଡ଼ିକ ଏହି ନିଷ୍ପତ୍ତି ନେଇଛନ୍ତି। ବୁଧବାର ଏଏଫ୍‌ସି କଂଗ୍ରେସର ଦ୍ୱିତୀୟ ଦିନ ଅବସରରେ ୫ଟି ଆଞ୍ଚଳିକ ଫେଡେରେଶନ ବିଧିବଦ୍ଧ ସ୍ୱୀକୃତି ପାଇବାର ଅଛି। ସୂଚନାଯୋଗ୍ୟ, ସ୍ୱାଫ୍ ଗତ ଅଗଷ୍ଟରେ ଗଠିତ ହୋଇଛି। ଏଥିରେ ୧୪ଟି ସଦସ୍ୟ ଦେଶ ରହିଛନ୍ତି। ସୌଦି ଆରବ ଫୁଟ୍‌ବଲ ସଂଘର ପୂର୍ବତନ ଆଦେଲ ଇଜାଜ୍ ଏହାର ମୁଖ୍ୟ ରହିଥିବାବେଳେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଉପସଭାପତି ସୁବ୍ରତ ଦତ୍ତ ଏହି ନୂଆ ଆଞ୍ଚଳିକ ଫୁଟ୍‌ବଲ ସଂଘର ଉପ ସଭାପତି ରହିଛନ୍ତି। ଏହାର ପ୍ରଥମ ସାଧାରଣ ବୈଠକ ସୌଦି ଆରବର ଜେଦ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଏଫ୍‌ଏଫ୍‌ର ଜଣେ ଅଫିସିଆଲଙ୍କ କହିବା ଅନୁସାରେ ୨୦୧୯ ଏପ୍ରିଲରେ ଏଏଫ୍‌ସିର ନିର୍ବାଚନ ହେବ। ଅଲ୍ ଖଲିଫାଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ପାଇଁ ଇଜାଜ ଯୋଜନା କରିଛନ୍ତି। ସାଫ୍ ଦେଶଗୁଡ଼ିକ ସ୍ୱାଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟରୁ ଓହରିଯିବା ଏହାର ମୁଖ୍ୟ କାରଣ ବୋଲି ସେ କହିଛନ୍ତି।

■ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**କୋରାପୁଟ,୩୦।୧୦(ସ୍ୱ.ପ୍ର)**

କୋରାପୁଟ ଜିଲା ଅନ୍ତର୍ଗତ ଦଶମନ୍ତପୁର ବ୍ଲକର ପରଜାଶୁଳୁ ଗ୍ରାମପଞ୍ଚାୟତର ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ଦିନ ହେଲା ଅଚଳ ହୋଇଥିବା ଯୋଗୁଁ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ମଙ୍ଗଳବାର ଗ୍ରାମର ବହୁ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଦଶମନ୍ତପୁର ବ୍ଲକର ପରଜାଶୁଳୁ ଗ୍ରାମରେ ୧୫୦ ପରିବାରର ପ୍ରାୟ ୮ଶହ ଲୋକେ ବାସକରୁଥିବାବେଳେ ସେମାନଙ୍କ ନିମନ୍ତେ ଗ୍ରାମରେ ୩ଟି ନଳକୂପ ନିର୍ମାଣ କରାଯାଇଥିଲା । ମାତ୍ର କିଛି ବର୍ଷ ପରେ ଏଥିରୁ ୨ ଟି ଖରାପ ହୋଇଯାଇଥିବାବେଳେ ଗୋଟିଏ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି । ପାଣିର ଅସୁବିଧା ଯୋଗୁଁ ଗ୍ରାମବାସୀ ଗ୍ରାମ ନିକଟରେ ଥିବା ଏକ ନାଳର ପାଣି ବାଧ୍ୟ ହୋଇ ବ୍ୟବହାର କରୁଛନ୍ତି । ଏହି ସମସ୍ୟାର ସମାଧାନ ନେଇ ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ମାତ୍ର କିଛି ମାସ ପରେ ଏହି ପ୍ରକଳ୍ପ ଅଚଳ ହୋଇଯିବାରୁ ଗ୍ରାମବାସୀ ଏବେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ଗ୍ରାମରେ ଥିବା ଏହି ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମଙ୍ଗଳବାର ଗ୍ରାମର ବହୁ ମହିଳା ଜିଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ପରଜାଶୁଳୁ ଗ୍ରାମର ସରୋଜିନି ଭତ୍ରାଙ୍କ ନେତୃତ୍ୱରେ କାଞ୍ଚନ ମଣୀ ଖରା, ସୁଖେସି ଖରା, ସୁଲଚନା ଖରା, ମଜଂୁଳା ଖରା, ସୁସ୍ମିତା ଖରା, ଗୁଣବତୀ ଖରା, ପ୍ରମିଳା ରଥିନାୟକ, ପ୍ରଫୁଲ୍ଲ ମଣୀ ରଥିନାୟକ, ରାଧିକାମଣୀ ଦିଶାରି, ଭବାନି ମୁଦୁଲି, ସୁନ୍ଦରି ମୁଦୁଲି, ସଙ୍ଗିତା ବାଘ, ଚମ୍ପାବତୀ ଭୋଇ ପ୍ରମୁଖ ଦାବୀପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଧରମ୍ଦିଆଲ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଜୟପୁର,୩୦।୧୦(ଡି.ଏନ.ଏ)**

କୋରାପୁଟ ଜିଲା ଡମ ସଙ୍ଗଠନ ପକ୍ଷରୁ ଆସନ୍ତା ନଭେମ୍ବର ୨୬ରେ ଜୟପୁରର ବାରିଣିପୁଟରେ ଧରମଦିଆଲ ପାଳନ ପାଇଁ ମଙ୍ଗଳବାର ଗେଟଗୁଡା ୨ୟ ଧରମ ଦିଆଲ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପବିତ୍ର ଖରା ଏବଂ ବରିଷ୍ଠ କର୍ମକର୍ତ୍ତା ରାଜୁ ଟାଣ୍ଡିଲ ଯୋଗଦେଇଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ଧୂମଧାମରେ ଧରମଦିଆଲ ପର୍ବ ପାଳନ କରାଯିବ। ତେଣୁ ଜିଲାର ସମସ୍ତ ଅଞ୍ଚଳର ପ୍ରତ୍ୟେକ ଘରୁ ଅତିକମ୍‌ରେ ଜଣେ ଲେଖାଏଁ ସଦସ୍ୟ ଏଥିରେ ଯୋଗଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବୋରିଗୁମ୍ମା ଜୋନ ସଭାପତି ହରିହର ହରିଜନ, ଜିଲା ସାଧାରଣ ସମ୍ପାଦକ ରେଶମ ପାତ୍ର, କୋଷାଧ୍ୟକ୍ଷ ଶଙ୍କର ହରିଜନ, ଉପସଭାପତି ରଘୁନାଥ ହରିଜନ, ସମ୍ବାରୁ ହରିଜନ, ରାମକୃଷ୍ଣ ଖରା, ଖଗପତି ପାଙ୍ଗି, ମୁନା ବାଘ, ସୁରେଶ ବାଘ, ସଦା ହରିଜନ, ଜିତୁ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ପଥ ଉତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ବୁଦ୍ଧିଜୀବୀମାନେ ।

**ସୁନାବେଡା, ୩୦।୧୦(ଡି.ଏନ୍.ଏ.)–** ସୁନାବେଡା ମ୍ୟୁନିସିପାଲିଟିରେ ପଥ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡାର ଅନେକ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ସୁନାବେଡାରେ ଏହା ଅନୁଷ୍ଠିତ ହେଉଥିବାରୁ ନିର୍ବାହୀ ଅଧିକାରୀ ସୁନାବେଡା ସହରର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସଭାରେ ସମସ୍ତ ସଭ୍ୟାସଭ୍ୟ ନିଜର ମତାମତ ଦେବା ସହିତ କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ମୁଖ୍ୟକିରାଣି କୃଷ୍ଣଚନ୍ଦ୍ର ରଥ, ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ। ଢେମସା ନାଚ, ଓଡିଶୀ ନୃତ୍ୟ, ଗଣେଶବନ୍ଦନା, ସମ୍ବଲପୁରୀ, ଲୋକ ନୃତ୍ୟ, କୀର୍ତ୍ତନମଣ୍ଡଳୀ, ଷ୍ଟାଣ୍ଡଅପ କମେଡି, ଖାଦ୍ୟ ମେଳା, ମ୍ୟାଜିକ ଶୋ’ ଭଳି ୪୦ଟି କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ବାଂଲାଦେଶ ବିଜୟୀ

**ଟେନ୍ତୁଳିଖୁଣ୍ଟି,୩୦।୧୦(ଡି.ଏନ.ଏ)**

ଟେନ୍ତୁଳିଖୁଣ୍ଟି ବ୍ଲକ କାମତା ଇଡେନ ଗାର୍ଡେନ ଷ୍ଟାଡିୟମ ଠାରେ ଚାଲିଥିବା ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଲିଗ ମ୍ୟାଚରେ ବାଂଲାଦେଶ ଝାଡଖଣ୍ଡ ଦଳକୁ ୫–୩ ପେନାଲଟି କର୍ନରରେ ପରାସ୍ତ କରିଛି। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଶପ ରାଇଟ ରେଭ ଆଶିଷ କୁମାର ପାଳ, ସମ୍ମାନୀତ ଅତିଥି ଜେଇଏଲସି ଚର୍ଚ୍ଚର ରୂପକ କୁମାର ଡୁରୁକ, ବିଧୁ ନାୟକ, ତୀର୍ଥଚରଣ ନାୟକ, ଗୌରଭ କାଉରୀ, ଦିବ୍ୟଦାନ ସୁନା, ଅନୀଲ ଦୀନବନ୍ଧୁ ପ୍ରମୁଖ ଯୋଗ ଦେଇଥିଲେ।



# ଦୌଡ଼କୁଦ, କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ

**ପଟ୍ଟାଙ୍ଗି, ୩୦।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଦୁଇଦିନିଆ ବ୍ଲକସ୍ତରୀୟ ଦୌଡକୁଦ ଓ କବାଡି ପ୍ରତିଯୋଗିତାକୁ ବ୍ଲକ ଶିକ୍ଷା ଅଧିକାରୀ ସୁରଞ୍ଜନ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗାସନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ନୃସିଂହ ନାଥ ବେହେରା ଉପସ୍ଥିତ ଥିଲେ। କ୍ରୀଡା ଯୋଗୁ ଶରୀର ସୁସ୍ଥ ରହିବା ସହ ଭାଇଚାରା ସୃଷ୍ଟି ହୁଏ ବୋଲି ସେ କହିଥିଲେ। କୃତୀ ପ୍ରତିଯୋଗୀ ଜିଲାସ୍ତରରେ ଭାଗ ନେବେ ବୋଲି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡନାୟକ କହିଛନ୍ତି। ଏଥିରେ ପୁକାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ପ୍ରଧାନ, ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲବଙ୍ଗଲତା ବାରିକ, ଈଶ୍ୱର ବେହେରା ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

“ କ୍ୟାରିବିୟାନ ଓ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳିସାରିବା ପରେ ଜାତୀୟ ଦଳରେ ଯୋଗ ଦେବା ପରିବାରକୁ ଫେରିବା ଭଳି ମନେହେଉଛି ।

–କଲିନ ମୁନ୍‌ରୋ, ନ୍ୟୁଜିଲାଣ୍ଡ କ୍ରିକେଟର



“ ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନରଙ୍କ ବିରୋଧରେ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡର ପୁନଃ ସମୀକ୍ଷା କରାଯିବା ଉଚିତ ।

–ଡାରେନ ଲେମ୍ୟାନ, ପୂର୍ବତନ ଅଷ୍ଟ୍ରେଲିଆ କୋଚ୍



# କୁସ୍ତି ଯୋଦ୍ଧା ଯୋଗେଶ୍ୱର



**ଭୁବନେଶ୍ୱର, ୩୦।୧୦ (କ୍ରୀଡ଼ା ପ୍ରତିନିଧି):** ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ରହିବେ ଭାରତର ତାରକା କୁସ୍ତି ଯୋଦ୍ଧା ଯୋଗେଶ୍ୱର ଦତ୍ତ। ସେ କୁସ୍ତିର ଇତିହାସ ଉପରେ ତାଙ୍କର ମତ ରଖିବେ। ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ନଭେମ୍ବର ୨ ଓ ୩ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଦେଶର ଯୁବପିଢ଼ି ପାଇଁ ଅଭିଜ୍ଞ ରେସଲର ଯୋଗେଶ୍ୱର ପ୍ରେରଣାର ଉତ୍ସ ବନିଯାଇଛନ୍ତି। ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ନିଜର ଅଧ୍ୟବସାୟ, କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛା ବଳରେ ବିଶ୍ୱ କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବଶ୍ୟ ଯୋଗେଶ୍ୱର ଏବେ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ପଦାର୍ପଣ କରିଛନ୍ତି। ହରିୟାଣାର ସୋନିପତ୍‌ରେ ଜନ୍ମଗ୍ରହଣ କରିଥିବା ଯୋଗେଶ୍ୱର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ୫ ଫୁଟ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଏହି ରେସଲର ଭାରତ ପାଇଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ପୁରୁଷ ୬୦ କେ.ଜି. ଫ୍ରିଷ୍ଟାଇଲ ବର୍ଗରେ ଏହି ପଦକ ହାସଲ କରି ଅଲିମ୍ପିକ୍ସରେ ଭାରତର ପଦକ ଅଭିଯାନକୁ ଜୋରଦାର କରିଥିଲେ। ଏଥି ସହିତ ସେ କେ.ଡି. ଯାଦବ (୧୯୫୨) ଓ ସୁଶୀଲ କୁମାର (୨୦୦୮, ୨୦୧୨)ଙ୍କ ପରେ ତୃତୀୟ ଭାରତୀୟ ରେସଲର ଭାବେ ଅଲିମ୍ପିକ୍ସ ପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭାରତ ସରକାର ସମ୍ମାନିତ କରିଥିଲେ। ଅସାଧାରଣ ସଫଳତା ହାସଲ କରି ସେ ନିଜକୁ ଏକ ବିଶ୍ୱସ୍ତରୀୟ ରେସଲର ରୂପେ ପ୍ରତିଷ୍ଠିତ କରି ପାରିଥିଲେ। ୨୦୦୬ରେ ପିତାଙ୍କ ଦେହାନ୍ତ ହେବାର ମାତ୍ର ୯ ଦିନ ପରେ ସେ ବିମାନରେ କାତାର ରାଜଧାନୀ ଦୋହାରେ ପହଞ୍ଚିଥିଲେ ଓ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ। ଆଣ୍ଠୁ ଆଘାତ ସମସ୍ୟା ସତ୍ତ୍ୱେ ସବୁ ଶାରୀରିକ ସମସ୍ୟା ଓ ଭାବପ୍ରବଣତାକୁ ପଛରେ ପକାଇ ୬୦ କେ.ଜି. ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ବିଭିନ୍ନ ସମସ୍ୟା ସତ୍ତ୍ୱେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେ ୨୦୧୪ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୨୦୦୮ ଓ ୨୦୧୨ ଏସିଆନ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ସର୍ବାଧିକ ସଫଳତା ଅର୍ଜନ କରିଥିଲେ। ଏହି ଇଭେଣ୍ଟରେ ଯୋଗେଶ୍ୱର ୩ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ୨୦୦୩, ୨୦୦୫ ଓ ୨୦୦୭ ସଂସ୍କରଣରେ ସେ ସ୍ୱର୍ଣ୍ଣ ଓ ୨୦୦୫ ଗ୍ରୀକୋ– ରୋମାନ ୬୦ କେ.ଜି. ବର୍ଗରେ ରୌପ୍ୟ ଓ ୨୦୦୭ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ଜିତିଥିଲେ। କ୍ରୀଡ଼ାରେ ଅସାଧାରଣ କୃତିତ୍ୱ ପାଇଁ ତାଙ୍କୁ ୨୦୧୨ରେ ଭାରତ ସରକାର ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଲରତ୍ନ ପୁରସ୍କାର ପ୍ରଦାନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାବିତ୍ ହିସାବରେ ଯୋଗେଶ୍ୱରଙ୍କ ସଫଳତା ଓ ବ୍ୟକ୍ତିତ୍ୱ ଆଗାମୀ ପିଢ଼ି ପାଇଁ ପ୍ରେରଣା ଦାୟକ।

EKAMRA SPORTS LITERARY FESTIVAL 2018

# ବାରବାଟୀରେ ଉଦ୍‌ଘାଟନୀ, ଉଦ୍‌ଯାପନୀ ପାଇଁ ଦାବି

**କଟକ ଅଫିସ, ୩୦।୧୦:** ଆସନ୍ତା ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ୍ । ତେବେ ଏହି ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ କଟକର ବାରବାଟୀ ଷ୍ଟାଡିୟମରେ କରିବାକୁ ଦାବି କରିଛି ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ (ଓଏଆର୍‌ଏସ୍)। ରାଜ୍ୟ କ୍ରୀଡ଼ାର ରାଜଧାନୀ ଭାବେ ପରିଚିତ କଟକରେ ଏହି ଉତ୍ସବ କରାଗଲେ ଅଧିକ ମାତ୍ରାରେ ଦର୍ଶକ ଉପସ୍ଥିତ ରହିପାରିବେ। କଳିଙ୍ଗ ଷ୍ଟାଡିୟମ ତୁଳନାରେ ବାରବାଟୀରେ ସିଟ୍ ସଂଖ୍ୟା ଅଧିକ ରହିଛି। ଏହାଛଡ଼ା ହଜାର ବର୍ଷର ଏହି ଐତିହାସିକ ସହରକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଉତ୍ସବ ଆୟୋଜନ କରିବା ଦିଗରେ ଦୃଷ୍ଟି ଦେବାକୁ ଆସୋସିଏଶନ ସଭାପତି ବିନୋଦ ଦାସ ଦାବି କରିଛନ୍ତି।

INDIAN RAILWAYS

ଭିଜିଲାନ୍ସ ସଚେତନତା ସପ୍ତାହ

29 ଅକ୍ଟୋବରରୁ 3 ନଭେମ୍ବର 2018

▶ ଉପଭୋକ୍ତାମାନଙ୍କୁ ନିବେଦନ ◀

- ଦୟାକରି ବୈଧ ଦେୟଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ।
- ଯେଉଁ ଅର୍ଥରାଶି ପୈଠ କରୁଛନ୍ତି ସେଥି ଲାଗି ରସିଦ୍/ ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣଙ୍କ ଅଭିଯୋଗ **ସିନିୟର ଡେପୁଟି ଜେନେରାଲ ମ୍ୟାନେଜର (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଫୋନ୍ ନଂ.0674-2300230, ଫ୍ୟାକ୍ସ ନଂ.0674-2301328**ରେ ଯୋଗାଯୋଗ କରନ୍ତୁ କିମ୍ବା **sdgm@ecor.railnet.gov.in / ୱେବସାଇଟ୍ http://www.eastcoastrail.indianrailways.gov.in** ରେ ଇ-ମେଲ୍ କରନ୍ତୁ।
- ଦୟାକରି ଅଭିଯୋଗକୁ ସ୍ୱାକ୍ଷର କରିବା ପୂର୍ବକ ସଠିକ୍ ଠିକଣା ପ୍ରଦାନ କରନ୍ତୁ । ଏ ସମ୍ପର୍କିତ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯାଇ ସେସବୁ ଦିଗରେ ତତ୍‌କ୍ଷଣାତ ଉପଯୁକ୍ତ ପଦକ୍ଷେପ ନିଆଯାଏ । ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସଂପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, ଦି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ, **ସତର୍କତା ଭବନ**, ବ୍ଲକ୍ ‘ଏ’, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023 ଠିକଣାରେ ପ୍ରେରଣ କରନ୍ତୁ । ଲଫାପା ଉପରେ **“କମ୍ପ୍ଲେଣ୍ଟ ଅଣ୍ଡର ଦି ପବ୍ଲିକ୍ ଇଣ୍ଟରେଷ୍ଟ ଡ଼ିସ୍‌କ୍ଲୋଜର”** ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ ।
- ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲ୍ପଲାଇନ୍ ନଂ.8455885031 କୁ କଲ୍ କରି ସୂଚନା ଦେଇପାରିବେ।

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-370(A)/J/18-19
ଭିଜିଲାନ୍ସ ହେଲ୍ପଲାଇନ୍ ନଂ. 8455885031

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ, ୩୦।୧୦**

ବିଡ଼ାନାସୀ ଗ୍ରାଉଣ୍ଡରେ ଆସନ୍ତା ୨ରୁ ୪ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା–ଆସାମ ବିପକ୍ଷ ମ୍ୟାଚ୍ ଖେଳାଯିବ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବେଙ୍ଗଲ ଠାରୁ ପରାସ୍ତ ହୋଇଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ଇନିଂସ୍‌ରେ ପଛୁଆ ରହି ଦଳ ପଏଣ୍ଟ ହରାଇଥିଲା। ତେବେ ଆସାମ ବିପକ୍ଷ ମ୍ୟାଚ୍ ନିମନ୍ତେ ମଙ୍ଗଳବାର ରାଜ୍ୟ ଦଳ ଘୋଷଣା କରାଯାଇଛି । **ଘୋଷିତ ଦଳ:** ସୂର୍ଯ୍ୟ ମହାପାତ୍ର (ଅଧିନାୟକ), ପ୍ରିନ୍ସ ସଙ୍କେତ ବେହେରା (ଉପଅଧିନାୟକ), ବିଶ୍ୱ ବିଭବ ମୁଦୁଲି, ବିଶ୍ୱଜିତ ପାତ୍ର, ବଭାଂଶୁ ଶେଖର ରାୟ, ରମେଶ ମେଲକା, ଦିନେଶ କୁମାର ମାଝୀ(ଉଇକେଟ କିପର), ଆଶୁତୋଷ ସାହୁ, ଆଶୁତୋଷ ଛୁରିଆ, ଶୋଭନ ଦେବ ବେହେରା, ସାଇ ଶୁଭମ, ଆଶୁତୋଷ ସାମଲ, ଅଂଶୁମାନ ବେଜ, ଶ୍ରେଷ୍ଠ ସିଂ, ପି. ଶଶାଙ୍କ । କୋଚ୍– କେ.ଭି ପ୍ରସାଦ, ଦିନେଶ କୁମାର ସାହୁ–ଫିଜିଓ, ଏସ୍.ଆର୍ ରାୟ–ଟ୍ରେନର, ସୁବ୍ରତ ବେହେରା–ନିରୀକ୍ଷକ, ବୀରେନ୍ଦ୍ର କୁମାର ବେହେରା–ମ୍ୟାନେଜର।

# ତୃତୀୟ ପରାଜୟ ସହ ଓଡ଼ିଶା ବାଦ୍

**କଟକ ଅଫିସ, ୩୦।୧୦**

ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ ପର୍ଯ୍ୟାୟରେ ଓଡ଼ିଶା ଲଗାତାର ତୃତୀୟ ପରାଜୟ ସହ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି । ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ହିମାଚଳପ୍ରଦେଶଠାରୁ ହାରିଛି । ପୂର୍ବ ଦୁଇଟି ମ୍ୟାଚ୍‌ରେ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଥିବା ବେଳେ ସୁପରଲିଗ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ଏହି ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ଗୁରୁବାର ଆସାମକୁ ଭେଟିବ । ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିବା ବେଳେ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ । ୩୫ରନ୍‌ରେ ଦଳର ୪ଟି ଉଇକେଟ ପତନ ଘଟିଥିବା ବେଳେ ନିର୍ଦ୍ଧାରିତ ୨୦ ଓଭରରେ ଦଳ ୯ ଉଇକେଟ ହରାଇ ମାତ୍ର ୬୯ରନ୍ କରିଥିଲା । ଜି.ଏମ. ଅଳକାନନ୍ଦା ସର୍ବାଧିକ ୧୩ରନ୍ କରିଥିଲେ। ହିମାଚଳପ୍ରଦେଶ ପକ୍ଷରୁ ପି.ଜି. କାହଲୁନ ଓ ଏନ୍. ଏମ. ଚୌହ୍ୱାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୭୦ରନ୍‌ର ବିଜୟ ଲକ୍ଷ୍ୟକୁ ୫ ଉଇକେଟ ହରାଇ ହିମାଚଳପ୍ରଦେଶ ହାସଲ କରିଛି । ସୋନାଲ ଠାକୁର ସର୍ବାଧିକ ୨୭ରନ୍ କରିଥିବା ବେଳେ ଓଡ଼ିଶା ପକ୍ଷରୁ ସୋନାଲୀ ହେମ୍ବ୍ରମ ୨ଟି ଉଇକେଟ ପାଇଥିଲେ।

## ପ୍ରଶାସକ କମିଟି ଷ୍ଟାଟସ ରିପୋର୍ଟ

# ୭ ରାଜ୍ୟ ଆସୋସିଏଶନ ବିଫଳ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ପ୍ରଶାସକ କମିଟି (ସିଓଏ) ସୁପ୍ରିମକୋର୍ଟଙ୍କ ନିକଟରେ ଏହାର ୧୦ମ ଷ୍ଟାଟସ ରିପୋର୍ଟ ଦାଖଲ କରିଛି। ୭ରାଜ୍ୟ ଆସୋସିଏଶନ ସେମାନଙ୍କର ଆଦେଶ ପାଳନ ପ୍ରମାଣପତ୍ର ଦାଖଲ କରିବାରେ ବିଫଳ ହୋଇଛନ୍ତି। ସେଗୁଡ଼ିକ ହେଲା ହରିୟାଣା, ହିମାଚଳ, ଗୁଜରାଟ, କର୍ଣ୍ଣାଟକ, ମେଘାଳୟ, ନାଗାଲାଣ୍ଡ ଓ ଅରୁଣାଞ୍ଚଳ। ଅଗଷ୍ଟ ୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଆଂଶିକ ଭାବେ କାର୍ଯ୍ୟକାରୀ କରିଥିବା ରାଜ୍ୟ ଆସୋସିଏଶନଗୁଡ଼ିକ ହେଲେ ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଗୋଆ, ମହାରାଷ୍ଟ୍ର, ବିହାର, ବେଙ୍ଗଲ, ଛତିଶଗଡ଼, ମଣିପୁର ଓ ବିଦର୍ଭ। ଆଦେଶ ପାଳନ କରିଥିବା ଆସୋସିଏଶନଗୁଡ଼ିକ ମଧ୍ୟରେ ରହିଛନ୍ତି ମିଜୋରାମ, ପୁଡୁଚେରୀ, ଦିଲ୍ଲୀ, ହାଇଦ୍ରାବାଦ, ଜମ୍ମୁ କଶ୍ମୀର, କେରଳ, ମୁମ୍ବାଇ, ଓଡ଼ିଶା, ପଞ୍ଜାବ ରାଜସ୍ଥାନ, ସୌରାଷ୍ଟ୍ର, ସିକ୍କିମ, ତ୍ରିପୁରା ଓ ଉତ୍ତର ପ୍ରଦେଶ।

# ନେଦରଲାଣ୍ଡ ଦଳ

ହକି ବିଶ୍ୱକପ୍



ଆଉ ୨୬ ଦିନ

ଭୁବନେଶ୍ୱରରେ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ନେଦରଲାଣ୍ଡ ଦଳ ଘୋଷିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଏହି ମେଗା ପ୍ରତିଯୋଗିତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ‘‘ଆମେ ପେସାଦାର ଆଥ୍‌ଲେଟ ଏବଂ ଚାମ୍ପିୟନ ହେବା ଲକ୍ଷ୍ୟରେ ହିଁ ବିଶ୍ୱକପ୍ ଖେଳିବୁ। ମାତ୍ର ଏହି ମନୋଭାବ ନେଇ ଯେ କେବଳ ଆମେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବୁ ତା’ ନୁହେଁ, ଟାଇଟଲ ଜିତିବା ସମସ୍ତ ଦଳର ସ୍ୱପ୍ନ। ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଶକ୍ତିଶାଳୀ ହୋଇଥିବାରୁ ମୁକାବିଲା ଜୋର୍‌ଦାର ହେବ। ତେବେ ଆମେ ପୂର୍ବ ସଂସ୍କରଣଗୁଡ଼ିକ ଅପେକ୍ଷା ଏଥର ଉନ୍ନତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ। ଦକ୍ଷତା, କୌଶଳରେ ଆମେ ଉଭୟ ଶାରୀରିକ ଓ ମାନସିକ ଦୃଢ଼ତା ଦେଖାଇବୁ। ଆମେ ଯଦି ତାହା କରିପାରିବୁ, ତେବେ ନିଶ୍ଚିତ ଟାଇଟଲ ଦାବିଦାର ହୋଇପାରିବୁ’’ ବୋଲି ନେଦରଲାଣ୍ଡ ମୁଖ୍ୟ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଗତ ସଂସ୍କରଣର ଆୟୋଜକ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ରହିଥିବା ନେଦରଲାଣ୍ଡ ଏଥର ପୁଲ୍–ଡି’ରେ ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ମାଲେସିଆ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। **ନେଦରଲାଣ୍ଡ ଦଳ:** ଗୋଲ୍‌କିପର: ପିର୍‌ମିନ ବ୍ଲାକ, ସାମ୍ ଭାନ ଓର୍ଭେନ। **ଡିଫେଣ୍ଡର:** ମିଙ୍କ୍ ଭାନ୍ ଡର୍ ୱିର୍ଡେନ, ସାଣ୍ଡର ବାର୍ଟ, ସାଣ୍ଡର ଡି ୱିଜିନ୍, ଫ୍ଲୋରିସ ଓର୍ଟେଲବୋଏର, ଗ୍ଲେନ ସ୍କୁରମ୍ୟାନ, ଲାର୍ସ ବାଲ୍‌କ। **ମିଡ୍‌ଫିଲର:** ସେଭ୍ ଭାନ୍ ଆସ୍, ବିଲି ବାକର, ଭାଲେଣ୍ଟିନ ଭର୍ଗା, ରବର୍ଟ କେମ୍ପରମ୍ୟାନ, ଜୋନାସ୍ ଡି ଜିଅସ୍। ଫର୍‌ୱାର୍ଡ: ମିର୍‌କୋ ପ୍ରୁୟସର, ଜେରୋନ୍ ହେର୍ଟଜବର୍ଗର, ବବ୍ ଡି ଭୁଗ୍ଡ, ଥିଏରୀ ବ୍ରିଙ୍କମ୍ୟାନ ଓ ଥିଜସ୍ ଭାନ ଡାମ୍। **ରିଜର୍ଭ ଖେଳାଳି:** ଜୋରିଟ କ୍ରୁନ, ଜୋଏପ ଡି ମୋଲ। ମୁଖ୍ୟ କୋଚ୍: ମ୍ୟାକ୍ସ କାଲ୍‌ଡାସ୍।



ନେଦରଲାଣ୍ଡର ମୁଖ୍ୟ ହକି କୋଚ୍ ମ୍ୟାକ୍ସ କାଲ୍‌ଡାସ୍

DALDS - 155



ରାଷ୍ଟ୍ରୀୟ ସଂକଳ୍ପ ଦିବସ
ରାଜ୍ୟସ୍ତରୀୟ ସମାରୋହ
ତା.୩୧.୧୦.୨୦୧୮

ସାଧାରଣ ସଭା

ସମୟ - ସନ୍ଧ୍ୟା ୫ ଘଟିକା
ସ୍ଥାନ- ଜୟଦେବ ଭବନ

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ
ମାନ୍ୟବର ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

ମୁଖ୍ୟବକ୍ତା

ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର
ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ମୁକୁଳ ବାରିକ୍, ଚନ୍ଦନ କୁମାର ଜେନା, ହିମାଂଶୁ ବେଉରା, ଅବନ୍ତିକା ପଟ୍ଟନାୟକ, ଗୀତାଞ୍ଜଳି ସ୍ୱାଇଁ ଓ ନିହାରିକା ମେହେରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ସଂକଳ୍ପ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ

15001/13/0349/1819



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

**Honda Exclusive Authorized Dealerships: JEYPORE:** Kesar Honda - 06854-230492, 8895321212; **MUNIGUDA:** Laxmi Honda - 0958352467; **NABRANGPUR:** Vardhmaan Honda - 06858-223929, 8260020009; **RAYGADA:** Aditya Honda - 9938418969, 09692455111, 8093331029; **SIMLIGUDA:** SS Honda - 06853225397, 07799882597.

**For Bulk/Institutional enquiries, please write us at: institutionalsales@honda2wheelersindia.com**




■ ଜିଲା ପ୍ରଶାସନ- ଗ୍ରାମ ସୁରକ୍ଷା ମଞ୍ଚର ଆଲୋଚନା

# ବାହାରିଲା ନିଷ୍କର୍ଷ, ହଟିଲା ଧାରଣା

ରାୟଗଡା ଅଫିସ୍, ୩୦।୧୦



ଜିଲା ପ୍ରଶାସନ ଓ ଆନ୍ଦୋଳକାରୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ରାୟଗଡା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ପାଇକ କୁପାଖାଲ ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ୧୩ ଦଫା ଦାବିନେଇ ଗତ ୨୫ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ମୁଖ୍ୟରାସ୍ତା ପାର୍ଶ୍ୱରେ ଧାରଣା ଦିଆଯାଇଥିଲା । ରାସ୍ତା, ଶିକ୍ଷା, ପାନୀୟଜଳ ସୁବିଧା ଏପରି ଅନ୍ୟାନ୍ୟ ସମସ୍ତ ପ୍ରକାର ମୌଳିକ ସୁବିଧା ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଅଞ୍ଚଳବାସୀଙ୍କୁ ଯୋଗାଇ ଦେବାକୁ ଦାବି ହୋଇଥିଲା । ଧାରଣାର ୫ ଦିନ ପରେ ମଙ୍ଗଳବାର ସମସ୍ୟାର ସମାଧାନ ନେଇ ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ଗୃହରେ ଜିଲା ପ୍ରଶାସନ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଅଧ୍ୟକ୍ଷତା କରିଥିଲେ। ପାଇକ କୁପାଖାଲ ଅଞ୍ଚଳରେ ବାକିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବ । ଏଥିପାଇଁ ଜିଲାପାଳ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ସମାଧାନ କରି ଆବଶ୍ୟକ ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରକାଶ କରିଥିଲେ। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଏଠାରେ ଥିବା ସବ୍‌ସେଣ୍ଟରକୁ ତୁରନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ । ଏଥିସହ ଅଞ୍ଚଳର ଗର୍ଭବତୀ ମହିଳାମାନଙ୍କ ପାଇଁ ପ୍ରସବ କେନ୍ଦ୍ର ଖୋଲାଯିବ ବୋଲି ଜିଲାପାଳ କହିଥିଲେ । ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବ। ମାଇକଞ୍ଚ, ଚନ୍ଦ୍ରଗିରି ପାଇଁ ୨ଟି ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ବୋର୍ଡ କମିଟି ବୈଠକରେ ଅନୁମୋଦନ ହୋଇସାରିଛି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଯିବ । ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋଟାଖାଲ ଗ୍ରାମରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଉକ୍ତ ଗ୍ରାମ ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ କରିବାକୁ ଉତ୍କଳ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦୂଷଣ ବିଭାଗ ପକ୍ଷରୁ ଚିଠି କରାଯାଇଥିବା ଆଞ୍ଚଳିକ ପ୍ରଦୂଷଣ ବୋର୍ଡ଼ ଅଧ୍ୟକ୍ଷ କହିଥିଲେ । ତୁରନ୍ତ ଏ ଉପରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଅଞ୍ଚଳ ଗସ୍ତକରି ସମସ୍ୟାଗୁଡିକର ସମାଧାନ ନିମନ୍ତେ ତୁରନ୍ତ ରିପୋର୍ଟ ଦାଖଲ କରିବା ଏବଂ ବଳକା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଇକ କୁପାଖାଲ ଗ୍ରାମକୁ ଏକ ଆଦର୍ଶ ଗ୍ରାମଭାବେ ଗଢ଼ାଯିବ ବୋଲି ଜିଲାପାଳ କହିଥିଲେ । ବେକାର ଯୁବତୀଯୁବକମାନଙ୍କ ପାଇଁ ଏକ କ୍ୟାମ୍ପ କରାଇ ଆତ୍ମନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ଏଥିସହ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆବଶ୍ୟକ ଔଷଧ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ସମସ୍ତ ସମସ୍ୟାର ଆଲୋଚନା ପରେ ଧାରଣାରେ ବସିଥିବା ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ଅଞ୍ଚଳବାସୀ ଧାରଣାରୁ ଓହରିଥିଲେ । ଏହି ବୈଠକରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, କାଶୀପୁର ବିଡିଓ ବି.ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଦୀପ ଚନ୍ଦ୍ର ମଣ୍ଡଳ, ଜିଲା ଯୋଜନା ଅଧିକାରୀ ନାରାୟଣ ମିଶ୍ର, ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର କର, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ସମିତି ସଭ୍ୟ ଶଙ୍କର ନାଏକ, ଅଭିରାମ ମାଝି, ସୁନାଧର ଚଲାଣ, ଅଭିରାମ ମାଝି ଏବଂ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ରାମନାଗୁଡା, ୩୦।୧୦(ଡ଼ି.ଏନ.ଏ)

ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ରାମନାଗୁଡା ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି । ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ପିସି କାରବାର ଏବଂ ମନୋମୁଖୀ କାର୍ଯ୍ୟକ୍ରମକୁ ବିରୋଧ କରାଯାଇ ଏକ ୨୯ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା କର୍ମୀମାନେ ସ୍ଥାନୀୟ ଗେଟବଜାରଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବ୍ଲକ ଫାଟକଠାରେ ପୋଲିସ ଅଟକାଇବାକୁ ଚେଷ୍ଟା କରିବାରୁ କର୍ମୀମାନେ ଧସେଇ ପଶିଥିଲେ। ବିଡିଓ ସୁଧାକର ରାଉତ ଓ ତହସିଲଦାର ଜୟଶ୍ରୀ ମଲ୍ଲିକଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ । ରାମମୂର୍ତ୍ତି ମୁତ୍ତିକା, ଶିଶିର ଗମାଙ୍ଗ, ହରେକୃଷ୍ଣ ପାଢ଼ୀ, ଦାମୋଦର କଂସବେହେରା, ଶିବଶଙ୍କର ଉଲାକା ସାମିଲ ହୋଇଥିଲେ ।

# ଜିଲାପାଳଙ୍କ ବଦଳି ଦାବି କଲା ଆଦିବାସୀ ମହାସଂଘ

ରାୟଗଡା ଅଫିସ୍, ୩୦।୧୦



ଖବରଦାତା ସମ୍ମିଳନୀରେ ଆଦିବାସୀ ମହାସଂଘର କର୍ମକର୍ତ୍ତାମାନେ।

ରାୟଗଡ଼ାରେ ଜିଲାର ଉନ୍ନତି ପାଇଁ ଜିଲାପାଳ ଠିକ୍ ଭାବେ କାର୍ଯ୍ୟ ତୁଲାଉ ନାହାନ୍ତି । ତେଣୁ ୧୦ ଦିନ ମଧ୍ୟରେ ଜିଲାପାଳଙ୍କ ବଦଳି କରାଯାଉ । ନଚେତ୍ ଜିଲା ବନ୍ଦ କରାଯିବ । ମଙ୍ଗଳବାର ରାୟଗଡା ଜିଲା ଆଦିବାସୀ ମହାସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଆବାହକ ବସନ୍ତ ଉଲ୍ଲାକା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଜିଲାରେ ତିତ୍‌ଲିର ପ୍ରଭାବରେ ଯେଉଁ କ୍ଷୟକ୍ଷତି ଘଟିଥିଲା ତାହାର ଆକଳନ ଜିଲା ପ୍ରଶାସନ ପକ୍ଷରୁ ଠିକ୍ ଭାବେ କରାଯାଇନାହିଁ । ତିତ୍‌ଲିର ପ୍ରଭାବରେ ୩ଜଣ ମୃତ୍ୟୁବରଣ କରିଥିବା ବେଳେ ଏହାର ରିପୋର୍ଟ ପ୍ରଶାସନ ନିକଟରେ ନାହିଁ । ଯଦ୍ୱାରା ମୃତ୍ୟୁବରଣ କରିଥିବା ପରିବାରବର୍ଗ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ନାଗାବଳୀ ନଦୀ ଉପରେ ଥିବା ଝୁଲାପୋଲର ରକ୍ଷଣାବେକ୍ଷଣ ଓ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା କରାଯାଉନାହିଁ। ୫ବର୍ଷ ମଧ୍ୟରେ ରାୟଗଡା ପୌର ପରିଷଦରେ ହୋଇଥିବା ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟର ତଦନ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଉ ଏହି ପିସି କାରବାରରେ ପ୍ରଶାସନ ଓ ଶାସକ ଦଳର ନେତା ସମ୍ପୃକ୍ତ ଥିବା ଆଦିବାସୀ ମହାସଂଘ ଅଭିଯୋଗ କରିଛି । ଦୀର୍ଘମାସ ହେଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଗର୍ଭବତୀ ଓ ରୋଗୀ ଆମ୍ବୁଲାନ୍ସ ନ ଥିବାରୁ ଭାରରେ ବୁହା ହେଉଛନ୍ତି । ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଜିଲାପାଳ ଶାସକଦଳର ଏଜେଣ୍ଟ ସାଜିଥିବା ବେଳେ ଜିଲାର ଗରିବ, ଖଟିଖିଆ ଓ ମଜୁରୀଆଙ୍କ ପାଇଁ ଜିଲାପାଳ କୌଣସି କାର୍ଯ୍ୟ କରୁନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ତେଣୁ ୧୦ଦିନ ମଧ୍ୟରେ ଜିଲାପାଳ ହଟାଅ ଦାବିରେ ମହାସଂଘ ପକ୍ଷରୁ ବନ୍ଦ ପାଳନ ଓ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଶ୍ୟାମ ବିଡିକା, ରାଜେନ୍ଦ୍ର ବିଡିକା, ସନ୍ତୋଷ କାଡ୍ରାକା, ବୃନ୍ଦାବନ ବିଡିକା, ଗଙ୍ଗାରାଜୁ ବିଡିକା, ସଞ୍ଜୟ ରାଓ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ ।


## ଭାରତୀୟ ରିଜର୍ଭ ବ୍ୟାଙ୍କ୍
www.rbi.org.in

## ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପାଳ ଯୋଜନା-୨୦୧୮

ଯଦି ରିଜର୍ଭ ବ୍ୟାଙ୍କ୍# ଦ୍ୱାରା ପଞ୍ଜୀକୃତ ହୋଇଥିବା କୌଣସି ଜମାଗ୍ରହଣକାରୀ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତାଙ୍କଦ୍ୱାରା ପ୍ରଦତ୍ତ ସେବା* ସମ୍ବନ୍ଧୀୟ **ଅଭିଯୋଗକୁ ୩୦ ଦିନ ମଧ୍ୟରେ ସମାଧାନ କରି ନ ପାରନ୍ତି ଅଥବା ଆପଣ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହନ୍ତି,** ତେବେ ଆପଣ 'ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ'ଙ୍କୁ ନିମ୍ନପ୍ରଦତ୍ତ ଠିକଣାରେ ଆବେଦନ କରିପାରିବେ।

**The NBFC Ombudsman (East Zone)**
**C/o Reserve Bank of India**
**4th Floor, 15, N.S. Road, Kolkata-700001**
**Phone No. 033-22628772, Fax: 033-22305899**
**E-mail: nbfcokolkata@rbi.org.in**

ପଶ୍ଚିମବଙ୍ଗ, ସିକିମ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ଗୁଡ଼ିକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ (ପୂର୍ବ କ୍ଷେତ୍ର)ଙ୍କର କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି।

**ଦ୍ରଷ୍ଟବ୍ୟ: ଅଭିଯୋଗ କରିବାର ବିଷୟ, ଅଭିଯୋଗ ଦାଖଲ କରିବା ଏବଂ ଅପିଲ କରିବାର ପ୍ରଣାଳୀ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୱେବସାଇଟ https://rbidocs.rbi.org.in/rdocs/Content/PDFs/NBFC23022018.pdf ଏବଂ https://www.rbi.org.in/Scripts/FAQView.aspx?Id=125 କୁ ଦେଖନ୍ତୁ।**

* ଯେଉଁସବୁ ସେବାପ୍ରଦାନର ତ୍ରୁଟି ସମ୍ବନ୍ଧରେ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳଙ୍କୁ ଆବେଦନ କରିପାରିବେ, ତାହା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ ଯୋଜନା-୨୦୧୮ର ଧାରା ୮ରେ ଉପଲବ୍ଧ।

\# ଆପଣ ନିବେଶ କରିଥିବା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜୀକୃତ କି ନୁହେଁ ଜାଣିବାପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ **https://rbi.org.in/Scripts/NBFC_Pub_lic.aspx** କୁ ଦେଖନ୍ତୁ।

ସତର୍କତା: ଇ-ମେଲ୍/ଏସ୍‌ଏମ୍‌ଏସ୍/ଫୋନ କଲ୍ ମାଧ୍ୟମରେ ଟଙ୍କା ଦେବାର ପ୍ରତିଶ୍ରୁତି ଭଳି ଠକାମିର ଶିକାର ହୁଅନ୍ତୁ ନାହିଁ।










## ସଂକ୍ଷେପରେ

### ଚୋରା ମଦ କାରବାର: ୨ ଗିରଫ

ପାରଳାଖେମୁଣ୍ଡି, ୩୦।୧୦ (ସ୍ୱ.ପ୍ର.) ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପୋଲିସ ଚୋରା ମଦ କାରବାର ଅଭିଯୋଗରେ ଦୁଇଜଣ ମହିଳାଙ୍କୁ ଗିରଫ କରିଛି । ଦୁହିଁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଥାନା ପକ୍ଷରୁ ସୋମବାର ରାତିରେ ପାଟ୍ରୋଲିଂ ବେଳେ ସହର ଉପକଣ୍ଠ ଗୁମ୍ମା ନାଳ ପାଖରେ ବିଶିକା ମହାଙ୍କୁଡଙ୍କୁ ପୋଲିସ ସନ୍ଦେହରେ ଅଟକାଇ ପଚରାଉଚରା କରିଥିଲା। ତାଙ୍କଠାରୁ ୩୮ ପ୍ୟାକେଟ ଚୋରା ଦେଶୀ ମଦ ଜବତ ହୋଇଥିଲା। ତାଙ୍କ ଘର ସହର ପାରଳା ଜାଗିଲି ସାହିରେ ବୋଲି ଜଣାପଡିଛି। ଏ ନେଇ କେସ୍ ନଂ. ୨୧୬/୧୮ ରୁଜୁ ହୋଇଥିବା ଏଏସ୍ଆଇ ପି.କେ. ତାରିଣୀ କହିଛନ୍ତି। ସେହିପରି ଝାମିଗାଁ ରାସ୍ତାରେ ଏସ୍.ପି. ଡାଲାମ୍ମା(୫୦)ଙ୍କ ନିକଟରୁ ୪୦ ପ୍ୟାକେଟ ଦେଶୀ ମଦ ଜବତ ହୋଇଥିଲା। ଡାଲାମ୍ମାଙ୍କ ଘର ପାରଳା ଦଣ୍ଡାସୀ ସାହିରେ ବୋଲି ଜଣାପଡିଛି । ଏନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ. ୨୧୭/୧୮ ରୁଜୁ କରାଯାଇଥିବା ଏଏସ୍ଆଇ ପୀତବାସ ଶତପଥି କହିଛନ୍ତି ।

### କାର୍ତ୍ତିକେଶ୍ୱର ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି, ୩୦।୧୦ (ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବଡବ୍ରାହ୍ମଣ ସାହି ଛକରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୨୧ତମ ପୂଜା ପାଳନ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ୯ଦିନ ବ୍ୟାପି କାର୍ଯ୍ୟକ୍ରମ ଚାଲିବ। ହୋମ ଜଜ୍ଞ, ଅନ୍ନସେବା ଇତ୍ୟାଦି ସମେତ କାର୍ତ୍ତିକ ପୂର୍ଣ୍ଣମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତ ବର୍ଷ ତିତ୍‌ଲି ବାତ୍ୟା ଯୋଗୁ ଜାକଜମକ କମ୍ ରହିବ ବୋଲି ଜଣାପଡିଛି । ଶୁଭଖୁଣ୍ଟି ସ୍ଥାପନ ଅବସରରେ ସୁନୀଲ କୁମାର ଅଧିକାରୀ, ମନୋଜ କୁମାର ସାହୁ, ଶରତ ପଣ୍ଡା, ଶୁଶାନ୍ତ ମହାରଣା, ରଘୁନାଥ ପଟ୍ଟନାୟକ, ସତ୍ୟନାରାୟଣ ପାଢୀ, କିରଣ ପାଳ, ପ୍ରମୋଦ କୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ■ ପଲିଥିନ କଳାବଜାର ନେଇ ଅଭିଯୋଗ

# ଜିଲାପାଳଙ୍କୁ ଭେଟିଲେ ପଞ୍ଚାୟତ ପ୍ରତିନିଧି

### କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଲେ

ପାରଳାଖେମୁଣ୍ଡି/ରାୟଗଡ଼ (ଗଜପତି), ୩୦।୧୦ (ସ୍ୱ.ପ୍ର.)

ଗଜପତି ଜିଲା ରାୟଗଡ ବ୍ଲକ କରଡାସିଂ ପଞ୍ଚାୟତରେ ପଲିଥିନ ଠିକ୍ ଭାବେ ବଣ୍ଟା ନ ଯାଇ କଳାବଜାର ଉଦ୍ଦେଶ୍ୟରେ ଅନ୍ୟତ୍ର ରଖାଯାଇଥିବା ଅଭିଯୋଗ ଆଣିଛନ୍ତି କେତେଜଣ ପଞ୍ଚାୟତ ପ୍ରତିନିଧି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ସେମାନେ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନାଏବ ସରପଞ୍ଚ କାଲେବ କାର୍ଜୀଙ୍କ ନେତୃତ୍ୱରେ ଆସିଥିବା ଶଙ୍କର ଶବର, ଶୈଳେନ୍ଦ୍ର କୁମାର ଭୂୟାଁ, ବିନ୍ଧ୍ୟାଶିନୀ ରାଉଳ, ଲବ ବେହେରା, ସୁଭଦ୍ରା ଶବର, ହେମଲତା ଗୌଡ ପ୍ରମୁଖଙ୍କ ଅଭିଯୋଗ ଅନୁଯାୟୀ, ତିତ୍‌ଲି ବିପନ୍ନଙ୍କ ପାଇଁ ଆସିଥିବା ପଲିଥିନକୁ ପଦ୍ମପୁର ଗ୍ରାମର ଜଣେ ବ୍ୟବସାୟୀ ନିଜ ଗୋଦାମରେ ଗଚ୍ଛିତ ରଖିଥିଲେ। ଏହା ଚୋରା ଚାଲାଣ ବେଳେ କିଛି ଗ୍ରାମବାସୀ ଦେଖି ଅଟକାଇବାକୁ ଯିବାରୁ କଳାବଜାରୀମାନଙ୍କ ମଧ୍ୟରୁ କେତେଜଣ ପଲିଥିନଗୁଡିକ ଧରି ଦୌଡ଼ି ପଳାଇଥିଲେ। ବାତ୍ୟା ବିପନ୍ନଙ୍କ ପାଇଁ ଆସିଥିବା ଉକ୍ତ ପଲିଥିନଗୁଡିକୁ ପଞ୍ଚାୟତ କାର୍ଯ୍ୟାଳୟରେ ରଖାଯିବା ସହ ୱାର୍ଡମେମ୍ବରମାନଙ୍କ ଜରିଆରେ ବଣ୍ଟାଯିବା କଥା। ମାତ୍ର ପଲିଥିନଗୁଡିକ ଜଣେ ବ୍ୟବସାୟୀଙ୍କ ଗୋଦାମରେ କିପରି ରହିଲା ବୋଲି ଏହି ପଞ୍ଚାୟତ ପ୍ରତିନିଧିମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସେମାନେ ରାୟଗଡ ତହସିଲଦାରଙ୍କୁ ଜଣାଇବା ପରେ ସେ ଗତ ୨୮ତାରିଖରେ ଅତିରିକ୍ତ ତହସିଲଦାର ଜନତା ଭୂୟା ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିବା ସହ ୧୯ ବଣ୍ଡଲ ପଲିଥିନ ଜବତ କରିଥିଲେ। ଇତିମଧ୍ୟରେ ୨ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ ଚାଲିଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ପଞ୍ଚାୟତ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ସମିତି ସଭ୍ୟ ଜ୍ଞାନରଞ୍ଜନ ଜେନା କହିଛନ୍ତି ଯେ, ମୁଁ ଗତ ୧୮ତାରିଖରେ ୨ଶହ ବଣ୍ଡଲ ପଲିଥିନ ଗ୍ରହଣ କରିଥିଲି। ଗୋଟିଏ ଟ୍ରକରେ ୧୮୦ ପ୍ୟାକେଟ ପଠାଇଥିଲି। ତାହାକୁ ସେହିଦିନ ବିଭିନ୍ନ ପଞ୍ଚାୟତରେ ବଣ୍ଟାଯାଇଥିଲା। ଅନ୍ୟ ୨୦ ବଣ୍ଡଲ ଆସୁଥିବା ଗାଡ଼ିରେ ସମସ୍ୟା ହୋଇଥିଲା। ତେଣୁ ତାହାକୁ ଉକ୍ତ ଗୋଦାମରେ ରଖାଯାଇଥିଲା। ୨୮ତାରିଖରେ ଗୋଟିଏ ବଣ୍ଡଲ ଖୋଲି କିଛି ବଣ୍ଟା ଯାଇଥିଲା। ପରେ ସମୟ ଅଭାବରୁ ତାହାକୁ ବନ୍ଦ କରିଦିଆଯାଇଥିଲା। ପଦ୍ମପୁର ଅଞ୍ଚଳରେ ବଣ୍ଟାଯିବାକୁ ଅବଶିଷ୍ଟ ୧୯ବଣ୍ଡଲ ପଲିଥିନ ସେଠାରେ ରହିଥିଲା। ଏ ନେଇ ଜିଲାପାଳ ଅନୁପମ ଶାହା କହିଛନ୍ତି ଯେ, ତହସିଲଦାରଙ୍କୁ ପଚାରିବାରେ ଗାଡ଼ି ସମସ୍ୟା ଯୋଗୁ ସମ୍ପୃକ୍ତ ସ୍ଥାନରେ କିଛି ପଲିଥିନ ରଖିଦିଆଯାଇଥିଲା ବୋଲି ପ୍ରକାଶ କରିଥିଲେ। ତେବେ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଠାରେ ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତରେ ୧୮ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଥିବା ବେଳେ ୩୬୦ ପଲିଥିନ ବଣ୍ଡଲ ପ୍ରଦାନ କରାଯାଇଛି। ଗତ ୧୫ତାରିଖରେ ୩୦ଟି, ୧୬ତାରିଖରେ ୫୦ଟି ଏବଂ ୧୭ତାରିଖରେ ୮୦ଟି ବଣ୍ଡଲ ପଲିଥିନ ଏମ୍ପି ପ୍ରତିନିଧି ହରି ବିଶ୍ୱାଳ ଗ୍ରହଣ କରିଥିବା ବେଳେ ୧୮ତାରିଖରେ ୨ଶହ ବଣ୍ଡଲ ପଲିଥିନ ସମିତିସଭ୍ୟ ଜ୍ଞାନରଞ୍ଜନ ଜେନା ଗ୍ରହଣ କରିଥିବା ରେକର୍ଡରେ ଉଲ୍ଲେଖ ରହିଛି ବୋଲି ତହସିଲଦାର ତନ୍ମୟ ପାତ୍ର କହିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ପଞ୍ଚାୟତ ପ୍ରତିନିଧି ।



ଜବତ ପଲିଥିନ ।



ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଭାଜପା ପକ୍ଷରୁ ନୂଆଗଡ଼, ଗୁମ୍ମା ବ୍ଲକ ଅଫିସ୍ ଘେରାଉ

ପାରଳାଖେମୁଣ୍ଡି/ ଗୁମ୍ମା, ୩୦।୧୦(ସ୍ୱ.ପ୍ର./ଡି.ଏନ.ଏ.)– ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି, ଭ୍ରଷ୍ଟାଚାର ଇତ୍ୟାଦି ଅଭିଯୋଗ ଆଣି ଭାଜପା ପକ୍ଷରୁ ମଙ୍ଗଳବାର ଗୁମ୍ମା ଓ ନୂଆଗଡ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଗୁମ୍ମାଠାରେ ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଗୁମ୍ମା ବ୍ଲକ ସଭାପତି ରାମକୃଷ୍ଣ ପାଇକ, ଜିଲା ସଭାପତି ଜି. ଭେଙ୍କଟରାବଣା ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ପୂର୍ବତନ ବିଧାୟକ ଭରତ ପାଇକ ଓ ଜିଲାପରିଷଦ ଅଧ୍ୟକ୍ଷା ଅନୀତାରାଣୀ ବେହେରାଙ୍କ ନେତୃତ୍ୱରେ ନୂଆଗଡ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ନେତାମାନେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏହି ନେତା ଦ୍ୱୟ କହିଥିଲେ ଯେ, ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥକୁ ବ୍ୟଭିଚାର ଓ ଭ୍ରଷ୍ଟାଚାର ରାସ୍ତାରେ ନିଆଯାଇ ସେଥିରୁ ରାଜ୍ୟ ସରକାର ରାଜନୈତିକ ଲାଭ ଉଠାଉଛନ୍ତି। ବିଜୁ ଯୁବ ବାହିନୀରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ଯୁବକମାନଙ୍କୁ ଚୟନ କରାନଯାଇ ଦଳୀୟ ଆଧାରରେ ଚୟନ କରାଯାଇ ରାଜନୈତିକ ଅରାଜକତା ଚାଲିଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବେ ସରକାରୀ ପାଣ୍ଠି ଠିକାଦାର ବିକାଶରେ ପରିଣତ ହୋଇଛି। ସେହିପରି ବିନା ଟେଣ୍ଡରରେ ବିଭିନ୍ନ ପ୍ରକଳ୍ପ ହେଉଛି। ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଅଣଦେଖା କରାଯାଉଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନ କରି ଓଡିଆଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜିଛନ୍ତି। ଧାରଣାରେ ବହୁ କର୍ମୀ ଓ ନେତା ସାମିଲ ଥିଲେ।

# ବାତ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୩୦।୧୦ (ସ୍ୱ.ପ୍ର.)

ଗଜପତି ଜିଲାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ କରାଯାଉଛି। ଜିଲାପାଳ ଅନୁପମ ଶାହା ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ସୁଦ୍ଧା ୧୩୭୭ଟି ଶିବିର ଖୋଲାଯାଇ ୩୨ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧ ବଣ୍ଟାଯାଇଛି । ଏଥିରେ ଗଜପତି ଜିଲାର ୧୯ ଟିମ୍, କନ୍ଧମାଳ ଜିଲାର ୫ ଟିମ୍ ସହଯୋଗ କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ଥିବା ୮ହଜାର କୂଅ ବିଶୋଧନ କରାଯିବାକୁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପଦକ୍ଷେପ ନିଆଯାଇଛି । ୯୪୮ ଗ୍ରାମରେ ଗ୍ରାମ କଲ୍ୟାଣ ସମିତି ସହାୟତାରେ ସଫେଇ କାର୍ଯ୍ୟ ଶେଷ ହୋଇଛି। ଘର ଘର ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ପ୍ରତିଶେଧକ ଟିକାକୁ ନିୟମିତ କରିବାପାଇଁ ଆଶାକର୍ମୀ, ଏଏନ୍ଏମ୍ ଏବଂ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଶାସନ ପକ୍ଷରୁ ସୁବିଧା ଓ ସହଯୋଗ ଯୋଗାଇ ଦିଆଯାଉଛି। ବିଶୁଦ୍ଧ ପାନୀୟଜଳ ପାଇଁ ଘର ଘର ବୁଲି ହାଲୋଜେନ ବଟିକା ବଣ୍ଟାଯାଉଛି। ଚାରିଚକିଆ ଯାନ ପହଞ୍ଚିପାରୁ ନ ଥିବା ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ଦୁଇଚକିଆ ଯାନ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ସଂକ୍ରାମକ ରୋଗ ଯେପରି ନ ବ୍ୟାପେ ସେଥିଲାଗି ପ୍ରଶାସନ ସଜାଗ ରହିଛି।



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

# ଫସଲ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

ପାରଳାଖେମୁଣ୍ଡି, ୩୦।୧୦ (ସ୍ୱ.ପ୍ର.)– ଗଜପତି ଜିଲାର ବାତ୍ୟା କ୍ଷତିଗ୍ରସ୍ତ କୃଷକମାନେ ଫସଲ କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟ ପଟ୍ଟନାୟକଙ୍କ ନେତୃତ୍ୱରେ ଆସିଥିବା ୩୦ରୁ ଊର୍ଦ୍ଧ୍ୱ କୃଷକ କହିଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଭୂ-ରାଜସ୍ୱ ଟିକସ ପଇଠ କରିବା ପରେ ସହାୟତା ରାଶି ଦିଆଯିବ ବୋଲି ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନେ କହୁଛନ୍ତି । ବାତ୍ୟାରେ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିପଡିଥିବା ବେଳେ ସେମାନଙ୍କୁ ଏହି ଟିକସ ଦେବାପାଇଁ କୁହାଯିବା କେତେଦୂର ଯୁକ୍ତିଯୁକ୍ତ। ଦୀର୍ଘ ୨୦ବର୍ଷ ହେବ ଜିଲାର ଚାଷୀମାନେ ନିଜ ଜମିର ବୀମା ରାଶି ଦେଇ ଆସୁଥିବାବେଳେ ତିତ୍‌ଲି ଭଳି ମହାବାତ୍ୟା ପରେ ମଧ୍ୟ ବୀମା କମ୍ପାନୀଗୁଡିକ ପକ୍ଷରୁ କୌଣସି ସହାୟତା ଦିଆଯାଇନାହିଁ। ପୂର୍ବରୁ ରୋଗ ପୋକ ପାଇଁ ଫସଲ କ୍ଷତି ହୋଇଥିଲା। ସେଥିପାଇଁ ମଧ୍ୟ କୌଣସି ବୀମା ରାଶି କୃଷକଙ୍କୁ ମିଳିନାହିଁ । ସରକାର ତୁରନ୍ତ ଅନୁକମ୍ପା ରାଶି ଦେବା ସହ କୃଷି ଋଣ ଛାଡ କରିବାକୁ କୃଷକ ଷରୁ ସଂଘ ପଦାବି ହୋଇଛି । ଆଗାମୀ ୭ଦିନ ମଧ୍ୟରେ ଦାବିପୂରଣ ନହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୃଷକ ସଂଘ ସଭାପତି ସୂର୍ଯ୍ୟ ପଟ୍ଟନାୟକ କହିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କୃଷକମାନେ ।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

REQUIRED (ଆବଶ୍ୟକ)
1. Marketing Executive
2. Ladies Tailor (ଲେଡିଜ୍ ଟେଲର)–F
3. Biriyani Cook (ବିରିୟାନି ରୋଷେୟା)
4. ସେଲ୍ସ ମ୍ୟାନ (ଲେଡିଜ୍ ଆଇଟମ୍, ରାସନ ଓ ବିରିୟାନି)
Contact: 9439778365, 8327747035
Satya Nagar, BBSR

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE
ONLY CONTACT WITH DETAILS
AURO ENTERPRISERS
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at : auro.akc@gmail.com

ଏକ SNACKS ଦୋକାନରେ DATA ENTRY OPERATOR
ଆବଶ୍ୟକ । କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ ।
SHIVASHAKTI DRY FOODS
P.D MARKET, CRP SQUARE BHUBANESWAR
Mob : 9040036116

WALK-IN-INTERVIEW
Urgently required Accountant cum Ware house in-charge, Auto CAD Designer, DTP Operator, Office Assistance, Sales Man & Driver for a reputed trading organization. Salary negotioable. Interested persons are called for an interview at: AP Enterprises, Rath Road (Opp. Gurukulam School), Old Town, BBSR
Contact: 9337179757 /7008010120

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319945331

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

MNC VACANCY
21 IN CUTTACK
Quali.- 10th To Graduation.
Age below 30 years
MONTHLY SALARY
Rs.7500/- To Rs.17000/-
9937042198, 9937172198

WANTED CAR DRIVER
for office at Cuttack, Jagatpur.
CONTACT:
9437496020
7381075901

DALA AUTO DRIVER REQUIRED
A Reputed Food Processing Unit at Mancheswar, Bhubaneswar needs experienced Driver for their three wheeler Dala Auto. Interested candidates may
CONTACT: 9438182103

PART / FULL TIME
ଘରକାମ/ ରୋଷେଇ/ ପେସେଣ୍ଟ କେୟାର/ ପିଲା ଯତ୍ନ/ (ମହିଳା ଓ ପୁରୁଷ ଆବଶ୍ୟକ) । ରହିବା ଖାଇବା ସୁବିଧା ଅଛି। ବୟସ: (18-50). ଦରମା: 6,000ରୁ 10,000 ଟଙ୍କା ।
MOB: 9040063635 9090909111

Dr Lal PathLabs
One of India's oldest and leading diagnostic chain with its state-of-the-art diagnostic facilities requires:
PATHOLOGIST (Part Time)
For Puri, Odisha
Candidate should be an MBBS + MD / DNB (Pathology) With 0-5 years of relevant work experience in a laboratory.
Attractive Remuneration offered.
Interested candidates can contact Rashish Bhat (Asst. Manager HR) on 8826639509 or can share CV's on - rashish.bhat@lalpathlabs.com

A Play and Pre-School in Tankapani Road area of Bhubaneswar Requires
Teacher for Nursery: Graduate, trained, Strong English speaking ability (Rs.5000-10000 per month).
Teachers for CBSE school level Science, Social Studies, Mathematics, English (payment negotiable).
Arts and Crafts Teacher: Experience in teaching arts, painting, crafts (salary negotiable).
Song Teachers: Odissi and Hindustani classical singing teachers (salary negotiable).
Please apply with bio-data to
ngorecruitment@gmail.com

See Career Appointment on every Wednesday & Saturday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

नालको NALCO
National Aluminium Company Limited (A Government of India Enterprise)
Smelter Plant, Nalco Nagar, Angul - 759 145, Odisha, India
CIN : L27203OR1981GOI000920
A NAVRATNA COMPANY
WALK-IN-INTERVIEW
A walk-in-interview for engagement of one Homeopathy Doctor on retainership shall be held on 28.11.2018. For details, please visit 'careers' selection in www.nalcoindia.com.
Advt. No.14180201 AGM (IE), Recruitment

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୧/୨୦୧୮/ଆର୍‌ଇସିଟିଟି.(ପିଡବ୍ଲ୍ୟୁଡି)
ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଲାଗି ବିଶେଷ ନିଯୁକ୍ତି ଅଭିଯାନ
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ୍ୟ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

J.K. Trust, Bombay
WANTED RURAL DEVELOPMENT OFFICERS
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
J. K. Trust
Padmalaya, Ground Floor, Plot No: 166/2152/3368, Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix Improving Bovine Genetics

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

HDFC BANK We understand your world
OM FINANCE Authorized DSA of HDFC Bank Ltd.
We are the leading DSA of HDFC BANK Ltd requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur, Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. Team Manager - Male /Female - Minimum Graduate - Salary up to 15000 pm
2. Sales Officer - Male / Female - Minimum Graduate - Salary up to 12000 pm
3. Office assistant - Female - Commerce Graduate - Salary up to 12000 - 15000
4. Office Co ordinator - Female - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
We are also providing attractive incentive and bonus for all posts with salary
For Assistant Phone/Call ..
Bolangir/Sambalpur/Sonepur - 8457853731,7381003731
Jajpur/Balasore/Bhadrak - 7788900434,9658987215
Others - 9238326748,9348117069,9853428171
Come with Resume and one colour passport size photo for walk in interview dated 2nd, 3rd, 4th November 2018 between 11am to 2 pm
OM FINANCE, PLOT NO - 270, KHARVEL NAGAR, BHUBANESWAR
Web site-www.omfinance.co.in, Email - omfn@rediffmail.com

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୨/୨୦୧୮/ଇଆର୍-ଆର୍‌ଇସିଟିଟି.(ଜେଆର୍.ଏଏସ୍‌ଏସ୍‌ଟିଟି.(ଏଫ୍‌ଏସ୍)
ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ନିମନ୍ତେ ନିଯୁକ୍ତି
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ୍ୟ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

URGENTLY REQUIRED
Bhumisree Consultancy & Marketing (P) Ltd.
Our client DRDA, Mayurbhanj, Govt. of Odisha has urgently requied following manpower for its time bound project on outsourcing basis. So interested candidate may send their all testimonial with Bio-data, experience detail by Speed Post/ Courier/mail/ By hand within 7 days. Shortlisted candidates will call for interview.

| PESA under RGSA Scheme | | DPRC under RGSA Scheme | |
|---|---|---|---|
| Positions (No. of Posts) | Monthly Remuneration | Positions (No. of Posts) | Monthly Remuneration |
| District PESA Coordinatior (1 No.) | 20,000.00 | Faculty (1 No.) | 20,000.00 |
| Block PESA Coordinators (26 Nos.) | 10,000.00 | Support Staff (1 No.) | 10,000.00 |
| Gram Sabha Mobiliser (404 No.) | 1000.00 | Assistant (1 No.) | 8000.00 |

→The above remuneration including both share of EPF & ESIC except remuneration of Gram Sabha Mobilizer. For detail eligibility, qualification, experience, age limit & remuneration structure visit our website www.bhumisreenaukri.com.
Regd. Office Address: 725(P), Kartik Palace, Lane-6, B.M. Nagar, Gandamunda, Bhubaneswar- 751030, Odisha, Ph: 0674-2352042, Email Id: bcmplnaukri@gmail.com. * T & C apply.